

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୪ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 14 July 2024
Vol.No. 35 ■ No.188 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ଆଜି ଖୋଲିବ ରତ୍ନଭଣ୍ଡାର

ପୁରୀ, ୧୩/୭ (ନି.ପ୍ର): "ଦୀର୍ଘ ୪୬ ବର୍ଷ ପରେ ଆସନ୍ତାକାଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲିବ । ରତ୍ନଭଣ୍ଡାରର ମରାମତି ସହ ଅଳଙ୍କାର ଗଣତିମଣତି ମଧ୍ୟ ହେବ। ମହାପ୍ରଭୁଙ୍କ ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ସଂଖ୍ୟା, ଗୁଣାତ୍ମକ ମାନ, ଓଜନ ଓ ଫଟୋଚିତ୍ର ସମ୍ବଳିତ ଡିଜିଟାଲ କାଟାଲଗ୍ ମଧ୍ୟ ପ୍ରସ୍ତୁତ କରାଯିବ, ଯାହାକି ଭବିଷ୍ୟତ ପାଇଁ ଏକ ରେଫରେନ୍ସ ଡକ୍ୟୁମେଂଟ ଭାବେ ଉପଯୋଗ କରିହେବ । ଏହି ସମସ୍ତ ପ୍ରକ୍ରିୟାରେ ଧାର୍ମିକ ଭାବାବେଗ,ସ୍ୱଚ୍ଛତା ଓ ପାରଦର୍ଶିତାକୁ ଗୁରୁତ୍ୱ ଦିଆଯିବ । ଏନେଇ ପ୍ରସ୍ତୁତ ଏସପିଓ ମନ୍ଦିର ପ୍ରଶାସନକୁ ଦିଆଯାଇଛି ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଆବଶ୍ୟକତା ଅନୁସାରେ କାର୍ଯ୍ୟ କରିବାକୁ କୁହାଯାଇଛି ।" ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ସନ୍ଧ୍ୟାରେ ରତ୍ନଭଣ୍ଡାର ଖୋଲାଯିବା ପ୍ରସଙ୍ଗରେ ଏଭଳି ମତ ରଖିଛନ୍ତି।



ଆଜି ସନ୍ଧ୍ୟାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଆସନ୍ତାକାଲି ନିଶ୍ଚିତ ଭାବେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଯିବ । ତେବେ କେତେବେଳେ ଖୋଲାଯିବ ସେନେଇ ମନ୍ଦିରର ସେବାୟତମାନଙ୍କ ସହ ବିଚାରବିମର୍ଶ କରି ସମୟ ନିର୍ଘଣ୍ଟ ନିର୍ଦ୍ଧାରଣ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରତ୍ନଭଣ୍ଡାରର ମରାମତି ଓ ଗଣତିମଣତି ବାବଦ କାର୍ଯ୍ୟରେ ଅତ୍ୟନ୍ତ ସ୍ୱଚ୍ଛତା ଓ ସୁରୁଖୁରୁରେ କରିବା ପାଇଁ ବିଭିନ୍ନ କମିଟି ଗଠନ ହୋଇଛି । କିଏ କେଉଁ କମିଟିରେ ରହିବେ ତାହା ମଧ୍ୟ ସରକାର ଚୂଡ଼ାନ୍ତ କରିସାରିଛନ୍ତି । ପ୍ରତ୍ୟେକଟି କାର୍ଯ୍ୟ ବିଧିବ୍ୟବସ୍ଥା ଅନୁସାରେ କରାଯିବ । ରତ୍ନଭଣ୍ଡାର ଖୋଲିବା ସଂକ୍ରାନ୍ତ ଏସଓପି ଚୂଡ଼ାନ୍ତ ପାଇଁ ବୈଠକ ବସି ସରକାରଙ୍କ ପକ୍ଷରୁ ବିଭିନ୍ନ ଦିଗ ଉପରେ ତର୍ଜମା କରାଯାଇଛି । ଏହି ସମସ୍ତ ପ୍ରକ୍ରିୟାର ସୁପରିଚାଳନା ପାଇଁ ମୁଖ୍ୟ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏସଓପିରେ ସବୁକଥା ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । କେଉଁ କମିଟି କ'ଣ କାର୍ଯ୍ୟ କରିବ ତାହା ମଧ୍ୟ ଉଲ୍ଲେଖ ରହିଛି । ଗଣତି ସମୟରେ ରିଜର୍ଭବ୍ୟାଙ୍କର ପ୍ରତିନିଧି ଉପସ୍ଥିତ ମଧ୍ୟ ରହିବେ । ସେହିଭଳି ଭିତର ରତ୍ନଭଣ୍ଡାରକୁ କେଉଁମାନେ ଯିବେ ତାହା ମଧ୍ୟ ଚୂଡ଼ାନ୍ତ ହୋଇଛି । ବିଭିନ୍ନ କମିଟିରେ ମନ୍ଦିର ପରିଚାଳନା ସଦସ୍ୟ, ସେବାୟତ, ଏଏସଆଇ ପ୍ରତିନିଧି, ରିଜର୍ଭ ବ୍ୟାଙ୍କ ପ୍ରତିନିଧିଙ୍କୁ ସାମିଲ କରାଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏସବୁ କମିଟିର ସୁପରିଚାଳନା ଦାୟିତ୍ୱ ତୁଲାଇବେ ବୋଲି ସେ କହିଛନ୍ତି । ଶ୍ରୀ ହରିଚନ୍ଦନ ଆହୁରି ମଧ୍ୟ କହିଛନ୍ତି ଯେ, ଗତଥର ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି କାର୍ଯ୍ୟ ପାଇଁ ୭୦/୭୨ଦିନ ସମୟ ଲାଗିଥିଲା । କିନ୍ତୁ ଚଳିତଥର ଟେକ୍ନୋଲୋଜିରେ ସୁଧାର ଆସିଛି । ମାତ୍ର ଏହି କାର୍ଯ୍ୟ ପାଇଁ କେତେଦିନ ସମୟ ଲାଗିବ ତାହା କହିବା ଏବେ ସମ୍ଭବପର ନୁହେଁ । ଏହି ମରାମତି ଓ ଗଣତିମଣତି ▶▶ପୃଷ୍ଠା ୭

# ନର୍ସିଂହୋମ୍‌ରେ ଲାଗିଲା ନିଆଁ: ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୭ (ନି.ପ୍ର): ରୁପାର ସହର କଟକରେ ଏକ ଘରୋଇ ନର୍ସିଂହୋମ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିସହ ନର୍ସିଂହୋମ୍‌ରୁ ଉଦ୍ଧାର ହୋଇଥିବା ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପୁରୀ ଘାଟ ଥାନା କାଠଯୋଡି ନଦୀ ପଠାରେ ରହିଛି ତ୍ରୀଶା ନର୍ସିଂହୋମ୍। ଏହି ନର୍ସିଂହୋମ୍‌ର ତୃତୀୟ ମହଲାରେ ରହିଛି ଆଇସିୟୁ। ଯେଉଁଠି ଗୁରୁତର ରୋଗୀ ଓ ନବଜାତ ଶିଶୁଙ୍କ ଚିକିତ୍ସା ଚାଲିଥିଲା। ଠିକ୍ ସେହି



ସମୟରେ ଅର୍ଥାତ ଅପରାହ୍ନ ପ୍ରାୟ ସାଢ଼େ ୩ଟା ଭିତରେ ନର୍ସିଂହୋମ୍‌ର ଅଫିସ୍‌ରେ ଏସିରୁ ଧୂଆଁ ବାହାରିଥିଲା। ଟାହୁଁ ଟାହୁଁ ସେହି ଧୂଆଁ ତୃତୀୟ ମହଲାରେ ବ୍ୟାପୀ ଯାଇଥିଲା। ବିଦ୍ୟୁତ ସର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଖବର ପ୍ରକାଶ ପାଇବା ପରେ ଆଇସିୟୁରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଥିଲା। ଆଉ ଆରମ୍ଭ ହୋଇଥିଲା ଧାଁ ଦୌଡ଼। ନର୍ସିଂହୋମ୍‌ରେ ନିଆଁ ଲାଗିଥିବା ଖବର ପାଇଁ ଅଗ୍ନିଶମ ବିଭାଗର ୩ଟି ଟିମ୍ ପହଞ୍ଚିଥିଲା। ପ୍ରଥମେ ରୋଗୀଙ୍କୁ ଉଦ୍ୟମ କରାଯାଇଥିଲା। ସିଡି ପକାଇ ତୃତୀୟ ମହଲାରୁ ଅତି ଦୟନୀୟ ଭାବେ ଗୁରୁତର ରୋଗୀଙ୍କୁ ଉଦ୍ଧାର କରାଯାଇଥିଲା। ▶▶ପୃଷ୍ଠା ୭

# ସୀମାନ୍ତ ପୁଲିସ ଦ୍ୱାରା ମାଓ ଡମ୍ପ ଉଦ୍ଧାର

ମାଲକାନଗିରି, ୧୩/୭ (ନି.ପ୍ର): ସୀମାନ୍ତ ଆନ୍ଧ୍ରପ୍ରଦେଶର ଆଲ୍ଲୁରି ସୀତାରାମ ରାଜୁ ଜିଲ୍ଲା ଅନ୍ତର୍ଗତ ମାମ୍ପା ପୁଲିସ ଥାନା ଅଂଚଳର ବୁଦରାଲା ପଞ୍ଚାୟତର କାନ୍ନାଭାରମ ଗ୍ରାମ ନିକଟସ୍ଥ ଜଂଗଲରେ ପୁଲିସ କୁମ୍ବିଂ କରୁଥିବା ବେଳେ ମାଓ ଡମ୍ପ ଉଦ୍ଧାର କରିଛି। ଏହି ମାଓ ଡମ୍ପରେ ବିଦ୍ୟୁତ ତାର, ପ୍ଲଗ, ସ୍ୱିଚ, ବ୍ୟାଟେରି, ଜୋତା, ଏମସିଲ ପ୍ୟାକେଟ, ଟାରପଲିନ, ମାଓ ପୁସ୍ତକ ଇତ୍ୟାଦି ଜବତ କରାଯାଇଛି। ଆଲ୍ଲୁରି ସୀତାରାମ ରାଜୁ ଜିଲ୍ଲାର ଏସପି ତୁହିନ ସିହ୍ନାଙ୍କ ନେତୃତ୍ୱରେ ଜିଲ୍ଲାର ନକ୍ସଲ ପ୍ରବଣ ଅଂଚଳରେ ଗୁଇନ୍ଦାର ଖବର ଅନୁଯାୟୀ ଚଢାଉ ଜାରି ରହିଛି। ମାଓବାଦୀ ଏଗୁଡ଼ିକ ପୁଲିସ ଉପରେ ଆକ୍ରମଣ ପାଇଁ ଲୁଚାଇ ରଖିଥିବା ପୁଲିସ କହିଛି। ଏସପି ଶ୍ରୀ ସିହ୍ନାଙ୍କ କହିବା ଅନୁଯାୟୀ ନକ୍ସଲ ହିଂସା ଛାଡି ମୁଖ୍ୟସ୍ରୋତରେ ସାମିଲ ହେଲେ ବିକାଶ ସମ୍ଭବ ହେବ। ନିରୀହ ଆଦିବାସୀଙ୍କୁ ଟାର୍ଗେଟ ନକରି ସେମାନେ କିପରି ଚାଷରେ ଉନ୍ନତି କରିବେ ସେନେଇ ତାଂକୁ ସହଯୋଗ କରାଯାଉ। ଆଦିବାସୀ ପିଲାଙ୍କୁ ପାଠ ପଢିବାର ଅଧିକାର ରହିଛି। ତାକୁ ତାଂକ ଠାରୁ ଛିନ୍ନ କରାନଯାଉ ।ନକ୍ସଲ ଯେଉଁ ପଥରେ ଯାଉଛନ୍ତି କେବଳ ମୃତ୍ୟୁ ହିଁ ଶେଷ ।ତେଣୁ ବାକି ଜୀବନ ସୁଖଶାନ୍ତିରେ କଟାଇବାକୁ ପୁଲିସ ନକ୍ସଲଙ୍କୁ ଅନୁରୋଧ କରିଛି। ଆଦିବାସୀ ଭାଇଭଉଣୀଙ୍କୁ ଅନୁରୋଧ ନକ୍ସଲଙ୍କର ମିଥ୍ୟା କଥାରେ ନପଡି ନିଜର ଉନ୍ନତି କରିବା ସହ ସରକାରଙ୍କୁ ସହଯୋଗ କରନ୍ତୁ ।ପୁଲିସର ଘନ ଘନ ଚଢ଼ାଉରେ ନକ୍ସଲ ଏବେ ଦୁର୍ବଳ ହେବାକୁ ଲାଗିଲେଣି।

# ୨୦୦ ମିଟରରେ ୨ ଜଣଙ୍କୁ ଚାପି ଦେଲା କାର



ମୟୂରଭଞ୍ଜ, ୧୩/୭ (ନି.ପ୍ର): ୨୦୦ ମିଟର ଦୂରତାରେ ଦୁଇଟି ସ୍ଥାନରେ ଦୁଇ ଜଣଙ୍କୁ ପିଟିଲା ଦ୍ରୁତଗାମୀ କାର। ଆଜି ଅପରାହ୍ନରେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରେ ଘଟିଛି। ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଜଣେ ଗର୍ଭବତୀ ଅଛନ୍ତି। ମେଡ଼ିକାଲ୍ ଚେକ୍‌ଅପ ପରେ ଘରକୁ ଫେରିବା ବେଳେ ରାସ୍ତାରେ ଛିଡ଼ା ହୋଇଥିବା ବେଳେ ପିଟିଦେଲା କାର। ଆଜି ଅପରାହ୍ନ ପ୍ରାୟ ୩ଟା ବେଳେ ଯଶିପୁରରୁ ରାଇରଙ୍ଗପୁର ଅଭିମୁଖେ ଏକ ଦ୍ରୁତଗାମୀ କାର ଆସୁଥିଲା। ସେହି କାରଟି ଦଲ୍‌କି ଛକରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଡାକ୍ତର ପାତ୍ରଙ୍କୁ ଧକ୍କା ଦେଇଥିଲା। ତା'ପରେ କାରଟି ଦ୍ରୁତ ଗତିରେ ଯାଇ ଯାଉଥିବା ବେଳେ ସେରଣା ଛକରେ ଛିଡ଼ା ହୋଇଥିବା ▶▶ପୃଷ୍ଠା ୭

# ଆଜିଠୁ ପ୍ରବଳ ବର୍ଷିବ: ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୧୩/୭ (ନି.ପ୍ର): ଆଜିଠୁ ରାଜ୍ୟରେ ବଢ଼ିବ ବର୍ଷାର ପରିମାଣ ଓ ବିସ୍ତୃତି। ବଙ୍ଗୋପସାଗରରେ ସମ୍ଭାବ୍ୟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବଢିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାଣିପାଗର କେନ୍ଦ୍ରର ସୂଚନା ଅନୁସାରେ, ଆଗାମୀ ୪ ଦିନ ଯାଏ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିବ। ୧୩, ୧୪ ଓ ୧୫ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ୧୩ ତାରିଖରେ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ରାୟଗଡା, ଗଜପତି , କନ୍ଧମାଳ, ମୟୂରଭଞ୍ଜ ଓ କେଉଁଝର ଆଦି ଜିଲ୍ଲାରେ ପ୍ରବଳ ବର୍ଷା ହେବ। ଏଥିସହ ବିଜୁଳି ଘଡ଼ଘଡ଼ି ମଧ୍ୟ ହେବ। ସେହିପରି ୧୪ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ହେବ। ୧୫ ତାରିଖରେ ରାୟଗଡ଼ା, ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ସୂଚନା ଦେଇଛି ପାଣିପାଗ କେନ୍ଦ୍ର। ତେବେ ଏହି ସବୁ ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ▶▶ପୃଷ୍ଠା ୭

# ନାଇଜେରିଆରେ ଦୁଇମହଲା ସ୍କୁଲ ଭୁଶୁଡିଲା: ୨୨ ମୃତ, ୧୩୨ ଆହତ

ଅବୁଜା, ୧୩/୭ (ନି.ପ୍ର): ଆଫ୍ରିକୀୟ ଦେଶ ନାଇଜେରିଆରେ ସେଂଟ ଏକାଡେମୀ ସ୍କୁଲର ଦୁଇମହଲା ବିଲ୍ଡିଂର ବଡ ଅଂଶ ଭୁଶୁଡିବା କାରଣରୁ ୨୨ଜଣ ବିଦ୍ୟାର୍ଥୀଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩୨ଜଣ ଆହତ ହୋଇଛନ୍ତି । ଉତ୍ତର-ମଧ୍ୟ ନାଇଜେରିଆର ପଠାର ରାଜ୍ୟର ରାଜଧାନୀ ଜୋଶର ଶୁକ୍ରବାର ସକାଳ ୯.୨୦ ମିନିଟ ସମୟରେ ଏହି ଘଟଣା ଘଟିଛି। ନାଇଜେରିଆ ସମାଚାର ପତ୍ର ନାଇଜେରିୟନ ଟ୍ରିବ୍ୟୁନ ଓ ଦ ନେସନର ରିପୋର୍ଟ ମୁତାବକ ଏହି ସ୍କୁଲ ବୁସା ବୁଜି ବ୍ରିଜ ସମ୍ମୁଖରେ ରହିଛି ।

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ: ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପୁରୀରେ ରହିବେ ୩ ମନ୍ତ୍ରୀ

ଭୁବନେଶ୍ୱର, ୧୩/୭ (ନି.ପ୍ର): ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପୁରୀରେ ରହିବେ ୩ ମନ୍ତ୍ରୀ । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହିତ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପୁରୀରେ ରହିବା ନେଇ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



। ଆସନ୍ତାକାଲିଠାରୁ ପୁରୀ ଯାଇ ରଥଯାତ୍ରାର ଅବଶିଷ୍ଟ ରୀତିନୀତି ନିରୀକ୍ଷଣ କରିବାକୁ ମୁଖ୍ୟମନ୍ତ୍ରୀ ଏହି ୩ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ନିଳାଦ୍ରୀ ବିଜେ ସରିବା ପର୍ଯ୍ୟନ୍ତ ପୁରୀଠାରେ ସକ୍ରିୟ ଭାବେ ଉପସ୍ଥିତ ରହି ଶ୍ରୀଗୁଣ୍ଡିଚା ଯାତ୍ରାର ଅବଶିଷ୍ଟ ରୀତିନୀତି ଯେପରି ସୁବ୍ୟବସ୍ଥିତ ଓ ▶▶ପୃଷ୍ଠା ୭

# ମୁମ୍ବାଇରେ ପ୍ରବଳ ବର୍ଷା ଆଲର୍ଟ: ସମୁଦ୍ରରେ ଉଠିବ ଉଚ୍ଚ ଲହଡି

ମୁମ୍ବାଇ, ୧୩/୭ (ନି.ପ୍ର): ପାଣିପାଗ ବିଭାଗ ମୁମ୍ବାଇରେ ପ୍ରବଳ ବର୍ଷା ନେଇ ଆଲର୍ଟ ଜାରି କରିଛି । ଏହାସହିତ ସମୁଦ୍ରରେ ସନ୍ଧ୍ୟାରେ ଉଚ୍ଚ ଜୁଆରର ଚେତାବନୀ ମଧ୍ୟ ଜାରି କରାଯାଇଛି । ଏହି ସମୟରେ ସମୁଦ୍ରରେ ୩.୬୯ ମିଟରର ଉଚ୍ଚ ଲହଡି ଉଠିବ । ବିଏମସି ପକ୍ଷରୁ ମୁମ୍ବାଇବାସୀଙ୍କୁ ସତର୍କ ରହିବା ଏବଂ ସମୁଦ୍ର କୂଳକୁ ନଯିବା ପାଇଁ ଅପିଲ କରାଯାଇଛି । ପାଣିପାଗ ବିଭାଗ ମହାରାଷ୍ଟ୍ର, ଠାଣେ, ପାଲଘର, ରାୟଗଡ, ରତ୍ନଗିରି, ମୁମ୍ବାଇ ଓ ସିନ୍ଧୁଦୁର୍ଗ ଜିଲ୍ଲାରେ ରବିବାର ପାଇଁ ଅରେଂଜ ଆଲର୍ଟ ଜାରି କରିଛି । ମୁମ୍ବାଇରେ ଆଜି ସକାଳୁ ଜୋରଦାର ବର୍ଷା ହେଉଛି, ଏଥିରେ ମୁମ୍ବାଇର ଦାଦର, କିଂଗ ସର୍କଲ, ଲାଲବାଗ, ନାମଜୋଶୀ ମାର୍ଗ ସହିତ ଅନେକ ଅଂଚଳ ଜଳମଗ୍ନ ହୋଇଛି । ସେହିପରି ଅନ୍ଧେରୀ ସବଓ୍ୱେରେ ମଧ୍ୟ ଜଳମଗ୍ନ ହେବା କାରଣରୁ ଏହାକୁ ଯାତାୟତ ପାଇଁ ବନ୍ଦ ରଖାଯାଇଛି । ସହରର ଅନେକ ଅଂଚଳରେ ପାଣି ଭରିବା କାରଣରୁ ରାସ୍ତାଗୁଡିକ ଜଳମଗ୍ନ ହୋଇଛି ।ଫଳରେ ଯାତାୟତ ପ୍ରଭାବିତ ହୋଇଛି ।ଲୋକାଲ ଟ୍ରେନ ସେବା ମଧ୍ୟ ପ୍ରଭାବିତ ହୋଇ ବିଳମ୍ବରେ ଚାଲୁଛି ।

# ବିଜେପିକୁ ଜୋରଦାର ଝଟକା ଦେଲା ଇଣ୍ଡିଆ ମେଣ୍ଟ: ୧୩ରୁ ପୋଛି ନେଲା ୧୦ ଆସନ

ନୂଆଦିଲ୍ଲୀ, ୧୩/୭ : ଲୋକସଭା ପରେ ୭ ରାଜ୍ୟରେ ଅନୁଷ୍ଠିତ ବିଧାନସଭା ଉପ ନିର୍ବାଚନରେ ବିରୋଧୀ ମେଣ୍ଟ ଇଣ୍ଡିଆ ଶାସକ ବିଜେପିକୁ ଜୋରଦାର ଝଟକା ଦେଇଛି। ୧୩ଟି ବିଧାନସଭା ଆସନରୁ ଇଣ୍ଡିଆ ମେଣ୍ଟ ଖାତାକୁ ଯାଇଛି ୧୦ ଆସନ। ବିଜେପି ମାତ୍ର ୨ଟିରେ ଜିତିଥିବା ବେଳେ ଗୋଟିଏ ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଲୋକସଭା ନିର୍ବାଚନ ବେଳେ ୪୦୦ ପାର ନାରା ଦେଉଥିବା ବିଜେପି କେନ୍ଦ୍ରରେ ସରକାର ଗଠନ ପାଇଁ ମ୍ୟାଜିକ



ନମ୍ବର ହାସଲ କରି ପାରି ନଥିଲା। ଦଳ ଏବେ ସହଯୋଗୀଙ୍କ ଭରସାରେ ସରକାର ଗଠନ କରିବେ। ଲୋକସଭା ନିର୍ବାଚନର ଝଟକାକୁ ଭୁଲି ନଥିବା ବିଜେପିକୁ ପୁଣି ଉପ ନିର୍ବାଚନରେ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଛି। ଏପରି କି ଦଳକୁ ଉତ୍ତରାଖଣ୍ଡର ବଦ୍ରିନାଥ ଓ ହିମାଚଳ ପ୍ରଦେଶର ଦେହରାରେ ବି ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଛି। ଏହାପୂର୍ବରୁ ଲୋକସଭା ନିର୍ବାଚନରେ ଦଳ ଅଯୋଧ୍ୟା ଅନ୍ତର୍ଗତ ଫୈଜାବାଦରେ ମଧ୍ୟ ପରାସ୍ତ ହୋଇଥିଲା ▶▶ପୃଷ୍ଠା ୭

# ସରକାରଙ୍କ 'ସମ୍ବିଧାନ ହତ୍ୟା ଦିବସ' ଘୋଷଣାକୁ ସମାଲୋଚନା କଲେ ପ୍ରିୟଙ୍କା

ନୂଆଦିଲ୍ଲୀ, ୧୩/୭ : ଏଣିକି ପ୍ରତିବର୍ଷ ଜୁନ ୨୫ ତାରିଖକୁ ଦେଶରେ ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରାଯିବ। ୧୯୭୫ ମସିହା ଜୁନ ୨୫ରେ ଦେଶରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଏମର୍ଜେନ୍ସି ଲାଗୁ କରି ଗଣତନ୍ତ୍ରର ହତ୍ୟା କରିଥିବା ଅଭିଯୋଗ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଶୁକ୍ରବାର ସମ୍ବିଧାନ ହତ୍ୟା ଦିବସ ସମ୍ପର୍କରେ ଘୋଷଣା କରିଥିଲେ। ଭାରତ ସରକାରଙ୍କ ପକ୍ଷରୁ ଏନେଇ ଗୋଟିଏ ଗେଜେଟ ନୋଟିଫିକେସନ ମଧ୍ୟ ପ୍ରକାଶ ପାଇଛି। ତେବେ ସରକାରଙ୍କ ଏପରି ନିଷ୍ପତ୍ତିକୁ ଆଜି କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରା ତୀବ୍ର ସମାଲୋଚନା କରିଛନ୍ତି। ଯେଉଁମାନେ ନିୟମିତ ନିଜର ନକାରାତ୍ମକ ରାଜନୀତିକ କାର୍ଯ୍ୟଶୈଳୀ ଦ୍ୱାରା ସମ୍ବିଧାନ ଓ ଗଣତନ୍ତ୍ରର ମୂଳ ବିଚାରଧାରାକୁ ଅଣଦେଖା କରି ଚାଲିଛନ୍ତି, ସେମାନେ ଏବେ ସମ୍ବିଧାନ ହତ୍ୟା



ଦିବସ କଥା କହୁଥିବା ପ୍ରିୟଙ୍କା କହିଛନ୍ତି। ନିଜର ସୋଶାଲ ମିଡିଆ ଆକାଉଣ୍ଟରେ ପ୍ରିୟଙ୍କା ଲେଖିଛନ୍ତି ଯେ "ଭାରତର ମହାନ ଜନତା ସ୍ୱାଧିନତା ଓ ସମ୍ବିଧାନ ପାଇଁ ଐତିହାସିକ ଯୁଦ୍ଧ ଲଢ଼ିଥିଲେ। ଯେଉଁମାନେ ସମ୍ବିଧାନ ତିଆରି କରିଛନ୍ତି, ସମ୍ବିଧାନ ଉପରେ ଯେଉଁମାନଙ୍କ ଭରସା ରହିଛି, ସେମାନେ ସମ୍ବିଧାନର ସୁରକ୍ଷା କରିପାରିବେ। ଯେଉଁମାନେ ସମ୍ବିଧାନ ଲାଗୁ ହେବାକୁ ବିରୋଧ କରିଥିଲେ, ଏହାର ରିଭ୍ୟୁ ପାଇଁ କମିଶନ ଗଠନ କରିଥିଲେ, ସମ୍ବିଧାନକୁ ଉଚ୍ଛେଦ ପାଇଁ ଆହ୍ୱାନ ଦେଇଥିଲେ ଓ ନିୟମିତ ଭାବେ ନିଜର ନିଷ୍ପତ୍ତି ଓ କାର୍ଯ୍ୟ ଦ୍ୱାରା ସମ୍ବିଧାନ ଓ ଗଣତନ୍ତ୍ରର ଆତ୍ମା ଉପରେ ପ୍ରହାର କରୁଛନ୍ତି, ସେଭଳି ନକାରାତ୍ମ ରାଜନୀତି କରୁଥିବା ଲୋକମାନେ ନିଶ୍ଚିତ ଭାବେ ସମ୍ବିଧାନ ହତ୍ୟା ଦିବସ ପାଳନ କରିବେ। ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?"

# ବଲାଙ୍ଗିର ବିଧାନସଭାସ୍ତରୀୟ ସମୀକ୍ଷା ବୈଠକରେ ଅନୁଦାନ ଅର୍ଥର ସୁବିନିଯୋଗ: କାମ ତୁରନ୍ତ ପାଇଁ କଳିକେଶଙ୍କ ନିର୍ଦ୍ଦେଶ

ବଲାଙ୍ଗୀର, ୧୩/୦୭ (ନି.ପ୍ର): ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ନିର୍ବାଚନମଣ୍ଡଳିସ୍ତରୀୟ ଏସିଡିସି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାର ତରଫରୁ ନିର୍ବାଚନମଣ୍ଡଳି ଅଂଚଳର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ପାଇଁ ଦେଇଥିବା ଅନୁଦାନ ଅର୍ଥର ସଠିକ ବିନିଯୋଗ ତଥା କାମଗୁଡିକୁ ତ୍ୱରାନ୍ୱିତ କରି ସାରିବାକୁ ବିଧାୟକ ଶ୍ରୀ ସିଂଦେଓ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟ କୁମାର ସେଠୀ, ଜିଲ୍ଲା ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଗଣ ଯୋଗଦେଇଥିଲେ । ବୈଠକରେ ବଲାଙ୍ଗୀର ନିର୍ବାଚନମଣ୍ଡଳି ଅଂଚଳରେ ଥିବା ସ୍କୁଲ, କଲେଜ ଗୁଡିକର ଭିତିଭୂମୀର ସ୍ଥିତି ବିଷୟରେ ଆଲୋଚନା ହୋଇଥିଲା । କସ୍ତୁରବାଗାନ୍ଧୀ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ଇତ୍ୟାଦି ଗୁଡିକରେ ଅନେକ ସମସ୍ୟା ରହିଥିବା ବିଧାୟକଙ୍କ ନଜରକୁ ଆସିଥିଲା । ମୁଖ୍ୟତଃ ଛାତ୍ରୀମାନେ ରହୁଥିବା ଛାତ୍ରୀନିବାସରେ ଓ ସ୍କୁଲରେ ଶୌଚାଳୟ, ପାନୀୟଜଳ ଇତ୍ୟାଦିର ବ୍ୟବସ୍ଥା କରାଇବାକୁ ବିଧାୟକ ନିର୍ଦ୍ଦେଶ କରିଥିଲେ । ସେହିପରି ବଲାଙ୍ଗୀର ସହର ଭିତରେ ଯେଉଁଠି ଡ୍ରେନଗୁଡିକ ଜବରଦଖଲ ହୋଇ ପାଣିଯିବାରେ ବାଧାସୃଷ୍ଟି କରୁଛି ସେଠି ଉପଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେଇ ଜବରଦଖଲ ହଟାଇବାକୁ ମଧ୍ୟ ନିର୍ଦ୍ଦେଶ କରିଥିଲେ । ବୈଠକରେ ଦେଓଗାଁ ବ୍ଲକ ଉପରଝର ପଂଚାୟତର କୁହିମୁଣ୍ଡାକୁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇ ନଥିବା ଓ ଅର୍ଜୁନପୁର ଛକରୁ ବ୍ରାହ୍ମଣୀପଲା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଖରାପ ଥିବାରୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ କରାଯାଇଥିଲା । ଠିକ ସେହିପରି ବଲାଙ୍ଗୀର ପୌରାଚଂଳରେ ଡ୍ରେନସମସ୍ୟା, ଟ୍ରାଫିକଲାଇଟ ବ୍ୟବସ୍ଥା, ସିସିଟିଭି ଲଗାଇବା, ଜିଲ୍ଲା ଯୋଗାଣ ବିଭାଗରେ ଖାଲିଥିବା ଖାଉଟି କାର୍ଡକୁ ଭରଣା କରିବା ବିଷୟରେ ଆଲୋଚନା ହୋଇ ଥିଲା । ଏହି ବୈଠକରେ କ୍ଷୁଦ୍ର ଜଳସେଚନ, ଜଳସେଚନ, ଶିକ୍ଷା ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, କୃଷି ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ବିଧାୟକ ଓ ସାଂସଦଙ୍କ ସମୀକ୍ଷା ବୈଠକ

ଜୟପୁର , ୧୩/୦୭ (ନି.ପ୍ର): କୋଟପାଡ଼ ନିର୍ବାଚନ ମଣ୍ଡଳୀ ବୋରିଗୁମ୍ମା ବ୍ଲକର ୧୨ ଗୋଟି ପଂଚାୟତକୁ ନେଇ ବୋରିଗୁମ୍ମା ପଂଚାୟତ ସଭାଗୃହ ଠାରେ ନବରଙ୍ଗପୁର ସାଂସଦ ଏବଂ କୋଟପାଡ଼ ବିଧାୟକଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଏବଂ ସମ୍ମାନୀୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଯୋଗ ଦେଇଥିଲେ। ବୋରିଗୁମ୍ମା ବ୍ଲକର ସମସ୍ତ ବିଭାଗର ଅଧିକାରୀ ମାନେ ଏହି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଭଳି ସମସ୍ୟାର ସମାଧାନ ବିଷୟରେ ଆଲୋଚନା କରିଥିଲେ ସାଂସଦ। କିଭଳି ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଂଚିପାରିବ ଏବଂ ସମସ୍ତ ଯୋଜନାର ଲାଭ ପାଇ ପାରିବେ ହିତାଧିକାରୀ ସେ ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କୋଟପାଡ଼ ନିର୍ବାଚନ ମଣ୍ଡଳୀର ୧୨ ଗୋଟି ପଂଚାୟତର ପାଣି ବିଜୁଳି ଗମନା ଗମନ ସ୍ୱଚ୍ଛ ଭାରତ ମିଶନରେ ଶୌଚଗାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିଭଳି ଗରିବ ଶ୍ରେଣୀର ଲୋକେ ସାମିଲ ହୋଇ ପାରିବେ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୋରିଗୁମ୍ମା ବିଡ଼ିଓ, ବ୍ଲକ ଅଧକ୍ଷା,ଜିଲ୍ଲା ପରିଷଦ ସଭ୍ୟ ପ୍ରମୂଖ ଉପସ୍ଥିତ ଥିଲେ।

# ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ଗଣମାଧ୍ୟମ ସରକାରଙ୍କ ଆଖି ଓ କାନ ହୋଇଥାଏ: କନକବର୍ଦ୍ଧନ ସିଂଦେଓ

ବଲାଙ୍ଗିର, ୧୩/୦୭ (ନି.ପ୍ର): ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ହିଁ ସରକାରଙ୍କ ଆଖି ଓ କାନ ହୋଇଥାଏ। ଗଣମାଧ୍ୟମ ସରକାରଙ୍କ କାର୍ଯ୍ୟକଳାପକୁ ତୀକ୍ଷ୍ଣନଜର ରଖିଥାଏ ଓ ତୃଟିବିଚ୍ୟୁତି ହେଲେ ଲୋକ ଲୋଚନକୁ ଆଣିଥାଏ । ସେହି କାରଣରୁ ସରକାର ମଧ୍ୟ ସଚେତନ ହୋଇଥାନ୍ତି। ତେଣୁ ଜିଲ୍ଲା ତଥା ରାଜ୍ୟର ବିକାଶରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି କ୍ଷ ସେ ରାଜନୀତି କଲାଦିନ ଠାରୁ ବଲାଙ୍ଗୀର ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧିମାନେ ସାଙ୍ଗରେ ରହିଆସିଛନ୍ତି ଓ ଆଗକୁ ମଧ୍ୟ ବଲାଙ୍ଗୀର ଜିଲ୍ଲାର ଓ ରାଜ୍ୟର ବିକାଶରେ ସହାୟକ ହେବେ ବୋଲି କହିଥିଲେ । ଏବେ ରାଜ୍ୟ ସରକାର ଜିଲ୍ଲାମାନଙ୍କର ସାମଗ୍ରୀକ ବିକାଶକୁ ଗୁରୁତ୍ୱ ଦେଉଛି। ଜିଲ୍ଲାମାନଙ୍କର ବିକାଶରେ ରାଜ୍ୟର ବିକାଶ ହେବ ଓ ରାଜ୍ୟର ବିକାଶ ହେଲେ ଦେଶର ମଧ୍ୟ ବିକାଶ ହେବ ବୋଲି ଗୁରୁବାର ସନ୍ଧ୍ୟାରେ ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ପାଟଣାଗଡ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ସାଂସଦ ସଂଗୀତା କୁମାରୀ ସିଂଦେଓଙ୍କୁ ସଂବର୍ଦ୍ଧନା ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମତବ୍ୟକ୍ତ କରିଛନ୍ତି । ସେହିପରି ସାଂସଦ ସଂଗୀତା ସିଂଦେଓ ତାଙ୍କ ବକ୍ତବ୍ୟରେ ଜିଲ୍ଲାର ସମସ୍ୟାକୁ ପାର୍ଲାମେଣ୍ଟରେ ଉପସ୍ଥାପନ କରିବା ସହିତ କେନ୍ଦ୍ର ଓ ରାଜ୍ୟସରକାରଙ୍କୁ ଅବଗତ କରି ସମାଧାନ କରିବାକୁ ଚେଷ୍ଟିତ ଅଛନ୍ତି ବୋଲି କହିଥିଲେ । ଲୋକମାନେ ଉଭୟ କେନ୍ଦ୍ରରେ ଓ ରାଜ୍ୟରେ ଭାଜପାକୁ ବହୁମତ ଦେଇ ସରକାର ଗଢିବାକୁ ସୁଯୋଗ ଦେଇଥିବାରୁ ଲୋକଙ୍କୁ ସାଂସଦ ଧନ୍ୟବାଦ ଜଣାଇବା ସହିତ ତାଙ୍କର ଦାୟିତ୍ୱ ଆହୁରି ବଢିଯାଇଛି ବୋଲି କହିଥିଲେ। ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଶିବପ୍ରସାଦ ପରିଡାଙ୍କ ସଭାପତିତ୍ୱ ଓ ବରିଷ୍ଠ ସାମ୍ବାଦିକ ସତ୍ୟସୁନ୍ଦର ଭଞ୍ଜଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ସମ୍ମାନୀତ ଅତିଥି ଭାବରେ ବଲାଙ୍ଗୀର ସାଂସଦ ସଂଗୀତା କୁମାରୀ ସିଂଦେଓ ଯୋଗଦେଇଥିଲେ । ସଂଘର ବରିଷ୍ଠ ସଦସ୍ୟ ଗୋପବନ୍ଧୁ ଶତପଥି ଓ ନବୀନ ପଶାୟତ ଉଭୟ ଅତିଥିଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମେମେଣ୍ଟୋ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାମ୍ବାଦିକ ବୀରେନ୍ଦ୍ର କୁମାର ଝାଙ୍କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଘର ସାଧାରଣ ସଂପାଦକ ଶିଶିର କୁମାର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନାଗରିକ କମିଟି, ବରିଷ୍ଠ ନାଗରିକ ମଂଚ,ଏଲଆଇସି କର୍ମଚାରୀ ସଂଘ ସମେତ ଅନ୍ୟାନ୍ୟ ବହୁଗୁଡିଏ ସଂଗଠନ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ସାଂସଦ ସଂଗୀତା କୁମାରୀ ସିଂଦେଓଙ୍କ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ସାମ୍ବାଦିକ ଦିଲିପ ପୁରୋହିତ, ସୁଧିର ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶରତ ମିଶ୍ର, ଶରତ ମହାକୁର, ଚିତ୍ତରଂଜନ ମିଶ୍ର, ସୁନିଲ ମହାନ୍ତି, ଚନ୍ଦ୍ରଭାନୁ ମୋଲାନା, ରଂଜିତ ବେହେରା, ପ୍ରଦୀପ୍ତ ମିଶ୍ର, ରତୁରାଜ ସିଂ, ଅଭୟ ତ୍ରିପାଠୀ, ସଂଜୟ ବେହେରା, ଅଶୋକ ତ୍ରିପାଠୀ, ଭାଜପା ଦଳର ଜିଲ୍ଲା ସଭାପତି ଶିବାଜୀ ମହାନ୍ତି, ନିବୃତି କୁମାରୀ ସିଂଦେଓ, ଗୋପାଳଜୀ ପାଣିଗ୍ରାହୀ, ଅନନ୍ତ ଦାସ, କର୍ତ୍ତାରସିଂ କୁମ୍ଭାର, ଗିରିଶ ସିଂଦେଓ ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ବିଏସଏଫ୍ ଯବାନଙ୍କ ସଫଳ ଅପରେସନ୍: ବିପୁଳ ପରିମାଣର ମାଓ ଅସ୍ତ୍ରଶସ୍ତ୍ର ଜବତ

ଜୟପୁର, ୧୩/୦୭ (ନି.ପ୍ର): ଭାରତୀୟ ତଟରକ୍ଷୀ ବାହିନୀ ତଥା (ବିଏସଏଫ୍) ଦ୍ୱାରା ସଫଳ ଅପରେସନ୍। ସୀମା ସୁରକ୍ଷା ବଳ (ବିଏସଏଫ୍) ପୁଣିଥରେ ଓଡିଶାର କୋରାପୁଟ ଜିଲ୍ଲାରେ ଏକ ସଫଳ ଅପରେସନ୍ ମାଧ୍ୟମରେ ଜାତୀୟ ନିରାପତା ପ୍ରତି ନିଜର ଅଦମ୍ୟ ପ୍ରତିବଦ୍ଧତା ପ୍ରଦର୍ଶନ କରିଛି। ଆଜି ପ୍ରଭାତରେ ପରିଚାଳିତ ଏହି ଅପରେସନ୍ ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର କର୍ମଶାଳା ଏବଂ ଅସ୍ତ୍ରଶସ୍ତ୍ରର କ୍ୟାଚ୍ ଆବିଷ୍କାର ଏବଂ ପୁନରୁଦ୍ଧାରକୁ ଆଗେଇ ନେଇଥିଲା ।'ଇଂଟେଲିଜେନ୍ସ' ଶାଖାରୁ ସଠିକ୍ ଗୁପ୍ତଚର ଇନପୁଟ୍ ଉପରେ କାର୍ଯ୍ୟ କରି କମ୍ପାନୀ ଅପରେଟିଂ ବେସ୍ (ସିଓବି) ରାଲେଗଡା ଏବଂ ସୁଙ୍କି ଗ୍ରାମ ବାରହାଭାଲାସା ଏବଂ ଚେଡାମାମିଡି ଠାରେ ଏକ ସ୍ୱତନ୍ତ୍ର ଅପରେସନ୍ ଆରମ୍ଭ କରିଥିଲେ । ଅପରେସନ୍ ସମୟରେ, ଏରିଆ ଡୋମିନେସନ୍ ପାଟ୍ରୋଲ୍ (ଏଡିପି) ପାର୍ଟି ୬୫ ବାଟାଲିଅନ୍ ଏରିଆ ଅଫ୍ ରେସପନ୍ସିବିଲିଟି (ଏଓଆର୍) ମଧ୍ୟରେ ଏକ ସନ୍ଦିଗ୍ଧ କାଠପଟ ଚିହ୍ନଟ କରିଥିଲା । ଏକ ତୀବ୍ର ଅନୁସନ୍ଧାନ କରିବା ପରେ ଦୁଇଟି ସ୍ଥାନରୁ ବନ୍ଧୁକ ୬ଟି, ଆଇରନ୍ ବ୍ୟାରେଲ୍ ୨ଟି, ବ୍ୟାରେଲ୍ ରୋଡସ୍ ୩ଟି, ଜୟନ୍ତୀ କ୍ଲିପ୍ ୧, ଟ୍ରିଗର ମେକାନିଜିମ୍ ୧, କାଠ ରାସ ଫାଇଲ ୨, ଫାଇଲ୍ ୧ ବ୍ଲେଡ୍ ସହିତ ହେକ୍ସା ହ୍ୟାଣ୍ଡଲ୍ ୧ ହାମର୍ସ ୩ (ପାଖାପାଖି ୫ କିଲୋଗ୍ରାମ ଏବଂ ୦.୭୫୦ ଗ୍ରାମ) ଭାସୋଲି ୧, (ଛୁରୀ) ୪ ଟା, କଟିଙ୍ଗ ପ୍ଲିଅର୍ ୧, ଧାତୁ ଟଙ୍ଗସ୍ ପ୍ଲିଅର୍ ୧, ଚିସେଲ୍ ୧, ଚେନି (ଚିସେଲ୍) ୧, ସ୍କ୍ରୁଡ୍ରାଇଭର ୧, ରେଗ ମାର୍କ ୩ଟି, ରେଳ ଟ୍ରାକ୍ ଆନ୍ଭିଲ୍ ୧ (ପ୍ରାୟ ୨୦ କିଲୋଗ୍ରାମ) ଲୁହା ଉପକରଣ ୨ଟି ଜବତ୍ କରିଛି ବିଏସଏଫ ଯବାନ। ଏହି ଅପରେସନ୍ ବିପଦର ମୁକାବିଲା ତଥା ଏହି ଅଂଚଳରେ ଶାନ୍ତି ଏବଂ ନିରାପତା ବଜାୟ ରଖିବାରେ ବିଏସଏଫ୍ ର ଉତ୍ସର୍ଗୀକୃତତା ଏବଂ ସଜାଗତାକୁ ଦର୍ଶାଉଛି।

# ସମ୍ବଲପୁର ପାଇଁ ନୂତନ ଭୂତଳ ବିଦ୍ୟୁତ୍ ଲାଇନ ନିର୍ମାଣ

ସମ୍ବଲପୁର, ୧୩/୦୭ (ନି.ପ୍ର): ସହରର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଏବଂ ବିଶ୍ୱସନୀୟ କରିବା ଉଦ୍ଦେଶ୍ୟରେ ଟିପିଡବ୍ଲୁଓଡିଏଲ୍ ପକ୍ଷରରୁ ଗଣେଶନଗର ଗ୍ରୀଡ ସବଷ୍ଟେସନଠାରୁ ଅଇଁଠାପାଲି ପାୱାର ସବଷ୍ଟେସନ ପର୍ଯ୍ୟନ୍ତ ଅଢେଇ କିଲୋମିଟର ଦୂରତାର ଏକ ନୂତନ ବିକଳ୍ପ ୩୩ କେଭି ଭୂତଳ ଫିଡର ଲାଇନ ବିଛାଯିବାର ଯୋଜନା ପ୍ରସ୍ତୁତ କରାଯାଇଛି । ଏହି ନୂତନ ବିକଳ୍ପ ବିଦ୍ୟୁତ୍ ଲାଇନ୍ ନିର୍ମାଣ କାର୍ଯ୍ୟ ମଙ୍ଗଳବାର ଦିନ ଆରମ୍ଭ ହୋଇଛି। ଏହି ନୂତନ ଫିଡର୍ ଲାଇନ କ୍ଷେତ୍ରରାଜପୁର, ମୁଦିପଡ଼ା, ଜିଏମ୍ କଲେଜ ଅଂଚଳ, ବୁଢାରାଜା, ରେମେଡ୍, ବରେଇପାଲି, ଭାଲୁପାଲି ଅଞ୍ଚଳ ସମେତ ସମ୍ବଲପୁର ସହରର ୯ଟି ପ୍ରମୁଖ ସପିଂ ମଲ୍, ୧୫ଟି ବ୍ୟାଙ୍କ, ଅନେକ ଆବାସିକ ଅଞ୍ଚଳର ପ୍ରାୟ ୨୫ ହଜାର ଗ୍ରାହକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ଏଠାରେ ଉଲ୍ଲେଖଥାଉ କି, ବର୍ତମାନ ଅଇଁଠାପାଲି ଗ୍ରୀଡ ସବଷ୍ଟେସନ୍ କେବଳ ଗଣେଶନଗର ଗ୍ରୀଡରୁ ବିଦ୍ୟୁତ୍ ଯୋଗାଣ ପାଉଅଛି। ମାତ୍ର ଗ୍ରୀଷ୍ମ ଋତୁ ସମୟରେ ଗଣେଶ ନଗର ଗ୍ରୀଡ଼ରୁ ଅଇଁଠାପାଲି ଷ୍ଟେସନକୁ ସଂଯୋଗ କରୁଥିବା ଫିଡର ଲାଇନଟି ଓଭରଲୋଡ ହୋଇଯାଏ । ଯାହା ଫଳରେ ଟ୍ରିପିଂ ଭଳି ସମସ୍ୟା ବାରମ୍ବାର ଉପୁଜିଥାଏ । ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରରୁ ଗଣେଶ ନଗର ଗ୍ରୀଡ ସବଷ୍ଟେସନଠାରୁ ଅଇଁଠାପାଲି ପାୱାର ସବଷ୍ଟେସନ ପର୍ଯ୍ୟନ୍ତ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଏକ ନୂତନ ବିକଳ୍ପ ଭୂତଳ ଫିଡର ଲାଇନ ବିଛାଯିବାର ଯୋଜନା ପ୍ରସ୍ତୁତ କରାଯାଇଛି ।

# ରୋଟାରୀ କଟକ ମିଲେନିୟମ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

କଟକ, ୧୩/୦୭ (ନି.ପ୍ର): ରୋଟାରୀ କ୍ଲବ୍ ଅଫ୍ କଟକ ମିଲେନିୟମ ପକ୍ଷରୁ ଲିଙ୍କ ରୋଡ ସ୍ଥିତ ଶୀତଲ ହୋଟେଲରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରେଭେନସା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପ୍ରଫେସର ଶିବବ୍ରତ ଦାସ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ ଜନସଂଖ୍ୟା ଦିବସର ତାତ୍ପର୍ଯ୍ୟ ଏବଂ ଜନସଂଖ୍ୟା ସମ୍ବନ୍ଧିତ ବିବିଧ ବିଷୟର ପରିସଂଖ୍ୟାନ ଭିତ୍ତିକ ତଥ୍ୟ ଉପସ୍ଥାପନ କରିଥିଲେ । କ୍ଲବର ସଭାପତି ଦୀପକ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଗଣେଶ ପ୍ରସାଦ ସାହୁ ଅନୁଷ୍ଠାନର ଆଗାମୀ ଯୋଜନା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଏହି ଉତ୍ସବରେ କ୍ଲବର ପୂର୍ବତନ ସଭାପତି ଚନ୍ଦ୍ରପ୍ରଭା ମହାନ୍ତି , ପ୍ରଦୀପ କୁମାର ମହାନ୍ତି, ଡ. ନାରାୟଣ ମହାନ୍ତି, ଡ.ଜଗନ୍ନାଥ ଦାସ, ଡ. ଶରତ ଚନ୍ଦ୍ର ଦାସ, ସଞ୍ଜୀବ କୁମାର ବୈଶାଖ, ପୂର୍ବତନ ସମ୍ପାଦକ ସୁଧୀର ରଥ, ଜ୍ଞାନେନ୍ଦ୍ର ବିଶ୍ୱାଳ , ପୂର୍ବତନ କୋଷାଧ୍ୟକ୍ଷ ବିଜୟ କୁମାର ଆଚାର୍ଯ୍ୟ, ପ୍ରତ୍ୟୁଷ ମହାରଣା ଏବଂ କଟକ ସହରର ଅନେକ ବୁଦ୍ଧିଜିବୀ ଯୋଗ ଦେଇଥିଲେ ।

# ଶାନ୍ତି ବଜାରର ବର୍ଷାଜଳ ନିଷ୍କାସନ ପାଇଁ କଲଭର୍ଟ ନିର୍ମାଣ ଦାବି: ହନ୍ତସନ୍ତ ହେଉଛନ୍ତି ଲୋକେ

ଧର୍ମଶାଳା, ୧୩/୦୭ (ନି.ପ୍ର): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶାନ୍ତି ବଜାର କଲୋନୀରୁ ବର୍ଷାଜଳ ନିଷ୍କାସନ ପାଇଁ କଲଭର୍ଟ ନିର୍ମାଣ କରିବାକୁ ଦାବି ହୋଇଛି। ଏବେ ବର୍ଷାଦିନ ଆରମ୍ଭ ହୋଇଥିବାରୁ କଲୋନୀବାସୀ ଚିନ୍ତାରେ ଥିବା ଦେଖିବାକୁ ମିଳିଛି। ଦୀର୍ଘବର୍ଷ ହେବ ସେମାନେ ଜଳବନ୍ଦୀ ଭିତରେ ରହି ଆସୁଛନ୍ତି ବୋଲି କହିଛନ୍ତି। ଏଭଳି ଗୁରୁତର ସମସ୍ୟାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ତୁରନ୍ତ କଲଭର୍ଟ ନିର୍ମାଣ କରିବାକୁ ଦାବି ହୋଇଛି । ଧର୍ମଶାଳା- କାଏମା ପୂର୍ତ ବିଭାଗ ରାସ୍ତାର ଦକ୍ଷିଣ ପାର୍ଶ୍ୱ ଶାନ୍ତି ବଜାର ଛକରେ ଏକ କଲଭର୍ଟ ନିର୍ମାଣ କରିବାକୁ ସେମାନେ କିଛିବର୍ଷ ହେବ ଦାବିକରି ଆସୁଛନ୍ତି । ହେଲେ ବିଭାଗ ପକ୍ଷରୁ ସେଠାରେ ଅଦ୍ୟାବଧି କଲଭର୍ଟ ନିର୍ମାଣ କରାଯାଇ ନାହିଁ। ଫଳରେ ବର୍ଷା ଦିନେ ଜମୁଥିବା ପାଣି ଘରେ ପଶିଯିବା ସହ ଅନେକ ସମୟରେ ସାପ ବେଙ୍ଗର ଭୟ ଦେଖାଦେଇଥାଏ। ଏଠାରେ ଅଧିକ ଦିନ ବର୍ଷା ପାଣି ଜମି ରହୁଥିବାରୁ ମଶା ବଂଶ ବୃଦ୍ଧି ପାଇବା ସାଙ୍ଗକୁ ପଚା ପାଣିର ଦୁର୍ଗନ୍ଧ ହୋଇଥାଏ। ଏହି ଭଳି ଅନେକ ସମସ୍ୟା ଭିତର ଶାନ୍ତି ବଜାର କଲୋନୀବାସୀ କାଳତିପାତ କରୁଥିବା ଦେଖିବାକୁ ମିଳିଛି। କଲଭର୍ଟ ନିର୍ମାଣ ପାଇଁ ପୂର୍ତ ବିଭାଗ ନିକଟରେ ଅର୍ଥ ପଡିରହିଛି। ହେଲେ କଲଭର୍ଟ ନିର୍ମାଣ ହୋଇପାରୁ ନାହିଁ। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପ୍ରକାଶ ଥାଉକି, ଧର୍ମଶାଳା ବ୍ଲକ ଚୋରମୁହାଁ ପଂଚାୟତ ସ୍ଥିତ ଶାନ୍ତିବଜାର କଲୋନୀ ଏକ ଖାଲୁଆ ସ୍ଥାନରେ ଅବସ୍ଥିତ। କଲୋନୀର ପଶ୍ଚିମ ପାର୍ଶ୍ୱରେ ପୁରାତନ ଜଗନ୍ନାଥ ସଡ଼କ ଲମ୍ବିଛି । ପୂର୍ବପଟରେ ଭୁବନ ସବ-ମାଇନର କେନାଲ ପ୍ରଭାବିତ ହେଉଅଛି । ଉତର ଦିଗରେ ଶାନ୍ତିବଜାର ଠାରୁ କାଏମା ପର୍ଯ୍ୟନ୍ତ ପୂର୍ତ ବିଭାଗ ରାସ୍ତା ପଡିଛି। ଦକ୍ଷିଣ ପାର୍ଶ୍ୱରେ ୧୬ ନମ୍ବର ଜାତୀୟ ରାଜପଥ ରହିଛି । କଲୋନୀର ଚତୃପାର୍ଶ୍ୱରେ ଘେରାବନ୍ଦୀ ରହିଥିବାରୁ ବର୍ଷାପାଣି ନିଷ୍କାସିତ ହୋଇପାରୁ ନାହିଁ । ଫଳରେ କଲୋନୀ ଚାରିପାଖ ବର୍ଷାପାଣି ଜମି ରହୁଛି। ଏବେ ଧର୍ମଶାଳା -କାଏମା ପୂର୍ତ ବିଭାଗ ରାସ୍ତାକୁ ଚରିଥାକିଆ କରାଯିବା ନେଇ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ରାସ୍ତା ପ୍ରଶସ୍ତିକରଣ ଓ ନବୀକରଣ କରାଯିବା ସମୟରେ ଶାନ୍ତି ବଜାର ଛକରେ ଏକ କଲଭର୍ଟ ନିର୍ମାଣ କରାଗଲେ ଶାନ୍ତି ବଜାର କଲୋନୀରେ ଜମୁଥିବା ବର୍ଷାପାଣି ନିଷ୍କାସନ ହୋଇପାରିବ ବୋଲି କଲୋନୀର ମୂରବୀ ଡ଼କ୍ଟର ପୁରୁଷୋତମ ବିଶ୍ୱାଳ କହିଛନ୍ତି । ଏହାର ସ୍ଥାୟୀ ସମାଧାନ ଦିଗରେ ନୂତନ ବିଧାୟକ ହିମାଂଶୁ ଶେଖର ସାହୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କଲୋନୀବାସୀ ନିବେଦନ କରିଛନ୍ତି ।

# ଯାତ୍ରୀବାହୀ ବସରୁ ଗଂଜେଇ ଜବତ: ଅଭିଯୁକ୍ତ ଅଟକ

ଭୁବନେଶ୍ୱର/ବାରିପଦା, ୧୩/୦୭ (ନି.ପ୍ର): ଯାତ୍ରୀବାହୀ ବସରୁ ଗଂଜେଇ ଜବତ । ମୟୂରଭଞ୍ଜ ଜିଲ୍ଲା ୧୮ ନମ୍ବର ଜାତୀୟ ରାଜପଥରେ ରାତି ୨ ଟା ୩୦ ମିନିଟ୍ ସମୟରେ ଯାଉଥିବା ଦୀପମାଲା ବସରୁ ଚୋରା ଗଞ୍ଜେଇ ଜବତ ହୋଇଛି । ଉଭୟ ବେତନଟୀ ଓ ବୈଶିଙ୍ଗା ପୋଲିସ୍ ବସରୁ ଗଂଜେଇ ଜବତ କରିଛନ୍ତି । ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖିଛି । ଏହି ଚୋରା ଗଞ୍ଜେଇ କେଉଁଠୁ ଆସିଲା ଏବଂ କାହା ପାଖକୁ ଯାଉଥିଲା ତାର ତଦନ୍ତ ଚାଲିଛି । ସମ୍ପୂର୍ଣ ତଦନ୍ତ ପରେ ଏହି ଚୋରା ଗଞ୍ଜେଇ ଚାଲାଣ ଘଟଣାର ତଥ୍ୟ ଦିଆଯିବ ବୋଲି ବୈଶିଙ୍ଗା ଥାନା ଅଧିକାରୀ ତପନ କୁମାର ପ୍ରଧାନ କହିଛନ୍ତି।

# ଅବକାରୀ ବିଭାଗ ତରଫରୁ ଗଞ୍ଜେଇ ଜବତ

ଭୁବନ, ୧୩/୦୭ (ନି.ପ୍ର): ଭୁବନ ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ବେଆଇନ ଦେଶୀ, ବିଦେଶୀ ମଦ ଜବତ କରାଯାଇଥିବାବେଳେ ଆଜି ଦେଢ଼ କିଲୋ ଗଞ୍ଜେଇ ଜବତ କରାଯାଇଥିବା ଜଣା ପଡ଼ିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ,ଭୁବନ ଥାନା ଅନ୍ତର୍ଗତ ଚଣ୍ଡିପାଳ ଗ୍ରାମରେ ଚଢ଼ାଉ କରାଯାଇ ଗ୍ରାମ କୋଠଘର ନିକଟରୁ ଶଙ୍କର ମଲ୍ଲିକଙ୍କ ପତ୍ନୀ ତୁଳସୀ ମଲ୍ଲିକଙ୍କ ନିକଟରୁ ଏକ ବ୍ୟାଗ ଭର୍ତି ୧.୫୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇ ତୁଳସୀଙ୍କୁ ଗିରଫ କରାଯାଇଛି। ଭୁବନ ଅବକାରୀ ଅଧିକାରୀ ସୌରଭ ମିଶ୍ର ଓ କାମାକ୍ଷାନଗର ଅବକାରୀ ଇନ୍ସପେକ୍ଟର ପ୍ରକାଶ ସାହୁଙ୍କ ସମେତ କନଷ୍ଟେବଲ ଗୋଲାପ ସାହୁ, ପ୍ରେମାନନ୍ଦ ବେହେରା,ପ୍ରଫୁଲ୍ଲ କୁମାର ସାମଲ, ହରିହର ସୋରେନ, ଆଲୋକ ଜେନା, ସତ୍ୟବ୍ରତ ମହାଳିକ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ।

# ବଲାଙ୍ଗୀରରେ ଜିଲ୍ଲାସ୍ତରୀୟ ସମନ୍ୱିତ ସର୍ବେକ୍ଷଣ ଅଭିଯାନ ଓ ଡେଙ୍ଗୁ ନିରାକରଣ ବୈଠକ ଅନୁଷ୍ଠିତ

ବଲାଙ୍ଗୀର, ୧୩/୦୭ (ନି.ପ୍ର): ଜିଲ୍ଲାସ୍ତରୀୟ ସମନ୍ୱିତ ସର୍ବେକ୍ଷଣ ଅଭିଯାନ ଏବଂ ଡେଙ୍ଗୁ ନିରାକରଣ ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଗୌରଙ୍ଗ୍ ଶିୱାଜୀ ଇସଲୱାରଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଛି। ପ୍ରତି ଶନିବାର ଜିଲ୍ଲାର ସମସ୍ତ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ପାଳନ ହେଉଥିବା ସ୍ୱଚ୍ଛତା ଦିବସରେ ପାଣି ଜମୁଥିବା ସ୍ଥାନ, ଘାସ, ବୁଦାମାନଙ୍କୁ ପରିଷ୍କାର କରିବା ସହ ମଶା ଯେପରି ଅଣ୍ଡା ଦେଇନପାରେ ସେ ଦିଗରେ ଧ୍ୟାନ ଦେବାକୁ ଜିଲ୍ଲାପାଳ କହିଥିଲେ। ମାଲେରିଆ ଓ ଡେଙ୍ଗୁ ନିରାକରଣ ରେ ଚିହ୍ନଟଙ୍କ ଯଥା ଶୀଘ୍ର ଆରୋଗ୍ୟ ପାଇଁ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପୋ କରିଥିଲେ। ଅତ୍ୟଧିକ ରୋଗୀ ଚିହ୍ନଟ ସ୍ଥାନ ଗୁଡିକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ଆଦେଶ ଦେଇଥିଲେ। ଦୀର୍ଘସ୍ଥାୟୀ କୀଟନାଶକ ମଶାରୀ, ଧୂଆଁ ପ୍ରୟୋଗ କରୁଥିବା ମେସିନ ଉପଯୋଗ କରିବା ସହ ମୁନିସିପାଲିଟି ସଫେଇ କାର୍ଯ୍ୟ ତ୍ୱରାନିତ୍ୱ କରିବାକୁ କହିଥିଲେ। ନୀଚ ଜାଗାରେ ପାଣି ଜମୁଥିବା ସ୍ଥାନ ଗୁଡିକରେ ବାଲି ପକେଇ ସମତଳ କରିବା, ଆବର୍ଜନାକୁ ଜନବସ୍ତି ଠାରୁ ତୁରନ୍ତ ଦୂରେଇ ପକେଇବା ଭଳି ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ମୁଣ୍ଡବଥା ତଥା ଜ୍ୱର ହେଲେ ବି ଡେଙ୍ଗୁ ମାଲେରିଆ ପାଇଁ ଟେଷ୍ଟିଙ୍ଗ ପରିମାଣ ବଢେଇବା ଉପରେ ଧ୍ୟାନ ବଢେଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ତା ଜୁଲାଇ ପହିଲା ରୁ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ କର୍ମୀ ମାନେ ଘରକୁ ଘର ବୁଲି ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ଯକ୍ଷ୍ମା, କୁଷ୍ଠ ଓ ସମ୍ପୂର୍ଣ୍ଣ ନିରାକରଣ ହୋଇନଥିବା ଶିଶୁ ଏବଂ ହେପାଟାଇଟିସ ପରୀକ୍ଷା ନ କରିଥିବା ଗର୍ଭବତୀ ମହିଳାଙ୍କର ଚିହ୍ନଟ କରିବା ସହ ଟିକାକରଣ କରିବାକୁ କହିଥିଲେ। ଏହି ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ସଚେତନତା ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ପ୍ରଦୀପ କୁମାର ଗୁରୁ ସଭା ଆରମ୍ଭ ଭାଷଣ ପ୍ରଦାନ କରି ରୋଗକୁ କେମିତି ଅତିଶୀଘ୍ର ଚିହ୍ନଟ କରିବା ଏବଂ ଏହାର ପ୍ରତିକାର ନିମନ୍ତେ ଅଭିନବ ପନ୍ଥା ଗ୍ରହଣ କରି ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ତୃଣମୂଳ ସ୍ତରରେ ଜନସଚେତନତା ସୃଷ୍ଟି କରି ଏହାର ନିରାକରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଦୀର୍ଘ ସ୍ଥାୟୀ କୀଟନାଶକ ମଶାରୀ ବଣ୍ଟନ ଓ ଏହାର ଉପଯୁକ୍ତ ବ୍ୟବହାର ଦ୍ୱାରା ମ୍ୟାଲେରିଆ ରୋଗ କୁ ହ୍ରାସ କରାଯାଇପାରିଛି ବୋଲି ସେ ପ୍ରକାଶ କରିଥିଲେ। ଏହି ଦିବସ ପାଳନ ର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ ମ୍ୟାଲେରିଆ ନିରାକରଣ ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ । ପାୱାରପଏଣ୍ଟରେ ବିଗତ ବର୍ଷରେ କିପରି ରୋଗ ନିରାକରଣ ବଢିବା ସହ ରୋଗୀଙ୍କ ସଂଖ୍ୟା କମିଛି ବୋଲି ରିପୋର୍ଟ ରେ ଦର୍ଶାଇଥିଲେ। ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ଦିବ୍ୟ କିଶୋର ପତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ) ଡ଼ କୁବେର ଚନ୍ଦ୍ର ମହନ୍ତ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ଼ ସୁଧା ବାର୍ଲା, ଡ଼ ସିଦ୍ଧେଶ୍ୱର ମାଝି, ଜିଲ୍ଲା ପ୍ରକଳ୍ପ ପରିଚାଳକ ମୃତ୍ୟୁଞ୍ଜୟ ମୁଣ୍ଡ, ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ,ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ମାନେ ମଧ୍ୟ ଉପସ୍ଥିତ ଥିଲେ।

# ପଲହାଇଟ ସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ କାର୍ଯ୍ୟାଳୟ ଘେରାଉ କଲା କଂଗ୍ରେସ

ଭୁବନେଶ୍ୱର , ୧୩/୦୭ (ନି.ପ୍ର): ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଦେଇଯାଇଥିବା ଜାତୀୟ ରାଜପଥ ନଂ-୧୬ରେ ହୋଇଥିବା ଓଭରବ୍ରିଜ ସବୁ ନିମ୍ନମାନର ହୋଇଥିବାରୁ ତାହା ବିଭିନ୍ନ ସ୍ଥାନରେ ଦବିଯାଇ ଗର୍ତ ସୃଷ୍ଟି ହେବା ସହ ଯାତାୟତ କରୁଥିବା ଜାନବାହାନକୁ ବିପଦଗ୍ରସ୍ତ କରିଛି। ଏହି ବ୍ରିଜରେ ଯାତ୍ରା କରିବା ବିପଦ ସଂକୁଳ ହୋଇପଡ଼ିଛି। ଏହାର ପ୍ରତିବାଦରେ ଆଜି ପ୍ରଦେଶ ଛାତ୍ର କଂଗ୍ରେସ, ପ୍ରଦେଶ ଯୁବ କଂଗ୍ରେସ ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ (ପଲହାଇଟ ମଲ) ଜାତୀୟ ରାଜପଥ ପ୍ରାଧିକରଣ ମୁଖ୍ୟ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ କୁଶପୁତଳିକ ଦାହ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱରର କଂଗ୍ରେସ ଲୋକସଭା ପ୍ରାର୍ଥୀ ତଥା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଅଭିଯୋଗ କରିଛନ୍ତି ଯେ ହଂସପାଳ ଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଯେଉଁସବୁ ଓଭରବ୍ରିଜ ନିର୍ମାଣ ହୋଇଛି ତାହା ଅତି ନିମ୍ନମାନର। ଏଆଇପିଏଲ ନାମକ ଯେଉଁ କନଷ୍ଟ୍ରକସନ କମ୍ପାନୀ ଏହାର ନିର୍ମାଣ କରିଛି ସେହି କମ୍ପାନୀ ଭୁବନେଶ୍ୱର ସାଂସଦ ଅପରାଜିତାଙ୍କୁ ଲାଂଚ ଦେଇ ପ୍ରଭାବିତ କରିଥିବାର ଅଭିଯୋଗ ହେଉଛି। ନିକଟରେ ଆଇଗିଣିଆ ବ୍ରିଜ ଦବିଯିବା ଫଳରେ ସେଠାରେ ଏକ ମିନିଟ୍ରକ ଫସିଯିବା ଯୋଗୁଁ ୪ଘଂଟା ଧରି ଯାନବାହାନ ଚଳାଚଳ ବନ୍ଦ ହୋଇଯାଇଥିଲା। ବ୍ରିଜ ଭୁଷୁଡ଼ିପଡ଼ିବା ଭୟରେ ବ୍ରିଜ ତଳେଥିବା ଲୋକ ଗାଡ଼ି ମୋଟର ଛାଡ଼ି ପ୍ରାଣବିକଳରେ ଦୌଡ଼ି ପଳାଇଥିଲେ। ସେହିଭଳି ଭାବରେ ହଂସପାଳ ଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଛେଲା ଛାଡ଼ିବା ସହ ବାରମ୍ବାର ନବନିର୍ମିତ ବ୍ରିଜକୁ ମରାମତି କରାଯାଉଛି। କାରଣ ଏହାର ନିର୍ମାଣ ଠିକ୍ ଭାବରେ ହୋଇନାହିଁ। ଏତେ ଘଟଣା ଘଟିଲେବି ସାଂସଦ ଅପରାଜିତା ଚୁପ ରହୁଛନ୍ତି। ଏହି ଏଆଇପିଏଲ କମ୍ପାନୀ ଏବଂ ଅପରାଜିତା ଏହି ନିମ୍ନମାନର ନିର୍ମାଣପାଇଁ ଦାୟୀ। ବିଶେଷ କରି ଜାତୀୟ ରାଜପଥ ପ୍ରାଧିକରଣର ସାଧାରଣ ଯନ୍ତ୍ରୀଙ୍କ ଠାରୁ ମୁଖ୍ୟ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତିରେ ବୁଡ଼ି ରହି ଏହି ଓଭର ବ୍ରିଜ ଗୁଡ଼ିକୁ ଏଭଳି ନିର୍ମାଣ କରିଛନ୍ତି। ଏପରିକି ଯେଉଁଠାରେ ବାଲି ଆବଶ୍ୟକ ସେଠାରେ ମାଟି ଫିଲିଂ କରାଯାଇଛି। ଏବେ ଏଥିରେ ଯାତାୟତ କରିବାକୁ ଲୋକେ ଭୟ କରୁଛନ୍ତି। ଏହି ବ୍ରିଜରେ ଭାରତର ମହାମହୀମ ରାଷ୍ଟ୍ରପତି ବ୍ରିଜ ଦବିବା କିଛି ଘଂଟା ପୂର୍ବରୁ ଗସ୍ତ କରିଥିଲେ। ସାରା ଭାରତରେ ମୋଦୀ ନିର୍ମାଣ ବା କେତେକ ବ୍ରିଜ ନିର୍ମାଣ କରି ମୋଦି ସରକାର ଯେଉଁ ବାହା ବାହା ନେଉଛନ୍ତି ସେସବୁ ବ୍ରିଜ ନିର୍ମାଣର କିଛିମାସ ପରେ ଭୁଷୁଡ଼ି ପଡୁଛି। ବିହାରରେ ଗତ ୩ ସପ୍ତାହ ମଧ୍ୟରେ ୧୩ଟି ନବନର୍ମିତ ବ୍ରିଜ ଭୁଷୁଡ଼ି ପଡ଼ିଛି। ସେହିପରି ମୋଦୀଙ୍କ ନିଜ ରାଜ୍ୟ ଗୁଜୁରାଟରେ ବାରମ୍ବାର ନୂଆ ବ୍ରିଜ ଭୁଷୁଡ଼ିପଡୁଛି। ଏ ହେଉଛି ମୋଦୀ ମାର୍କା ବିକାଶ। ଭୁବନେଶ୍ୱର ଓ ଖୋର୍ଦ୍ଧା ଜାତୀୟ ରାଜପଥରେ ଓଭର ବ୍ରିଜ ନିର୍ମାଣରେ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ, ଅର୍ଥ ଆତ୍ମସାତ କରିଥିବା ଜାତୀୟ ରାଜପଥ ପ୍ରାଧିକରଣର ଯନ୍ତ୍ରୀ ଓ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ କରାଯାଇଛି। ତୁରନ୍ତ ଏକ ଏକ୍ସପର୍ଟ ଟିମ ଏହି ବ୍ରିଜ ନିର୍ମାଣର ଅନୁଧାନ କରି ଏଥିରେ ଗାଡ଼ି ମୋଟର ଯିବା ବିପଦ ସଂକୁଳ ରହିଛି କି ନାହିଁ ତାହା ଘୋଷଣା କରିବା ଦରକାର। ଆନ୍ଦୋଳନ ଶେଷରେ ଜାତୀୟ ରାଜପଥ ପ୍ରାଧିକରଣର କର୍ତୃପକ୍ଷ ଆନ୍ଦୋଳନ କାରୀଙ୍କୁ ଉଚ୍ଚସ୍ତରୀୟ ତଦନ୍ତର ପ୍ରତିଶ୍ରୁତି ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ପିସିସି ଉପସଭାପତି ଶିବାନନ୍ଦ ରାୟ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ଜାନକୀ ବଲ୍ଲଭ ପଟ୍ଟନାୟକ, ପ୍ରଶାନ୍ତ ଚମ୍ପତି, ଅଶୋକ ଦାସ, ଗଣେଶ ଦାସ, ସୋନାଲି ସାହୁ, ସୁବ୍ରତ ମହାପାତ୍ର, ନିହାର ବେହେରା, ମହମ୍ମଦ ଗୁଲଫାମ, ମିର୍ଜା ଇସଲାମ ବେଗ, ମହମ୍ମଦ ପରଭେଜ, ସୁଦୀପ ସାମଲ, ଗୋପନ ମାର୍ଥା, ସାହାରୁଖ ଖାନ, ପ୍ରସନ୍ନ ନାୟକ, ମିହିର ଆଚାର୍ଯ୍ୟ, ଆଶିଷ ମଲ୍ଲିକ, ଅନୱାର ଖାନ, ଦେବାଶିଷ ଦାସ, ସେକ ତାକୱିନ, ମହମ୍ମଦ ସମିଉଲ, ଅକ୍ଷୟ ଦାସ, ମନୋଜ ସାହୁ, ସେକ ଅବଦୁଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୪ ଜୁଲାଇ ୨୦୨୪
email :
rabibarachayan2015@gmail.com




## ଧାରାବାହିକ ଉପନ୍ୟାସ

# ବୈଦେହୀ



**ଡ.ଭାଗବତ ବେହେରା**

ଭାଗ-୫୯
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ମୋତେ ତଳୁ ଉଠାଇ ନେଇ ତ୍ରିଜଟା କହିଥିଲେ ଆଉ କାହିଁକି କାନ୍ଦୁଛୁ ମାଆ । ସ୍ୱାମୀ ପାଖରୁ ତ ସମ୍ବାଦ ପାଇଲୁ । ଏ ବାନର ହାତରେ ସେ ସଂକେତ ଦେଇଛନ୍ତି । ତୋତେ ଏଠାରୁ ମୁକୁଳାଇ ନେବାର ସମସ୍ତ ଆୟୋଜନ ସେ କରୁଥିବେ ।

ମୋ ପାଖରେ ବସି ହନୁମନ୍ତ କହୁଥାନ୍ତି, ପ୍ରଭୁ ଆପଣଙ୍କୁ ଠାବ କରିବା ପାଇଁ ମୋତେ ପଠାଇଥିଲେ । ମୁଁ ଯାଇ ସମ୍ବାଦ ଦେଲେ ସେ ଆମ ବାନର ସେନାଙ୍କୁ ନେଇ ଲଙ୍କା ଆକ୍ରମଣ କରିବେ । ଯୁଦ୍ଧରେ ଅତ୍ୟାଚାରୀ ରାବଣଙ୍କୁ ନିହତ କରି ସେ ଆପଣଙ୍କୁ ଏଠାରୁ ଉଦ୍ଧାର କରିନେବେ।

ଶୋକ ସମ୍ବରଣ କରି ପ୍ରଭୁଙ୍କର ନାମାଙ୍କିତ ମୁଦ୍ରିକାଟିକୁ ବାରମ୍ବାର ମସ୍ତକରେ ଲଗାଇ ମୁଁ ପ୍ରଶ୍ନ କରିଥିଲି, ଏବେ ମୋତେ କୁହ ହନୁମାନ ମୋ ସ୍ୱାମୀ କେମିତି ଅଛନ୍ତି ? ଦେବର ଲକ୍ଷ୍ମଣ କୁଶଳରେ ଅଛନ୍ତି ତ ?

ମୋ ପ୍ରଶ୍ନର ଉତ୍ତର ଦେଇ ହନୁମାନ କହିଥିଲେ ହଁ ମା', ପ୍ରଭୁ ମୋର ଭଲରେ ଅଛନ୍ତି। ଲକ୍ଷ୍ମଣ ଦେବ ମଧ୍ୟ କୁଶଳରେ ଅଛନ୍ତି । ଆପଣଙ୍କୁ ଅରଣ୍ୟ କାନ୍ତାରରେ ଖୋଜିଖୋଜି ପ୍ରଭୁ ମୋର ମୋତେ ଭେଟିଥିଲେ । ମୋ ସହିତ ସାକ୍ଷାତ ହେବାରୁ, ମୁଁ ପ୍ରଭୁଙ୍କୁ ଆଣି ବାନରରାଜ ବାଳୀର ଭ୍ରାତା ସୁଗ୍ରୀବଙ୍କ ସହିତ ସାକ୍ଷାତ କରାଇ ଦେଇଥିଲି । ସୁଗ୍ରୀବ ତାଙ୍କ ଭାଇଠାରୁ ତଡ଼ାଖାଇ ଏକାକୀ ଅରଣ୍ୟ ଘୂରି ବୁଲୁଥିଲେ । ପ୍ରଭୁ ଶ୍ରୀରାମଙ୍କ ସହିତ ତାଙ୍କର ଭେଟ ହେବାରୁ ସେ ଦୁହେଁ ମିତ୍ର ପଣରେ ବାନ୍ଧି ହୋଇ ଯାଇଛନ୍ତି । ମିତ୍ରର ମାନ ରକ୍ଷାକରି ପ୍ରଭୁ ବାଳୀକୁ ବଧ କରି ସୁଗ୍ରୀବଙ୍କୁ କିଷ୍କିନ୍ଧ୍ୟାର ରାଜ ସିଂହାସନରେ ବସାଇଛନ୍ତି । ସେହିଠାରୁ ପ୍ରଭୁ ମୋତେ ଆପଣଙ୍କୁ ଠାବ କରିବା ପାଇଁ ପଠାଇଥିଲେ । ବହୁ କଷ୍ଟ ସହି ମୋ ପ୍ରଭୁ ଶ୍ରୀରାମଙ୍କ ନାମ ଉଚ୍ଚାରଣ କରି ମୁଁ ସମୁଦ୍ର ଲଂଘିଆସି ଲଙ୍କାରେ ପହଞ୍ଚିଛି । ଲଙ୍କା ରାଜବାଟୀରେ ମାୟାରେ ମାଛି ରୂପଧାରଣ କରି ଆପଣଙ୍କୁ ଖୋଜି ନପାଇ କିଛି ସୈନ୍ୟଙ୍କ ମୁଖରୁ ଆପଣ ଅଶୋକ ବନରେ ରହିଥିବାର କଥା ଶୁଣି, ମୁଁ ଆସି ଏଠାରେ ପହଞ୍ଚିଛି । ମୋର ପ୍ରଣାମ ଘେନା କରନ୍ତୁ ମାତା । ମୋତେ ଆପଣ ଏଠାରୁ ବିଦାୟ ଦିଅନ୍ତୁ । ତାହା ନହେଲେ ଏଠାରେ ଅନର୍ଥ ଘଟିପାରେ । ଆସୁଆସୁ ରାବଣର କିଛି ସୈନ୍ୟଙ୍କୁ ମୁଁ ଯମପୁରକୁ ପଠାଇ ଦେଇ ଆସିଛି । ମୋ ପ୍ରଭୁଙ୍କ ନାମରେ ଶପଥ ନେଇ ଆସିଛି, ମୁଁ ରାବଣର କିଛି ଅନିଷ୍ଟ କରିବି ନାହିଁ । ତାହା ହୋଇ ନଥିଲେ ତା ମୁଣ୍ଡଟାକୁ ମୋଡ଼ି ମୁଁ ଏଇ ଲଙ୍କା ମାଟିରେ ପୋତି ଦେଇ ଯାଇଥା'ନ୍ତି ।

ହନୁମାନର କଥା ଶୁଣି ମୁଁ କହିଥିଲି ନାଁ ହନୁମାନ ତୁମେ ସେମିତି କିଛି କାର୍ଯ୍ୟ କରନାହିଁ, ଯେଉଁଥିପାଇଁ ମୋ' ପ୍ରଭୁ ନିନ୍ଦିତ ହେବେ । ତାଙ୍କ ଆଦେଶ ଅନୁସାରେ ତୁମେ କାର୍ଯ୍ୟ କର । ଏବେ ତୁମେ ଯାଅ ହନୁମାନ, ପ୍ରଭୁଙ୍କୁ ମୋର ଖବର ଦେବ, ତାଙ୍କ ନାମ ତୁଣ୍ଡରେ ଧରି ସୀତା ଅଶୋକବନରେ ବଞ୍ଚି ରହିଛି । ପ୍ରଭୁଙ୍କ ପଥକୁ ମୁଁ ଅନାଇ ବସିଛି । ସେ କେବେ ଆସି ମୋତେ ଏଠାରୁ ଉଦ୍ଧାର କରି ନେବେ, ସେହିଦିନ ପର୍ଯ୍ୟନ୍ତ ମୁଁ ଦିନ ଗଣୁଥିବି । ଏହାକହି ମୁଁ କାନ୍ଦି ପକାନ୍ତେ, ହନୁମାନ ମୋ ଆଖିରୁ ଲୁହପୋଛି ଦେଇ କହିଥିଲେ ନାଁ ମା' ଜାନକୀ । ଆପଣ ଆଉ ଲୁହ ଢାଳନ୍ତୁ ନାହିଁ । ଆପଣ ଏଠି କାନ୍ଦିଲେ ମୋ ପ୍ରଭୁ ସେଠି କାନ୍ଦିବେ । ଦିନରାତି ସେ ସୀତା, ସୀତା ହେଉଛନ୍ତି । ଅନ୍ନ, ଜଳ ତ୍ୟାଗ କରି ସାରିଲେଣି । ସବୁବେଳେ ଆପଣଙ୍କ ଚିନ୍ତାରେ ପ୍ରଭୁ ଘାରି ହେଉଛନ୍ତି । ହନୁମାନଙ୍କ ମୁଖରୁ ସ୍ୱାମୀଙ୍କ ଦୁଃଖ କଥା ଶୁଣି ମୁଁ ଆଉ ଥୟ ଧରି ରହିପାରି ନଥିଲ। କାନ୍ଦିକାନ୍ଦି କହିଥିଲି, "ହନୁମାନ ରାବଣ ମୋତେ ପଞ୍ଚବଟୀରୁ ଅପହରଣ କରି ଆଣିବା ସମୟରେ ମୋ ହସ୍ତପଦରେ ଥିବା ସାମାନ୍ୟ କେତୋଟି ଅଳଙ୍କାର ରାବଣର ରଥରୁ ମୁଁ ତଳକୁ ଫିଙ୍ଗି ଦେଇଥିଲି । କେବଳ ମୋ ମଥାରେ ଏହି ମଥାମଣିଟି ରହିଯାଇଥିଲା । ଏଇଟିକୁ ନେଇ ଯାଅ । ପ୍ରଭୁଙ୍କ ହସ୍ତରେ ଦେଇ କହିବ, ତାଙ୍କ ପ୍ରାଣପ୍ରିୟା ଜାନକୀ ସ୍ୱାମୀଙ୍କ ନିକଟକୁ ତାଙ୍କ ସ୍ନେହ, ପ୍ରେମ, ଭଲପାଇବାର ଏହି ସଂକେତଟି ପଠାଇଛନ୍ତି । ଏହାକୁ ପାଇଲେ ପ୍ରଭୁ ମୋର ଶାନ୍ତ ହେବେ । ତାଙ୍କ ରତ୍ନମୁଦ୍ରିକାଟି ପାଇ ମୁଁ ଯେମିତି ତାଙ୍କୁ ମୋ ପାଖରେ ପାଇବାର ଅନୁଭବ କରୁଛି, ସେ ମଧ୍ୟ ମୋ ମସ୍ତକର ଏହି ମଥାମଣିଟିକୁ ପାଇ ମୋତେ ତାଙ୍କ ପାଖେପାଖେ ଥିବାର ଅନୁଭବ କରିବେ ।" ମଥାମଣିଟିକୁ ହନୁମାନ ହସ୍ତକୁ ବଢ଼ାଇ ଦିଅନ୍ତେ ସେ ତାକୁ ମୁଣ୍ଡରେ ମାରି କହିଥିଲେ, ମାଆ ଜାନକୀ! ଆପଣ ଯେଉଁ ଅଳଙ୍କାରକୁ ରଥରୁ ଫିଙ୍ଗି ଦେଇଥିଲେ ସେସବୁକୁ କିଷ୍କିନ୍ଧ୍ୟା ରାଜ ସୁଗ୍ରୀବ ପାଇ ଆପଣଙ୍କ ସ୍ୱାମୀଙ୍କୁ ଦେଇଛନ୍ତି । ସେହି ଅଳଙ୍କାରକୁ ହୃଦରେ ଧରି ପ୍ରଭୁ ମୋର ସୀତା ସୀତା ହୋଇ ବିଳାପ କରି ଅଶ୍ରୁବର୍ଜନ କରନ୍ତି। ଆଜି ଏ ମଥାମଣିଟିକୁ ନେଇ ମୁଁ ପ୍ରଭୁଙ୍କୁ ଦେଲେ...

ସେ ଶାନ୍ତ ହେବେ ହନୁମାନ, କାହିଁକି ଜାଣିଛ । ଅଯୋଧ୍ୟାରେ ଯେଉଁଦିନ ପ୍ରଭୁଙ୍କ ସହିତ ମୋର ପ୍ରଥମ ମିଳନ ହୋଇଥିଲା, ସେହିଦିନ ପ୍ରଭୁ ମୋ ମସ୍ତକରେ ଏ ମଣିଟିକୁ ପିନ୍ଧାଇ ଦେଇ କହିଲେ, "ସୀତେ ! ଏଇଟି ମୋର ତୁମକୁ ପ୍ରଥମ ଉପହାର । ତୁମ ମସ୍ତକରେ ସିନ୍ଦୂର ଆଉ ଏ ମଣିକୁ ଦେଖିଲେ ମୋ ଜୀବନରେ ଯେତେ ଦୁଃଖ ଆସିଲେ ବି ମୁଁ ସେସବୁକୁ ଭୁଲିଯିବି ।" ଆଜି ଏ ବିପଦ ବେଳରେ ସ୍ୱାମୀ ମୋର ମୋ ମଥାର ସିନ୍ଦୂର ଦେଖିବାକୁ ପାଉନାହାନ୍ତି ଏ ମଣିକୁ ମଧ ଦେଖିବାକୁ ପାଉନାହାନ୍ତି । ଏ ମଣିଟିକୁ ଦେଖିଲେ ପ୍ରଭୁ ମୋର ନିଶ୍ଚୟ ଶୋକ ସମ୍ବରଣ କରିବେ ।

ମାତାଙ୍କ ଆଦେଶ ଶିରୋଧାର୍ଯ୍ୟ । ଏହା କହି ହନୁମାନ ମୋତେ ପ୍ରଣାମ କରି ମଣିଟିକୁ ଅଣ୍ଟିରେ ପୂରାଇ ଦେଖନ୍ତିତ ତାଙ୍କୁ ଘରିପାରୁଶରୁ ଶହଶହ ସଂଖ୍ୟାର ଲଙ୍କାର ସୈନ୍ୟମାନେ ବେଢ଼ିଯାଇ ରେ ରେ କାର ଧ୍ୱନି କରି ମାରିବାକୁ ଆଗେଇ ଆସୁଛନ୍ତି। ଶଙ୍କିତ ହୋଇପଡ଼ିଥିଲି ମୁଁ । ଲଙ୍କାର ସୈନ୍ୟମାନେ ନିଶ୍ଚୟ ହନୁମାନଙ୍କୁ ମାରିଦେବେ କିମ୍ବା ବନ୍ଦୀ କରି ଲଙ୍କା ରାଜବାଟୀକୁ ନେଇଯିବେ। ସେମାନଙ୍କୁ ଦେଖି ହନୁମାନ ଏକ ରଡ଼ି ଦେଇ ତାଙ୍କ ଗଦାକୁ ଏମିତି ବୁଲାଇଲେ ଯେ, ସେ ଗଦାଘାତରେ ସୈନ୍ୟମାନେ ସବୁ ଛିଟିକି ଯାଇ କିଛି ଦୂରରେ ପଡ଼ିଲେ । ତାଙ୍କୁ ଦେଖି ପାଟି କରି ହନୁମାନ କହୁଥା'ନ୍ତି, ଲଙ୍କପତିଙ୍କର କ'ଣ ଶକ୍ତି ହେଲାଣି ହନୁମାନଙ୍କୁ ପରାସ୍ତ କରିବାକୁ । ଆସ ଆସ ବୀର ସୈନିକ କେତେ ସଂଖ୍ୟାରେ ତୁମେ ଆସୁଛ ଆସ। ମୋ ସହିତ ଯୁଝ । ଏହାକହି ହନୁମାନ ଜୟ ଶ୍ରୀରାମ ଜୟ ଶ୍ରୀରାମ କହି ଏମିତି ବିରାଟ ରୂପ ଗ୍ରହଣ କଲେ ମୁଁ ଦେଖି ଚକିତ ହୋଇ ଯାଇଥିଲି । ତ୍ରିଜଟା ଭୟପାଇ କହିଥିଲେ ମାଆ ସୀତେ ଏ କ'ଣ? ଏ ହନୁ ତ ଗୋଟାଏ ପର୍ବତ ଭଳି ବଢ଼ିଗଲାଣି । ଏ କି ଭୀଷଣ ରୂପ ତା'ର । ଏହି ଦେଖ ଲଙ୍କାର ସୈନ୍ୟମାନେ ତାଙ୍କୁ ଘେରି ପାରୁଶରୁ ବେଢ଼ିଯାଇ ନାନା ପ୍ରକାରର ଶସ୍ତ୍ରାଘାତ କରୁଛନ୍ତି । ହେଲେ ସେ ନିର୍ଭୀକ, ନିର୍ବିକାର ହୋଇ ଛିଡ଼ା ହୋଇଛି । ଅସ୍ତ୍ର ଶସ୍ତ୍ର ତାକୁ କିଛି ଭେଦ କରୁନାହିଁ। ବରଂ ଦେଖ ମାଆ ସୀତେ ତା ଗଦାଘାତରେ ଶହଶହ ସୈନ୍ୟ ଟଳି ପଡ଼ୁଛନ୍ତି ।
(କ୍ରମଶଃ)

♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଚଳନ୍ତିକା
# ଆପଣମାନେ ଖୁସି ତ



**ସୁବ୍ରତ ପଟ୍ଟନାୟକ**

ନବୀନଙ୍କ ସମ୍ପର୍କରେ ଆଜିର ଆଲେଖ୍ୟ । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଜେଡି ସୁପ୍ରିମୋ । ଏକଦା ଦୀର୍ଘ ଚବିଶ ବର୍ଷ ଧରି ଥିଲେ ଓଡ଼ିଶାର ନିରବଚ୍ଛିନ୍ନ ଶାସକ । ଏବେ ବିରୋଧୀ ଦଳ ନେତା । ଅବଶ୍ୟ ଏହି ପଦ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା। ତାଙ୍କ କାର୍‌ରେ ଲାଗିଛି ନାଲିବତି । ମିଳିଛି ସରକାରୀ ବଙ୍ଗଳା । ଜେଡ୍ ସିକ୍ୟୁରିଟି । ଏସବୁ ସତ୍ତ୍ୱେ ସେ ସାଧାରଣର ଜନତାଙ୍କୁ ଆଗଭଳି ପଚାରି ପାରିବେ କି- ଆପଣମାନେ ଖୁସି ତ? ମୁଁ ବି ବହୁତ ଖୁସି ।

ସରଳ ଉତ୍ତର- ନା । କାରଣ ଅନେକ । ସବୁକଥା ବଖାଣିବାକୁ ଜାଗା ନିଅଣ୍ଟ। ଯଥା ସମ୍ଭବ ଲେଖିବାକୁ ଚେଷ୍ଟା କରିବା । ବିଜେଡି ଦଳକୁ ଶାସନ ଗାଦିରୁ ହଟିବାକୁ ପଡ଼ିଲା କାହିଁକି? ନିର୍ବାଚନରେ କାହିଁକି ଫେଲ୍ ମାରିଲା ଦଳ? କାହିଁକି ଫସର ଫାଟିଲା ନବୀନ ଗ୍ୟାରେଣ୍ଟି? ନିର୍ବାଚନରେ ଦଳର ମୁଖ୍ୟ ଦାୟିତ୍ୱ ଥିଲା କାହା ହାତରେ? କିଏ ସଂଗ୍ରହ କରୁଥିଲେ ପାଣ୍ଠି? କାହା ଇଙ୍ଗିତରେ ଖର୍ଚ୍ଚ ହେଉଥିଲା ଅର୍ଥ? କିଏ ନେଇଥିଲେ ଟିକେଟ୍ ବାଣ୍ଟିବା ଦାୟିତ୍ୱ? ଏସବୁର ତର୍ଜମା ନକଲେ ଅନେକ ରହସ୍ୟ ଅଧୁରା । ବିଜେଡି ସୁପ୍ରିମୋ ଏବେ ନିଶ୍ଚୟ କରୁଥିବେ ଏସବୁର ମାନସ ମନ୍ଥନ ।

ସବୁଠୁ ବଡ଼ କଥା ହେଲା- ଚବିଶ ବର୍ଷ ମଧ୍ୟରେ ନବୀନ ନିଜର ଉତ୍ତରାଧିକାରୀ ବାଛିଲେ ନାହିଁ । ପ୍ରଥମ ବାର ବର୍ଷ ରହିଲା ଆଇଏଏସ୍ ପ୍ୟାରୀ ମୋହନ ମହାପାତ୍ର ହାତରେ । ପରବର୍ତ୍ତୀ ବାର ବର୍ଷ ରିମୋର୍ଟ ଧରିଲେ ଆଇଏଏସ୍ ଭିକେ ପାଣ୍ଡିଆନ୍ । ପ୍ୟାରିମୋହନ ଥିଲେ ମୁଖ୍ୟ ଶାସନ ସଚିବ । ଓଡ଼ିଶାର ନାଡ଼ି ନକ୍ଷତ୍ର ତାଙ୍କୁ ଜଣାଥିଲା । ବାଘ ଓ ଛେଳିଙ୍କୁ ସେ ଗୋଟିଏ ଘାଟରେ ପାଣି ପିଆଇ ପାରୁଥିଲେ । ତାମିଲନାଡୁ ଯୁବକ ପାଣ୍ଡିଆନଙ୍କୁ ଜଣା ନଥିଲା ଏସବୁ କୌଶଳ । ତେବେ ସେ ନିଜର ବିଚାର ଓ ବୁଦ୍ଧି ବଳରେ ସୁପରଫାଷ୍ଟ ଟ୍ରେନ୍‌ର ଇଞ୍ଜିନ ପାଲଟିଥିଲେ । ଏହି ପୋଷ୍ଟର ବୟ ଥିଲେ ନବୀନଙ୍କ ଅତି ଗେହ୍ଲାପୁଅ। ନବୀନ ନିବାସରେ ଥିଲା ତାଙ୍କର ଅଖଣ୍ଡ ଅଧିପତ୍ୟ । ଲୋକସେବା ଭବନ ବା ସେକ୍ରେଟେରିଏଟ୍ ଥାର୍ଡ କରିଡର୍‌ର ସର୍ବେସର୍ବା ।

ବିଜେଡି ସୁପ୍ରିମୋ ସଫେଇ ଦେଲେ- ବିଜେଡିର ଉତ୍ତରାଧିକାରୀ ବାଛିବେ ଓଡ଼ିଶାବାସୀ । ପ୍ରକୃତରେ ଏହି 'ବାଛିବା' ଦାୟିତ୍ୱଟି କାହାର? ବିଜେଡି ସୁପ୍ରିମୋଙ୍କର ନା ଓଡ଼ିଶାବାସୀଙ୍କର? କେମିତି ଓଡ଼ିଶାବାସୀଙ୍କର ମତ ନିଆ ଯାଇଥାନ୍ତା? ଯଦି କୌଣସି ଫର୍ମୁଲା ଥିଲା, ନବୀନ ତାହା ପ୍ରୟୋଗ କଲେ ନାହିଁ କାହିଁକି? ପାଞ୍ଚ ପାଳି ଶାସନ କାଳ ମଧ୍ୟରେ ତାଙ୍କ ହାତରେ ଅତି କମ୍‌ରେ ଶହେ ଜଣ ମନ୍ତ୍ରୀ ଓ ନେତାଙ୍କ ତାଲିକା ଥିବ । ସେମାନଙ୍କ ମଧ୍ୟରୁ କଣ ଜଣକୁ ବାଛିବା କଣ ଏତେ କଷ୍ଟକର? ସେ ଚାହିଁଥିଲେ ନିଜ ପରିବାରର କୌଣସି ସଦସ୍ୟଙ୍କୁ ଉତ୍ତରାଧିକାରୀ ବାଛି ପାରିଥାନ୍ତେ। ମାତ୍ର ସେଥିପ୍ରତି ସେ ଥିଲେ ସମ୍ପୂର୍ଣ୍ଣ ନିରାସକ୍ତ । ସିଂହାସନରେ ନବୀନ ବସିଥିଲେ ସତ, ମାତ୍ର ପ୍ରକୃତ ଗୋଟି ଚାଳକ ଥିଲେ ଅନ୍ୟଜଣେ ।

ଗେହ୍ଲା ପୁଅଙ୍କ ହାତରେ ରହିଲା ସବୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ। କୌଣସି ମନ୍ତ୍ରୀ ଓ ଆଇଏସସଙ୍କୁ ନବୀନଙ୍କ ପାଖ ପୂରାଇ ଦିଆଗଲା ନାହିଁ । ନିଜେ ପାଣ୍ଡିଆନ ରହିଲେ ଅପହଞ୍ଚ ବଳୟରେ । ନବୀନଙ୍କୁ ଧରି ଏକୁଟିଆ ନିର୍ବାଚନ ପ୍ରଚାର ମୈଦାନକୁ ଓହ୍ଲାଇଲେ । ଗେହ୍ଲାପୁଅ କହୁଥିଲେ- ମୁଁ ନବୀନଙ୍କ ସେବକ । ମୋର ରାଜନୀତିରେ ମିଶିବାର ନାହିଁ । ଓଡ଼ିଶାବାସୀଙ୍କ ସେବା କରିବା ମୋ ଧର୍ମ। ଏପଟେ ଦେଶର ସବୁଠୁ ଧନୀ କୋଟିପତିଙ୍କ ଲାଗି ଖୋଲି ଦିଆଗଲା ବଜାର । ପୋର୍ଟ, ଏୟାରପୋର୍ଟ, ସମୁଦ୍ର, ଜଙ୍ଗଲ ସବୁ ସେମାନଙ୍କ ହାତକୁ ଟେକି ଦିଆଗଲା। ନିର୍ବାଚନ ବଣ୍ଡ ଆକାରରେ ଦଳକୁ ଯେତିକି ଟଙ୍କା ଆସିଲା, ତା'ଠୁ ଯଥେଷ୍ଟ ଅଧିକ ପାଇଲେ ଗେହ୍ଲାପୁଅ । ଦୀର୍ଘ ୨୪ବର୍ଷ ମଧ୍ୟରେ ଏହି ମୁକ୍ତବୃତ୍ତ ସ୍ତମ୍ଭକାର ପ୍ରାୟ ଶହେଥର ନବୀନଙ୍କୁ ଭେଟିବାକୁ ଚେଷ୍ଟା କରିଛି। ମାତ୍ର ଥରୁଟିଏ ବି ସଫଳ ହୋଇନାହିଁ । ଆମ ଅବସ୍ଥା ଯାହା, ଅନେକ ମନ୍ତ୍ରୀ ଓ ବିଧାୟକଙ୍କ ଅବସ୍ଥା ବି ସେୟା ।

ନିର୍ବାଚନ ଫଳ ଘୋଷଣା ପରେ କୁଆଡ଼େ ଗଲେ ନବୀନଙ୍କ ଗେହ୍ଲାପୁଅ, ସେବକ? ବିଜେଡି ଡୁବିଲା ନା ତାକୁ ଡୁବାଇ ଦିଆଗଲା? ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଜଣେ କର୍ତ୍ତବ୍ୟରତ ପୁଲିସ ଏଏସ୍‌ଆଇ ବିଚ୍ ରାସ୍ତାରେ ଗୁଳି କରି ହତ୍ୟା କଲେ । ତାର ରହସ୍ୟ ଖୋଲାଗଲା ନାହିଁ। ଏତେବଡ଼ ଘଟଣାକୁ ଚାପି ଦିଆଗଲା । ତାଙ୍କ ଝିଅ ଦୀପାଳି ଦାସଙ୍କୁ ଥରୁଟିଏ ଉପ ନିର୍ବାଚନରେ ବିଧାୟିକା କରାଗଲା । ମାତ୍ର ୨୦୨୪ ବିଧାନସଭା ନର୍ବାଚନରେ ତାଙ୍କୁ ହରାଇବାର ବାଟ ଖଞ୍ଜାଗଲା । ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଯାଜପୁର ଲୋକସଭା ଆସନ ଛାଡ଼ି ସମ୍ବଲପୁର ଆସନକୁ ଠେଲି ଦିଆଗଲା । ସେ ବଳିବୋଦା ସାଜିଲେ । ଶୋଚନୀୟ ଭାବେ ହାରିଲେ । ଖୋଦ୍ ନବୀନ ପଟ୍ଟନାୟକ କଣ୍ଟାବାଞ୍ଜି ବିଧାନସଭା ଆସନରୁ ୧୫ହଜାରରୁ ଅଧିକ ଭୋଟରେ ଲକ୍ଷ୍ମଣ ବାଗଙ୍କଠାରୁ ହାରିଗଲେ । ଅନେକ ପ୍ରମୁଖ ବିଜେଡି ନେତା ଏଥର ନିର୍ବାଚନରେ ଧୂଳି ଚାଟିଛନ୍ତି । ସେମାନେ ମନେ ମନେ ଘୋର ଅସନ୍ତୁଷ୍ଟ ଥିଲେ ବି ସୁପ୍ରିମୋଙ୍କ ଡରରେ ପାଟି ଫିଟାଇ ନାହାନ୍ତି । କେଉଁ ଉଦ୍ଦେଶ୍ୟ ନେଇ ଏଭଳି କରାଯାଇଛି, ତାହା ଭଗବାନ ଜାଣନ୍ତି ।

ପାଣ୍ଡିଆନ ପ୍ରକୃତରେ ବିଜେଡିର ମଙ୍ଗଳ ଚାହୁଁଥିଲେ ନା ବିଜେପିର ହାତବାରିଶି ସାଜିଥିଲେ? ଏହାହିଁ ଲକ୍ଷେ ଡଲାର୍‌ର ପ୍ରଶ୍ନ । ନିର୍ବାଚନ ଫଳ ଘୋଷଣା ପରେ ସେ କାହିଁକି ରାତି ଅଧିଆ ଉଭାନ୍ ହୋଇଗଲେ? ଗେହ୍ଲାପୁଅଙ୍କ ବିରୋଧରେ ନବୀନ ପଦୁଟିଏ ଓଗାଳୁ ନଥିବାର କାରଣ କଣ? କ୍ଷମତାକୁ ଆସିଥିବା ବିଜେପି ସରକାର କାହିଁକି ନେଉନି ଠୋସ୍ କଦମ୍? ଅତୀତରେ ଜଣେ ବିରୋଧୀ ଦଳ ନେତାଙ୍କୁ ନିଜ ଦଳକୁ ଆଣି ପାରିଥିଲେ ନବୀନ । ପୁରସ୍କାର ସ୍ୱରୂପ ତାଙ୍କୁ ଦିଆଯାଇଥିଲା ରାଜ୍ୟସଭା ସଦସ୍ୟ । ବିଜେପି ସେଭଳି ଚକ୍କରରେ ଅଛି କି? ବିଜେପି ସରକାର ଶପଥ ଗ୍ରହଣ ଉତ୍ସବରେ ଓ ପୁରୀ ଯଥଯାତ୍ରା ଭିଆଇପି ମଞ୍ଚରେ ଆମେ ନବୀନଙ୍କୁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ସହିତ ଏକାଠି ଦେଖିଛୁ । ତାଙ୍କୁ କେନ୍ଦ୍ରରେ ମନ୍ତ୍ରୀ କରାଯିବାର ଅଫର୍ ଦେଇ ପଟ୍ଟ ପରିବର୍ତ୍ତନ କରାଯିବ ନାହିଁ ତ? ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟେ । କିଏ ଜାଣେ କଣ ହେବ? ଆଜି ଏତିକି । ଜୟ ଜଗନ୍ନାଥ

♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## କବିତା...

### ॥ ନିରୀହତାର ନାନାବାୟା ॥



**ସତ୍ୟରଂଜନ ପ୍ରହରାଜ**

ଅତି ବେଶିରୁ ବେଶି
କେତେ ନିରୀହ ଜଣେ ହେଇପାରେ !

ଏଇ କେହିଜଣେ ନେଇଗଲା ଯାଏଁ
ଇଟାପଥର, ତା ତଳ ଜମି
ସାଇତା ଉପହାର
ଓ ଜଣେ ଦୁଇଜଣ ପ୍ରିୟଲୋକ
ନା ନଚିହ୍ନିଲା ଯାଏଁ ଦୂର ପାହାଡ
ମାଛମାନଂକ ଆଖି
ହସର କୁଜ୍‌ଝଟୀ
ପଥରରେ ଈଶ୍ୱର ନୁହେଁ
ମଣିଷର ବିଗଳିତ ମୁହଁ

ମୋ ମନ ପରି
ଝର୍କାରୁ ଦିଶୁଥିବା ଗାଡିଆର କର୍ଦ୍ଦମ
କିଛି ପଦ୍ମପତ୍ର ଓ ଗୋଟେ ପଦ୍ମକଢର
ଉଜ୍ଜ୍ୱଳତା ପରି
ପ୍ରଗାଢ ବିଶ୍ୱାସକୁ ନେଇ
ମୁଁ ଫେରିଗଲେ ବି ଶୈଶବ
କେହି ବି ନଥିବେ
ଖେଳିବାକୁ ବୋହୁବୋହୁକା
ବାଣ୍ଟିବାକୁ ଜାମୁକୋଳି ଓ ହସର ଫୁତ୍କାର

ଫୁଲ ନହେଲି ନାହିଁ
ମୋଠୁ ବ୍ୟାପିଯାଉ ନିରୀହତାର ମହକ

ଆକାଶ ନୁହେଁ ଆଗେ ମହକୁ
ମୋ ଝର୍କାର ଆଖପାଖ ଓ
ପଡୋଶୀର ଦାଣ୍ଡ
ରାଜନ୍ ନହେଲି ନାହିଁ
ମୋଠି ଥାଉ ନିରୀହତାର କୁଣ୍ଡଳ, କବଚ
ଅପରୀସମ ହୃଦୟ
ତା ଭିତରେ ସମସ୍ତେ ନିଜର ନିଜର

ପଦ୍ମପତ୍ର ବି ନହେଲି ନାହିଁ
ପଙ୍କର କାଳିମା ପ୍ରତି ଲିଭିଯାଉ ହତାଦର
ଝର୍କାରୁ ପୃଥିବୀ ଦିଶୁ ନିଜପରି
ନିଜମଣିଷଙ୍କୁ ମୁଁ ଦିଶେ ଚିହ୍ନାଚିହ୍ନା
ନିସ୍ୱଃ ନିଃସ୍ୱାର୍ଥପର ।

♥ ଲେନ ନଂ-୬, ଏରୋଡ୍ରୋମ୍ ଏରିଆ
ଭୁବନେଶ୍ୱର-୭୫୧୦୨୦
ମୋ ୯୬୫୮୪୧୩୫୩୪

### ॥ ବହୁ କବିତା ଲେଖା ହେଲାନି ॥

ମୂଳ ଅସମୀୟା :
**ଗଙ୍ଗା ମୋହନ ମିଲି**





ଅନୁବାଦ :
**ଶୈଳବାଳା ମହାପାତ୍ର**

ବିତି ଯାଇଥିବା ଦିନମାନଙ୍କରେ
ବହୁ କବିତା ଲେଖା ହୋଇ ପାରିଲାନି

ଏଇ ଯେ ଗୋଧୂଳିର ଆକାଶରେ
ଉଡ଼ି ଯାଆନ୍ତି ଚଢ଼େଇମାନେ
ଆନନ୍ଦରେ ନା ବିଷାଦରେ ?
ଜାଣି ପାରିଲିନି !

ଏଇ ଯେ ଚିରକାଳ ବହୁଥାଏ
ପ୍ରିୟ ନଦୀ

ସ୍ରୋତ ବଦଳେଇ
ନଦୀର ବି ଥାଇପାରେ ସୁଖଦୁଃଖ
ନଇପଠାର ମଣିଷ ହେଇ ବି
ଏତେ ଦିନକେ କିଛି
ବୁଝି ପାରିଲିନି

ଆମେ ଗୋଟିଏ ଗାଁ ର ମଣିଷ
ସକାଳ ସଞ୍ଜେ
ଆପଦ ବିପଦେ
ପାଖରେ ଠିଆ ହେଉ
ପରସ୍ପରର

କି ଯେ ପବନ ବହିଲା
କି ଯେ ଦିନ ଆସିଲା
ଦିନୁଦିନ ଅଚିହ୍ନା ହୋଇପଡ଼ିଲେ
ରକ୍ତ ମାଂସର ଆପଣାର ଲୋକ

ଏତେ ଦିନ ଲେଖା ହୋଇନଥିବା କବିତା
ଅନାଗତ ଦିନମାନଙ୍କରେ
ପ୍ରାଣବନ୍ତ ହେବ ତ !?

♥ ଶୀଳାଚିନ୍ମୟ
ଇନ୍ଦ୍ରଦ୍ୟୁମ୍ନ ଛକ
ଟିକରପଡା ରୋଡ୍, ପୁରୀ
(ମୋ) ୭୦୦୮୫୮୬୫୦୧



**ଐଶ୍ୱର୍ଯ୍ୟା ପ୍ରଧାନ**

### ॥ ଭିକ୍ଷା ॥

ନା ମାଗିଛି କେବେ ସୁନାର ମହଲ
ନା ହେବାକୁ ଚାହୁଁଛି
ଲବଙ୍ଗ ଦ୍ୱୀପର ରାଜକୁମାରୀ
ପାଦ ତଳେ ଅଜାଡ଼ିବାକୁ ବି କହିନାହିଁ
ହୀରା, ନୀଳା, ମୋତି, ମାଣିକ୍ୟ .....

ନା ମାଗୁଛି ଶହେ ବର୍ଷର ଆୟୁଷ
ମାଗୁଛି ତ କେବଳ କିଛିଟା ମୁହୂର୍ତ୍ତ ।

ଗ୍ରହଣ କରିବି ମୁଁ
ଦେବ ଯଦି ତୁମର ଉତ୍ତରୀୟ
ସେଠି ବି ତ ମହକୁ ଥିବ
ଭୁରୁଭୁରୁ ବାସ୍ନା ତୁମ ଦେହର
ପ୍ରେମର ଗନ୍ଧ ଏତେ
ମାଦକତା ଭରା ଯେ
ରଙ୍ଗେଇ ହେଇଯିବ ସପ୍ତରଙ୍ଗ
ଆଉ ରଙ୍ଗୀନ ଦିଶିବ ଅମ୍ଳାନ ବସ୍ତ୍ର !

ଚାହୁଁଛି ତୁମ ବକ୍ଷରେ ଆଉଜି ହୋଇ
ନିରବି ଯାଆନ୍ତି କିଛି କ୍ଷଣ
କୋଳାହଳମୟ ପୃଥିବୀରୁ ନିସ୍ତରି
କିଛିଟା ନିସ୍ତବ୍ଧ ସମୟକୁ
ଧରି ପକାନ୍ତି ହାତ ପାହାନ୍ତରେ !

ଏ ଲାସ୍ୟମୟୀ ଜହ୍ନ ରାତିରେ
ପାଲଟି ଯାଆନ୍ତି ମୁଁ ଛାୟା ସଙ୍ଗିନୀ
ବାସ୍ , ଅନୁମତି ଦିଅ ଥରେ
ବିଲୀନ ହୋଇ ଯିବାକୁ ଚାହେଁ
ତୁମ କାୟାରେ।

♥ କନ୍ଧେଇମାଳ,
ଉକଲ୍ହୋ, କଳାହାଣ୍ଡି

### ॥ ଆଶ୍ରିତ ॥

**ରାଜେଶ ପୂଜାରୀ**



କହିଲେ କହୁଥାଅ
'ମୁଁ' ଆଶ୍ରିତ ଆଶ୍ରିତ ବୋଲି
ମୋର ଜମାରୁ ଆପତ୍ତି ନାହିଁ
ବିଦାୟ ଦେଇ ହେଉଛି ଯେବେ
ପାଛୋଟି ଆଣିବାରେ
କ୍ଷତି ଅବା କାହିଁ,

ସୂର୍ଯ୍ୟ ବିନା କେହି କ'ଣ
ସଞ୍ଚିପାରେ ନିଆଁ
ପତଙ୍ଗ ନ ଉଡ଼ିଲେ ଆକାଶେ
କିଏ ଗାଇପାରେ ମାଟିଗୀତ
ପକ୍ଷୀ ନ ବାହୁଡ଼ିଲେ ନୀଡ଼କୁ
ଝାଉଁଳା ସ୍ୱପ୍ନସବୁ
ଚେତନ୍ତି କେମିତି ନିଦରୁ ?


ଆସ କାଲିର ଆଜିର ଘା'ମାନଙ୍କୁ
ଚିକ୍କଣ କରିବା
ଆଶ୍ରାର ପଥ୍ୟ ଔଷଧୀରେ,
ଫୁଲହାର ହେଇ ଟାଙ୍ଗିହେବା
ଅନାବିଳ ଭାବର ଚଉଡ଼ା କାନ୍ଥରେ।

ବିନା ଆଶ୍ରାରେ କେଉଁ
ନଈ ପାରି କରିହୁଏ ଯେ
ସେଇଥିପାଇଁ ବି
ଲୋଡା ଡଙ୍ଗାଟେ, ନାବିକ ଜଣେ।

♥ କୁଶମେଲ, ଝାରସୁଗୁଡ଼ା
ମୋ-୮୧୪୪୭୭୯୦୬୧

### ॥ ବର୍ଷାରାଗ ॥

**ସୁମିତା ବେହେରା**



କେବେ ତମେ କହିଥିଲ
ସବୁଜ ରଙ୍ଗରେ ପଖାଳି ଦେବି
ତୁମ ଉସର ଛାତି,
ଲେଖିଦେବି ଅନାବନା ଗୀତ

ସେ ଦିନ ରହିଗଲାଣି ଢେର ପଛରେ
ଏବେ କେବଳ ପବନ ବୋହିଆଣୁଛି ସ୍ମୃତି।

ମାଳ ମାଳ ଅଝଟିଆ ଇଛା ଭିତରେ
ଖୁବ୍ ଆସ୍ତେ ଶୁଣାଯାଉଛି
କେବଳ ଆଗ୍ନେୟ ନିଃଶ୍ୱାସ
କେବେ ଯଦି ବି ତମେ ଦିଶୁଛ
ଭାରି ବେପରୁଆ
ଅଣାୟତ୍ତ ତୁମ ନରମ ପାଦରେ
ମାପୁଛ କି
ଏକାଧିକ ବିଭକ୍ତ ଯୋଡିବା ପାଇଁ
ଲୋଡାହୁଏ କେତେ ବିଶ୍ୱାସ !

ଏବେ ଏବେ କେହି ଈଶ୍ୱରଙ୍କୁ
ପଚାରୁଥିଲା ପ୍ରଶ୍ନ
ମିଳାଇଗଲା ଶୂନ୍ୟରେ

ଶବ୍ଦ ପଣବନ୍ଦୀ ହେବା ବି ତ
ସାମୟିକ ମୃତ୍ୟୁ ।

ଠିକ୍ ଅଛି, ନିଗିଡି ଯିବା
ମୋତେ ବି ଜଣା
ଗୋଟିଏ ଅଝଟପଣରେ ତମକୁ ମୁଁ
ବାରମ୍ବାର ହଜାଇ ପାରେ
ଖାସ୍ ତମ ପାଇଁ ହୃଦୟରେ
ଗାରକାଟି ଏତକ ବି କହିଦେଇ ପାରେ
ତୁମେ ତୀବ୍ରତାରେ ଆସ ବା ଶିଥିଳତାରେ
ହାତ ବଢାଇ ତୁମକୁ ଛୁଇଁବାକୁ ବି
କାହିଁକି କେଜାଣି
ଏବେ ମୋର ଭାରି ଭୟ
ଏବେ ତୁମେ ମୋର ହୋଇବି
ମୋର ନୁହଁ ।

♥ କାଳିକାପୁର, ବାରିପଦା

# ସାହିତ୍ୟିକ ନିରପେକ୍ଷ ନୁହେଁ, ପକ୍ଷଭୁକ୍ତ ହେଉ - ସେ ପକ୍ଷ ସତ୍ୟର, ଅହିଂସାର, ସକରାତ୍ମକ ସମାଜର : ଡ. ଅରବିନ୍ଦ ରାୟ

**ଡ. ଅରବିନ୍ଦ ରାୟ** ସମକାଳୀନ ଓଡିଆ ସାହିତ୍ୟର ଜଣେ କୁଶଳୀ ବିନ୍ଧାଣୀ । ମଣିଷ ଭିତରେ ଥିବା ଅସୀମ ଶକ୍ତିକୁ ବଞ୍ଚେଇବା ଓ ମଣିଷକୁ ପଶୁରୁ ଦେବତା ପର୍ଯ୍ୟାୟକୁ ଘେନି ଯିବା ପ୍ରୟାସରେ ସେ ଧରିଛନ୍ତି କଲମ । କେବଳ ଗଳ୍ପ ନୁହେଁ, ଉପନ୍ୟାସ, ଶିଶୁ ସାହିତ୍ୟ, ନାଟକ ସହ ଆଲୋଚନା ଓ ସମ୍ପାଦନା କ୍ଷେତ୍ରରେ ମଧ ପ୍ରତିପାଦିତ କରିସାରିଛନ୍ତି ନିଜ ପାରଦର୍ଶିତା । ତାଙ୍କ ଲେଖାରେ ଅଛି ଯେଉଁ ବାସ୍ତବତା, ଅଛି ଯେଉଁ ସାମାଜିକ ବିଲକ୍ଷଣକୁ ସୁଧାରିବାର ପ୍ରୟାସ, ତାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ନିଆରା କରି ଚିହ୍ନାଏ । ତାଙ୍କ ସହ ଏଥରର ଆଳାପ...



■ **ଅକ୍ଷରେ ଡ. ଅରବିନ୍ଦ ରାୟ ...**



ଜନ୍ମ : ୨୭ ଏପ୍ରିଲ୍, ୧୯୬୪
ଜନ୍ମସ୍ଥାନ : ବାରଡିଆ, ଅଣଖିଆ, ଜଗତସିଂହପୁର
ପିତା- ଉମାକାନ୍ତ ରାୟ
ସ୍ୱାମୀ- କ୍ଷୀରପ୍ରଭା ରାୟ

■ **ପ୍ରକାଶିତ ପୁସ୍ତକ** ■

**ଗଳ୍ପ :**
୧- ଦି'ପାଦ ପୃଥିବୀ (୧୯୯୫)
୨- ଅନ୍ତରଂଗ ମଣିଷ (୨୦୦୦)
୩- ଦୃଶ୍ୟ ବଦଳୁଛି (୨୦୦୩)
୪- ଛାଇ ଲେଉଟାଣି (୨୦୦୬)
୫- ବାଟ ବସାଘର (୨୦୦୭)
୬- ପବନର ଖେଳ ( ୨୦୧୦)
୭- ସାମ୍ନାରେ ସକାଳ (୨୦୧୧)
୮- ନଷ୍ଟାଲଜିଆ (୨୦୧୧)
୯- ଅନ୍ଧାର ଯେତିକି ଆଲୁଅ ସେତିକି (୨୦୧୨)
୧୦- ଆକ୍ଟର (୨୦୧୩)
୧୧- ଗାୟକ (୨୦୧୫)
୧୨- ମଣିଷ କଣ୍ଢେଇ (୨୦୧୫)
୧୩- ନିର୍ଭୟା (୨୦୧୬)
୧୪- ଜୋକର (୨୦୧୭)
୧୫- ଚନ୍ଦ୍ରକଳାର ଚିଠି (୨୦୧୯)
୧୬- କଥା ସରେନାହିଁ (ନିର୍ବାଚିତ ଗଳ୍ପ) (୨୦୧୯)

**ଅନୁଦିତ ଗଳ୍ପ ସଂକଳନ :**
୧- ଅନ୍ଧେରା ଯିତ୍ନା ଉଜାଲା ଉତ୍ନା : ଅନୁବାଦ- ଶଙ୍କରଲାଲ ପୁରୋହିତ

**ଉପନ୍ୟାସ :**
୧- ଚାଲ ଫେରିଯିବା (୨୦୦୬)
୨- ବଢ଼ିଲା ନଈ (୨୦୧୧)
୩- ଗୋଲାମ ନଗର ଘୋଡା (୨୦୧୧)
୪- ବସ୍ତି (୨୦୧୭)
୫- ହେ ମହାଜୀବନ (୨୦୧୮)
୬- ଖଟି (୨୦୧୯)

**ଶିଶୁ କିଶୋର ସାହିତ୍ୟ :**
୧- ଆମ ଅଧିକାର ଆମ ହାତରେ
୨-ରେଡକ୍ରସର ଅତୀତ ଓ ବର୍ତ୍ତମାନ
୩- ପିଲାଙ୍କ ଭ୍ରମରବର

**ନାଟକ :**
୧- ଆକ୍ଟର (ମଞ୍ଚାୟନ)
୨-କେବଳ ଆମେ (ମଞ୍ଚାୟନ)
୩- ମଣିଷ କଣ୍ଢେଇ
୪- ଅରଣ୍ୟର ଆଲୋକ
୫- ଆଲୋକର ଦେଶ (ମଞ୍ଚାୟନ)

**ଅରବିନ୍ଦଙ୍କ ସମ୍ପାଦନା କର୍ମ :**
୧- କାନ୍ତକବି ଲକ୍ଷ୍ମୀକାନ୍ତ
୨- ଭାରତୀୟ ଭାଷାର ପ୍ରଥମ ଆଧୁନିକ ଗଳ୍ପ
୩- କଥା କାଳଜୟୀ
୪- ଟର୍ଣ୍ଣିଂ ପଏଣ୍ଟ (ଯୁଗ୍ମ)
୫- ଆମ ପିଲାଦିନ (ଯୁଗ୍ମ)
୬- ଆମ ସ୍କୁଲ ସାର୍ (ଯୁଗ୍ମ)
୭- କଥାଶିଳ୍ପୀ କହ୍ନେଇଲାଲ ଦାସ (ଯୁଗ୍ମ)
୮- ପ୍ରଥମ ଗଳ୍ପ
୯- କଥାଶିଳ୍ପୀ ସାରଦା ପ୍ରସାଦ ମିଶ୍ର (ଯୁଗ୍ମ)
୧୦- ଓଡିଆ କଥା ଓ କଥାକାର (ଯୁଗ୍ମ)
୧୧- ଶତାୟୁ କଥାକାର (ଯୁଗ୍ମ)



୧୯୬୪ ମସିହାରେ ଜଗତ୍‌ସିଂହପୁର ଜିଲ୍ଲା ବିରିଡି ବ୍ଲକ୍ ଅନ୍ତର୍ଗତ ଏକ ଅଖ୍ୟାତ ପଲ୍ଲୀ ବାରଡିଆରେ ଜନ୍ମଗ୍ରହଣ କରିଥିଲେ ଡ. ଅରବିନ୍ଦ ରାୟ । ତାଙ୍କ ବାପାଙ୍କ ନାଁ ଉମାକାନ୍ତ ରାୟ ଓ ବୋଉ କ୍ଷୀରପ୍ରଭା ରାୟ । ପିଲାଦିନୁ ଜେଜେବାପା ବୈଷ୍ଣବକବି ଭ୍ରମରବର ରାୟଙ୍କ ଦ୍ୱାରା ପ୍ରଭାବିତ ହୋଇ ଛନ୍ଦୋବଦ୍ଧ କବିତା ରଚନା କରୁଥିଲେ । ୧୯୭୯ରେ ଜଗତସିଂହପୁରର ଶ୍ରୀକୃଷ୍ଣ ଏକାଡେମୀରୁ ମ୍ୟାଟ୍ରିକ୍ ପାଶ୍ କରିବା ପରେ ସେ ଏସ୍.ଭି.ଏମ୍ କଲେଜରେ ପଢୁଥିବା ସମୟରେ ମହାବିଦ୍ୟାଳୟର ମୁଖପତ୍ର 'ମରୁବାଲି'ରେ ୧୯୮୦ ମସିହାରେ ତାଙ୍କର ପ୍ରଥମ ଗପ ପ୍ରକାଶ ପାଇଥିଲା । ୧୯୮୦ରୁ ଏଯାବତ୍ ସେ ନିରବଚ୍ଛିନ୍ନ ଭାବେ ଗଳ୍ପ ରଚନା କରିବା ସହ ଉପନ୍ୟାସ, ନାଟକ, ଶିଶୁ କିଶୋର ସାହିତ୍ୟ ରଚନା କରି ଆସୁଛନ୍ତି । ଏଯାବତ୍ ତାଙ୍କର ୧୮ଟି ଗଳ୍ପ ସଂକଳନ, ୭ଟି ଉପନ୍ୟାସ, ୧୦ଟି ଶିଶୁ କିଶୋର ରଚନା ଓ ତିନୋଟି ନାଟକ ପୁସ୍ତକ ପ୍ରକାଶିତ । ସେ ମଧ ଜଣେ ଦକ୍ଷ ସଂପାଦକ । ୧୯୮୯ରୁ ଏଯାବତ୍ ଗଳ୍ପ ଭିତ୍ତିକ ପତ୍ରିକା 'ଆମରି ଗପ'ର ସଂପାଦନା କରିବା ସହ ବହୁ ଉଚ୍ଚାଙ୍ଗ ଆଲୋଚନା ଗ୍ରନ୍ଥ ସଂକଳିତ କରିଛନ୍ତି । ଗଳ୍ପ ରଚନା ପାଇଁ ୨୦୧୦ ମସିହାରେ ସେ "ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର" ଓ ଉପନ୍ୟାସ ତଥା ଆଲୋଚନା ଗ୍ରନ୍ଥ ପାଇଁ "ରାଜଧାନୀ ପୁସ୍ତକ ମେଳା" ପୁରସ୍କାର ଲାଭ କରିଛନ୍ତି। ତାଙ୍କ ରଚିତ ଗଳ୍ପ ଇଂରାଜୀ, ବଙ୍ଗଳା, କାଶ୍ମିରୀ, ଗୁଜୁରାଟୀ, ହିନ୍ଦୀ, କନ୍ନଡ଼, ତାମିଲ ଆଦି ଭାଷାରେ ଅନୁଦିତ ହୋଇ ସାରିଛି। ସରକାରୀ ଚାକିରୀରୁ ଅବସର ପରେ ସଂପ୍ରତି ସେ ତାଙ୍କର ଗାଳ୍ପିକା ପତ୍ନୀ ଲିଲି ଦାସଙ୍କ ସହ ଭୁବନେଶ୍ୱରରେ ଅବସ୍ଥାନ କରୁଛନ୍ତି ।

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ **କେମିତି ହୋଇଥିଲା ଆପଣଙ୍କ ସୃଜନର ଅନ୍ୟ ସ୍ଫୁରଣ ?**

■■ ପିଲାବେଳୁ ମୁଁ ଆମଘରେ ଏକ ସାରସ୍ୱତ ପରିବେଶ ଦେଖୁଥିଲି । ମୋ ଜେଜେବାପା ବୈଷ୍ଣବ କବି ଭ୍ରମରବର ରାୟ ରୀତି ସାହିତ୍ୟ ଧାରାର ଜଣେ ପ୍ରସିଦ୍ଧ କବି ଥିଲେ । ୧୯୭୭ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ତାଙ୍କୁ ସମ୍ମାନିତ କରିଥିଲେ। ଓଡ଼ିଶାର ବିଶିଷ୍ଟ ପାଲାଗାୟକମାନେ ଜେଜେଙ୍କ ପାଖକୁ ଆସନ୍ତି - କାବ୍ୟ-କବିତା ନେବା ପାଇଁ । ଜେଜେଙ୍କ ପ୍ରଭାବରେ ପ୍ରଭାବିତ ହୋଇ ୮ମ ଶ୍ରେଣୀରେ ମୁଁ ପଢୁଥିବା ବେଳେ ଏକ କବିତା ଲେଖିଥିଲି । ତାହା ବିଦ୍ୟାଳୟର ମୁଖପତ୍ର 'ଅଳକା'ରେ ପ୍ରକାଶ ପାଇଥିଲା । ତେଣୁ ଜୀବନରେ କବି ହେବାକୁ ଇଚ୍ଛା କରି ମୁଁ କଲମ ଧରିଥିଲି ।

■ **ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ପୂର୍ବରୁ କହିଛି ମୋ ଲେଖକ ଜୀବନର ପ୍ରଥମ ପ୍ରେରଣା ମୋ ଜେଜେ ଭ୍ରମରବର ରାୟ । ତାଙ୍କ ପରେ ମୋତେ ସାହିତ୍ୟ ସର୍ଜନା ପାଇଁ ବହୁମାତ୍ରାରେ ଉତ୍ସାହିତ କରିଥିବା ବ୍ୟକ୍ତିଟି ଥିଲା ମୋ ବୋଉ କ୍ଷୀରପ୍ରଭା ରାୟ । ସେ ହିଁ ମୋ କାନେ କାନେ ସାହିତ୍ୟ ସର୍ଜନାର ସୂତ୍ର ବତେଇଥିଲା । ପରବର୍ତ୍ତୀ ଜୀବନରେ ଯେତେବେଳେ ଗପ ଲେଖିଲି, ସେତେବେଳେ ମହାପାତ୍ର ନୀଳମଣି ସାହୁ ଓ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କୁ ମୋ ପ୍ରେରଣାର ମୂଳ ବୋଲି ଗ୍ରହଣ କରିଛି ।

■ **ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?**

■■ ବର୍ତ୍ତମାନର ସମାଜରେ ମୁଖ୍ୟ ସମସ୍ୟା ହେଲା ମୂଲ୍ୟବୋଧର ସଂକଟ। ଯାହା ଫଳରେ ମାନବିକତା ହଜି ହଜି ଯାଉଛି- ହିଂସ୍ରତା ଓ ଉଗ୍ରଭାବ ବୃଦ୍ଧି ପାଉଛି । ଦ୍ୱିତୀୟରେ ମଣିଷ ନିଜକୁ ଦିନକୁ ଦିନ ଖର୍ବ ଓ ଶକ୍ତିହୀନ କରି ଚାଲିଛି। ଲେଖକର କର୍ତ୍ତବ୍ୟ ମଣିଷ ଭିତରେ ଥିବା ଅସୀମ ଶକ୍ତିକୁ ବଞ୍ଚେଇବା ଓ ମଣିଷକୁ ପଶୁରୁ ଦେବତା ପର୍ଯ୍ୟାୟକୁ ଘେନି ଯିବା । ଏଥିପାଇଁ ଶ୍ରମ ନୁହେଁ ସାଧନା ଲୋଡ଼ା । ମୋର ବିଶ୍ୱାସ, ସେହିପରି ସାଧନାରୁ ସାହିତ୍ୟ ସୃଷ୍ଟି ହେଲେ ସାହିତ୍ୟ ମାଧ୍ୟମରେ ସମାଜ ପରିବର୍ତ୍ତନ ସମ୍ଭବ । ଅତୀତର ଅନେକ ସାମାଜିକ ବିଲକ୍ଷଣକୁ ସୁଧାରିଛି ଏହି ସାହିତ୍ୟ । ଆଜି ମଧ ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଉଛି- ଆଗାମୀ ଦିନରେ ଦେଇ ଚାଲିବ।

■ **ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ ସାଧାରଣ ପାଠକ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉ ନଥିବା ଅଭିଯୋଗ ହୁଏ । ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?**

■■ ମୋ ପିଲାଦିନେ ମୁଁ ଦେଖିଛି, ଆମ ଗାଁକୁ ଯୋଗୀମାନେ କେନ୍ଦେରା ବଜାଇ ଭିକ ମାଗିବାକୁ ଆସୁଥିଲେ । ସେମାନେ ସାଙ୍ଗରେ କିଛି ଚଟି ବହି ବିକିବାକୁ ଆଣୁଥିଲେ। ଶୁଆଶାରୀ କଥା, ଖୁଲଣା ସୁନ୍ଦରୀ କଥା, ରାଜାପୁଅ- କଟୁଆଳ ଝିଅ କଥା ଇତ୍ୟାଦି ଇତ୍ୟାଦି । ଗାଁର ସ୍ତ୍ରୀ ଲୋକମାନେ ଚାଉଳ ଦେଇ ସେ ବହି ସବୁ କିଣୁଥିଲେ। କାରଣ, ସମୟ କଟାଇବା ପାଇଁ ସାଧାରଣ ଲୋକଙ୍କର ସାଥୀ ଥିଲା - ତାସ୍, ପଶା ଖେଳ ନାହିଁ ତ ବହି ପଢ଼ା । ଏବେ ସାଧାରଣ ଘରଣୀଠାରୁ ପାଠ ପଢୁଆ ଯୁବକ ଯୁବତୀଙ୍କର ୯୦ ଭାଗ ସମୟ ବିତୁଛି ମୋବାଇଲରେ । ତେଣୁ ଆଉ ପଢ଼ିବାକୁ ସମୟ ନାହିଁ । ଏବେ ଯିଏ ଲେଖକ ସେହିଁ ପାଠକ । ପୁଣି ଅଧିକାଂଶ ଲେଖକ ନିଜେ ଲେଖିଥିବା ଲେଖା ଓ ପତ୍ରପତ୍ରିକା ଛଡ଼ା ଅନ୍ୟ କିଛି ପଢ଼ନ୍ତି ନାହିଁ । ତେଣୁ ପାଠକ ଆସିବେ କୁଆଡୁ ? ଆଉ ରହିଲା ଗଳ୍ପ କଥା । ମୁଁ ମାନୁଛି, ଏବେ ଅପେକ୍ଷାକୃତ ଅଧିକ ଗଳ୍ପ ଲେଖା ଯାଉଛି । କିନ୍ତୁ ସେଥିରୁ ଅଧିକ ଭାଗ ଗଳ୍ପ ପଦବାଚ୍ୟ ନୁହେଁ । ତେଣୁ ଗଳ୍ପ ପଢ଼ିବାକୁ ଚାହୁଁଥିବା ପାଠକମାନେ ବାରମ୍ୱାର ନିରାଶ ହୋଇ ମନ ଫେରେଇ ନେଲେଣି । ଏହାର ସମାଧାନ ପାଇଁ କଲେଜ ସ୍ତରରେ ଅଧିକରୁ ଅଧିକ କର୍ମଶାଳା ଆୟୋଜିତ ହେବା ଆବଶ୍ୟକ । ରାଜ୍ୟର କୋଣ ଅନୁକୋଣରେ ଥିବା ପ୍ରତିଭାବନ୍ତ ଯୁବ ପ୍ରତିଭାମାନଙ୍କୁ ଖୋଜି ଉତ୍ସାହ ଦେବା ଦରକାର ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ଫକୀରମୋହନଙ୍କ ସମୟରେ ମଧ କୁହାଯାଉଥିଲା- ଆମ ମାତୃଭାଷା ସଂକଟରେ । ପରିଣାମ କଣ ହେଲା ସମସ୍ତେ ଜାଣନ୍ତି । ଏବେ ଆମ ପିଲାମାନେ ଭଲ ଓଡ଼ିଆ କହି ପାରୁ ନଥିବାରୁ ଏମିତି ଆଶଂକା ହେବା ସ୍ୱାଭାବିକ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆମ ମାତୃଭାଷା ସଂକଟରେ । ପ୍ରତି ଓଡ଼ିଆ ପରିବାର ଯଦି ପ୍ରତିମାସରେ ଖଣ୍ଡେ ଖଣ୍ଡେ ଓଡ଼ିଆ ବହି କିଣିବାର ସଂକଳ୍ପ କରିବେ- ଏ ଆଶଂକା ଅମୂଳକ ପ୍ରମାଣିତ ହୋଇଯିବ ।

■ **ସମାଜରେ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ସାହିତ୍ୟରେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?**

■■ ଲେଖକ ଏକ ଜାଗରିତ ସମାଜର ଜଣେ ସାଧାରଣ ନାଗରିକ । ସେ କୌଣସି ଆକ୍ଟିଭିଷ୍ଟ ବା ପ୍ରଚାରକ ନୁହେଁ । ତାର କାମ ହେଲା ନିଜ ଭିତରୁ ପ୍ରେରଣା ପାଇ ସମାଜର ମଙ୍ଗଳ ପାଇଁ ସେ ଲେଖିବ। ସମାଜର ପରିବର୍ତ୍ତନର ଆଶା ରଖି କୌଣସି ଲେଖକ କେବେ କିଛି ଲେଖନ୍ତି ନାହିଁ । ସମାଜ ଯଦି ସେ ଲେଖାରେ ପ୍ରଭାବିତ ହୁଏ- ତେବେ ତାହା ଆମକୁ ଆଶାବାଦୀ କରେ । ସେ ଦୃଷ୍ଟିରୁ ମୁଁ ଆଶାବାଦୀ ।


■ **ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶ୍ୱସ୍ତ ?**

■■ ଓଡ଼ିଆ ସାହିତ୍ୟରେ ଉଭା ଯେତେ ପୋତା ସେତେ । ମୁଁ ଏ ମହାନ୍ ପରମ୍ପରାର ଅଂଶ ବିଶେଷ ହୋଇପାରିଥିବାରୁ ଗର୍ବିତ ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ପୁରସ୍କାର ସବୁ ବନ୍ଦ ହୋଇଗଲେ ସାହିତ୍ୟରେ ଆଉ ଗୋଷ୍ଠୀ ରହନ୍ତା ନାହିଁ । ପୁରସ୍କାର ଲେଖକକୁ ଉତ୍ସାହିତ କରିବା ପରିବର୍ତ୍ତେ ଏବେ ସନ୍ଦେହଯୁକ୍ତ କରୁଛି । ତେଣୁ ପୁରସ୍କାରର ଲକ୍ଷ୍ୟ ସାଧିତ ହେଉନି । ଆଉ ସାହିତ୍ୟ ମାଧ୍ୟମରେ ଯେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ମୁଁ ଚାହେଁ- ତାହା ହେଲା ସାହିତ୍ୟିକ ନିରପେକ୍ଷ ନୁହେଁ- ପକ୍ଷଭୁକ୍ତ ହେଉ । ସେ ପକ୍ଷ ସତ୍ୟର, ଅହିଂସାର, ସକରାତ୍ମକ ସମାଜର ।

❤❤



ଗାଳ୍ପିକା ପତ୍ନୀ ଲିଲି ଦାସଙ୍କ ସହ ଗାଳ୍ପିକ ଡ.ଅରବିନ୍ଦ ରାୟ ।



ସହପାଠୀ ବନ୍ଧୁମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବାର ବିରଳ ମୁହୂର୍ତ୍ତ...

ପ୍ରିୟ ପାଠକ-୨୨

# ପାଠକଟିଏ ସର୍ବଦା ଲେଖକର ମଗ୍ନ ଚୈତନ୍ୟକୁ ପ୍ରତିକ୍ରିୟାର ଶଙ୍ଖନାଦରେ ସୃଜନଦୀପ୍ତ ରଖିଥାଏ

ଆଜି ଯେବେ ସେହି ତିରିଶ ବର୍ଷ ତଳର ସ୍ମୃତିର ପୃଷ୍ଠାକୁ ଲେଉଟାଏ, 'ନେହା' ନାମକ ଜଣେ ଯୁକ୍ତ ତିନି ଅଧ୍ୟୟନ କରୁଥିବା ବିଦଗ୍ଧା ତରୁଣୀ ପାଠିକାର ଚିଠିର ଧାଡି ପୁଣି ଥରେ ଜୀବନ୍ୟାସ ନେବା ପରି ଆଖିର ପରଦାରେ ନାଚି ଉଠେ। ସେହିପରି ଅନେକ ପାଠକ ପାଠିକା ସେମାନଙ୍କ ଆବେଗଭରା ପ୍ରତିକ୍ରିୟାରେ ମୋର ସୃଜନର ବୀଣାକୁ ଏଯାଏଁ ଝଙ୍କୃତ କରି ଆସିଛନ୍ତି। ମୁଁ ସେମାନଙ୍କ ପାଖରେ ଚିରଋଣୀ।

ଲେଖକଟିଏ କେବେ ଓ କେଉଁ ମାହେନ୍ଦ୍ର ଲଗ୍ନରେ ଲେଖକ ପାଲଟେ ଓ ତା'ର ସୃଜନଶୀଳ ଯାତ୍ରା ଆରମ୍ଭ କରେ, ସିଏ ଜାଣି ନ ଥାଏ। ଏହା ପୂର୍ବରୁ ସିଏ କେବଳ ଜଣେ ନିବିଷ୍ଟ ପାଠକ ହୋଇଥାଏ। ପାଠକର ପର୍ଯ୍ୟାୟ ଭିତରେ ସେ ବହୁ ଲେଖକଙ୍କୁ ପଢିଥାଏ ଓ ପତ୍ରାଳାପ କରିଥାଏ ମଧ। କିନ୍ତୁ ଯେତେବେଳେ ସଁବାଳୁଆର ଖୋଷାରୁ ଚିତ୍ରିତ ପ୍ରଜାପତି ଡେଣା ମେଲି ପାହୁଣ୍ଡେ ପାହୁଣ୍ଡେ ଉଡାଣ ସହ ସୃଜନ ସଙ୍ଗୀତରେ ମୁଖର ହୁଏ, ସେତେବେଳେ ଛୁଇଁ ଛୁଇଁ ଆସୁଥିବା ଫୁଲର ପାଖୁଡ଼ାର ମୂଲ୍ୟକୁ ସେ ହିଁ ବେଶ୍ ବୁଝିଥାଏ। ସେହିପରି ଜଣେ ଲେଖକର ଲେଖକୀୟ ଯାତ୍ରାରେ ପାଠକର ସ୍ମୃତିସିଂକ୍ତ ପ୍ରତିକ୍ରିୟା ଖୁବ୍ ମହତ୍ତ୍ୱ ରଖିଥାଏ।

ମୋ ଲେଖକୀୟ ଜୀବନରେ ପାଠକଟିଏ ବା ପାଠିକାଟିଏ ସେହିପରି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରୂପେ ଜଡ଼ିତ ହୋଇ ରହିଛନ୍ତି।

ଅନୁଭୂତିରୁ ଦୁଇଟି ଉଦାହରଣ ଏଠାରେ ଅବତାରଣା କରୁଛି। ପ୍ରଥମଟି ପାଖାପାଖି ତିରିଶ ବର୍ଷ ତଳର। ଦ୍ୱିତୀୟଟିଏଇ ଦୁଇ ମାସ ତଳର।


ପ୍ରଥମଟି ବିଂଶ ଶତାବ୍ଦୀର ଶେଷ ଦଶକ। ମୁଁ ନୂଆ କରି ଲେଖାଲେଖିରେ ଥାଏ। କିଛି ଲେଖା ସେ ସମୟର ଛୋଟ ବଡ ପତ୍ର ପତ୍ରିକାରେ ପ୍ରକାଶିତ ହେବାର ସୁଯୋଗ ଲାଭ କରିଥାଏ। ସେତେବେଳେ ପାଠକଙ୍କ ପ୍ରତିକ୍ରିୟା ଡାକ ମାଧ୍ୟମରେ ଘର ଠିକଣାରେ ପହଞ୍ଚୁଥାଏ। ବର୍ତ୍ତମାନ ସମୟ ପରି ସାମାଜିକ ଗଣମାଧ୍ୟମ, ହ୍ୱାଟସଆପ ବା ଲେଖା ତଳେ ମୋବାଇଲ୍ ନମ୍ବରକୁ ଦେଖି ପ୍ରତିକ୍ରିୟା ରଖିବାର ସୁଯୋଗ ନ ଥିଲା।

ସବୁଠାରୁ ପୁଲକପ୍ରଦ ଥିଲା ଯେ ସେହି ସବୁ ପ୍ରାପ୍ତ ପାଠକୀୟ ଚିଠିମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ତରୁଣ ତରୁଣୀ ଶ୍ରେଣୀର । କିନ୍ତୁ ବର୍ତ୍ତମାନ ଯେଉଁ ପାଠକୀୟ ପ୍ରତିକ୍ରିୟା ମିଳୁଛି ତାହାର ମୁଖ୍ୟବର୍ଗ ବରିଷ୍ଠ ନାଗରିକ। ଯଦିଓ ସାମାଜିକ ଗଣମାଧ୍ୟମ ଯେପରି ଫେସବୁକ୍, ହ୍ୱାଟସଆପ୍ ଗ୍ରୁପ୍‌ରେ ତରୁଣ ପିଢ଼ି ବେଶ୍ ସକ୍ରିୟ ରହିଛନ୍ତି। ନାନାଦି କାରଣରୁ ତରୁଣ ପିଢିଙ୍କୁ ଆଉ ସାହିତ୍ୟ ଏକ ପ୍ରମୁଖ ବୌଦ୍ଧିକ ମନୋରଞ୍ଜନର ମାଧ୍ୟମ ରୂପେ ଆକର୍ଷିତ କରି ପାରୁ ନାହିଁ। ବର୍ତ୍ତମାନର ଦ୍ରୁତ ପ୍ରଯୁକ୍ତି ସମ୍ମିଳିତ ବୌଦ୍ଧିକ ତୃପ୍ତିର ସହଜ ଉପଲବ୍ଧତା ସହିତ ବୃତ୍ତି ଓ ଅର୍ଥସର୍ବସ୍ୱ କ୍ୟାରିୟରରେ ବିଶ୍ୱାସ ରଖିଥିବା ଯୁବପିଢିଙ୍କ ମଧ୍ୟରୁ ଖୁବ୍ କମ୍ ସାହିତ୍ୟ ପ୍ରତି ରୁଚି ରଖି ଥାଆନ୍ତି।

ଆଜି ଯେବେ ସେହି ତିରିଶ ବର୍ଷ ତଳର ସ୍ମୃତିର ପୃଷ୍ଠାକୁ ଲେଉଟାଏ, 'ନେହା' ନାମକ ଜଣେ ଯୁକ୍ତ ତିନି ଅଧ୍ୟୟନ କରୁଥିବା ବିଦଗ୍ଧା ତରୁଣୀ ପାଠିକାର ଚିଠିର ଧାଡି ପୁଣି ଥରେ ଜୀବନ୍ୟାସ ନେବା ପରି ଆଖିର ପରଦାରେ ନାଚି ଉଠେ। ସେହିପରି ଅନେକ ପାଠକ ପାଠିକା ସେମାନଙ୍କ ଆବେଗଭରା ପ୍ରତିକ୍ରିୟାରେ ମୋର ସୃଜନର ବୀଣାକୁ ଏଯାଏଁ ଝଙ୍କୃତ କରି ଆସିଛନ୍ତି। ମୁଁ ସେମାନଙ୍କ ପାଖରେ ଚିରଋଣୀ।

ମୋର ଗାଳ୍ପିକ ଜୀବନର ଆଦ୍ୟ କାଳର ବଡ ସ୍ୱୀକୃତି 'କଥା ନବପ୍ରତିଭା ପୁରସ୍କାର'। ଜରିଗୋଟାଳି ଛୁଆଙ୍କ ଜୀବନକୁ ନେଇ 'ଅଭିଯାନ' ନାମକ ଏକ ସଂକ୍ଷିପ୍ତ ଗପ 'ନବପ୍ରତିଭା ପୁରସ୍କାର' ପାଇଁ ୧୯୯୮ ବର୍ଷରେ ମନୋନୀତ ହୋଇ 'କଥା' ପତ୍ରିକାରେ ପ୍ରକାଶିତ ହୋଇଥାଏ। ଗଳ୍ପଟି ପ୍ରକାଶ ପାଇବା ପରେ କିଛି କିଛି ଚିଠି ସେତେବେଳର ମୋର ଭୁବନେଶ୍ୱର ଭିଏସ୍‌ଏସ୍ ନଗର ଠିକଣାରେ ପହଂଚୁଥାଏ। ସେହି ସବୁ ପାଠକୀୟ ସ୍ୱୀକୃତି ମୋର ଗାଳ୍ପିକ ଜୀବନର ଲମ୍ବା ରାସ୍ତା ତିଆରି କରିବାରେ ଝୁଡ଼ିଏ ଝୁଡିଏ ଯୋଗଦାନ କହିଲେ ଅତ୍ୟୁକ୍ତି ହେବନାହିଁ। ସେହି ସଯତ୍ନ ଚଲାପଥରେ ମୋର ଲେଖକୀୟ ଯାତ୍ରାରେ ପାଦଥାପି ମୁଁ ଆଜି ଏତେ ଦୂର ଅତିକ୍ରମ କରି ପାରିଛି।

ଏହା ମଧ୍ୟରେ ସମୟର ଚିତ୍ରପଟ୍ଟ ଖୁବ୍ ଦ୍ରୁତ ବେଗରେ ବଦଳି ଯାଉଥିବାବେଳେ ଆଜି ବି ମୋ ପ୍ରକାଶିତ ଗପର ପୃଷ୍ଠା ଲେଉଟାଇ ପଛକୁ ଚାହିଁଲେ, ସେଥିରେ କାହା ନା କାହାର ମଧୁର ପାଠକୀୟ ପ୍ରତିକ୍ରିୟାର ଛାଇ ଚେଇଁ ଉଠେ ।



ବିରଜା ରାଉତରାୟ

ମୋର ସେହି ଗପଟି ବାଲେଶ୍ୱରର ରେମୁଣା ଅଞ୍ଚଳର ବାଆସ୍ତରୀ ବର୍ଷୀୟା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସରୋଜିନୀ ମହାରଣାଙ୍କୁ ସେମାନଙ୍କ ଯୁଗ୍ମ ଦାମ୍ପତ୍ୟ ଜୀବନର କାହାଣୀ ସହ ମାର୍ମିକ ଭାବରେ ଏପରି ସ୍ପନ୍ଦିତ କରାଇ ପାରିଥିଲା ଯେ, ଦୀର୍ଘ ସମୟ ମୋ ସହିତ କଥା ହେବା ପରେ ସେମାନଙ୍କ ଅବଶିଷ୍ଟ ଜୀବନ ପାଇଁ ଆଶ୍ୱାସନାର ବଳ ସାଉଁଟିବାରେ ସକ୍ଷମ ହୋଇଥିଲେ।

ତିରିଶ ବର୍ଷ ପରେ ଚଳିତ ଏପ୍ରିଲ୍ ମାସରେ ସମାଜ ସମ୍ବାଦ ପତ୍ରର ରବିବାର ସାହିତ୍ୟ ପୃଷ୍ଠାରେ ପ୍ରକାଶିତ ମୋର ଏକ କ୍ଷୁଦ୍ରଗଳ୍ପ 'ମେଳାଘର' ପଢ଼ି ବହୁ ଅଜଣା ପାଠକ ଛପା ଯାଇଥିବା ମୋବାଇଲ୍ ନମ୍ବରରେ ସେମାନଙ୍କ ଉଦ୍‌ବେଗ ଓ ସମ୍ବେଦନଶୀଳ ଅନୁସନ୍ଧିତ୍ସାରେ ପ୍ରତିକ୍ରିୟା ଜଣାଇଥିଲେ ।

ଖୁବ୍ ସନ୍ତୁଷ୍ଟ ଲାଗିଥିଲା ଯେ ଏତେ ଗୁଡିଏ ପାଠକ ଏବେବି ଗପ ପଢ଼ିବାରେ ଆନନ୍ଦ ପାଉଛନ୍ତି। କିନ୍ତୁ ତିରିଶ ବର୍ଷ ତଳର ଓ ଏବେକାର ଅନୁଭୂତି ମଧ୍ୟରେ ଫରକ୍ ଥିଲା ବେଶ୍ ଚିନ୍ତାଜନକ। କାରଣ ପାଖକୁ ଆସିଥିବା ଅଧିକାଂଶ ପାଠକୀୟ ଫୋନ୍ କଲ୍ ବରିଷ୍ଠ ନାଗରିକ ବର୍ଗଙ୍କର ହିଁ ଥିଲା। ଜଣେ ବି ପଚିଶ/ତିରିଶ ବର୍ଷ ତଳର ତରୁଣ ତରୁଣୀ ଫୋନ୍ କରିବାର ସୂଚନା ନ ଥିଲା। ଆଗରୁ ଏହି ନୂଆ ପିଢ଼ିର ସମ୍ଭାବ୍ୟ ପାଠକୀୟ ସଂକଟର ଆଶଙ୍କା ଆହୁରି ଘନୀଭୂତ ହେବ।

ତଥାପି ମୋର ସେହି ଗପଟି ବାଲେଶ୍ୱରର ରେମୁଣା ଅଞ୍ଚଳର ବାଆସ୍ତରୀ ବର୍ଷୀୟା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସରୋଜିନୀ ମହାରଣାଙ୍କୁ ସେମାନଙ୍କ ଯୁଗ୍ମ ଦାମ୍ପତ୍ୟ ଜୀବନର କାହାଣୀ ସହ ମାର୍ମିକ ଭାବରେ ଏପରି ସ୍ପନ୍ଦିତ କରାଇ ପାରିଥିଲା ଯେ, ଦୀର୍ଘ ସମୟ ମୋ ସହିତ କଥା ହେବା ପରେ ସେମାନଙ୍କ ଅବଶିଷ୍ଟ ଜୀବନ ପାଇଁ ଆଶ୍ୱାସନାର ବଳ ସାଉଁଟିବାରେ ସକ୍ଷମ ହୋଇଥିଲେ।


ମୋ ଦୃଷ୍ଟିରେ ପାଠକୀୟ ପ୍ରତିକ୍ରିୟାରେ ମିଳୁଥିବା ତୃପ୍ତି ବା ସନ୍ତୋଷ ଲେଖକର ସୃଜନ ଯାତ୍ରାକୁ ଦୀର୍ଘ କରିବାରେ ଏବଂ ତା'ମଧ୍ୟରେ ଏକ ଅତୃପ୍ତିର ଇନ୍ଧନ ଭରିବାରେ ଯୁଗପତ୍ କାର୍ଯ୍ୟ କରିଥାଏ ।

♥ ମାଧପୁର, କେନ୍ଦ୍ରାପଡା
(ମୋ) ୯୬୫୮୮୧୦୨୪୪

# ପିତୃପୁରୁଷଙ୍କ ପ୍ରିୟ ଆଡ଼ପ ଅଭଡ଼ା

ଉମେଶ ଚନ୍ଦ୍ର ପାତ୍ର







ବିଶ୍ୱ ଦେଖିଲା ଚଳିତ ବର୍ଷର ବିରଳ ଉଦାହରଣ। ଭକ୍ତଙ୍କୁ ଝୁରିଲା ବଡ଼ଦାଣ୍ଡ। ମହାପ୍ରଭୁ ଶ୍ରୀଜଗନ୍ନାଥ ବାଇଶ ପାହାଚରୁ ଓହ୍ଲାଉ ଥିଲେ ସେତେବେଳେ ହାତ ଉପରକୁ ଉଠାଇ ସମର୍ପଣ ମୁଦ୍ରାରେ ଜୟଜଗନ୍ନାଥ ଜୟ ଜଗନ୍ନାଥ ଡାକି ବଡ଼ଦାଣ୍ଡ ଥରାଇ ଦେବାକୁ ଲକ୍ଷ ଲକ୍ଷ ଭକ୍ତ ନଥିଲେ। ଆଉ ଯେତେବେଳେ ମହାପ୍ରଭୁ ଶ୍ରୀମନ୍ଦିର ଗୁମୁଟ ଭିତରୁ ଟିକିଏ ଟେକି ହୋଇ ଚାହୁଁଥିଲେ ସେତେବେଳେ ଭକ୍ତଙ୍କର ଯେଉଁ ଅଭୂତ ପୂର୍ବ ପ୍ରତିକ୍ରିୟା ତାହା ଚଳିତ ରଥଯାତ୍ରାରେ ଦେଖିବାକୁ ମିଳିନଥିଲା। ସମଗ୍ର ବିଶ୍ୱବାସୀଙ୍କ ପାଇଁ ଚଳିତ ରଥଯାତ୍ରା ଏକ ବିରଳ ଉଦାହରଣ ସୃଷ୍ଟି କଲା। ମହାପ୍ରଭୁ ମାଉସୀମା ଘରେ ରହୁଥିବା ସମୟରେ ଯେଉଁ ସ୍ୱତନ୍ତ୍ର ଦର୍ଶନ ଦେଇଥାନ୍ତି ତାହା ହେଉଛି ଆଡ଼ପ ଦର୍ଶନ। ଚଳିତ ବର୍ଷ କରୋନା ପରିସ୍ଥିତି ପାଇଁ ଆଡ଼ପ ମଣ୍ଡପରେ ସଂଧ୍ୟା ଦର୍ଶନ ସମସ୍ତଙ୍କ ପାଇଁ ସୁଲଭ ନହୋଇପାରେ। କରୋନାର ସଂକ୍ରମଣ ଭକ୍ତ ଓ ଭଗବକାନଙ୍କ ଦୂରତ୍ୱକୁ ବଢ଼ାଇ ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ନୀଳଗିରି ଏବେ ଶୂନ୍ୟ ପଡ଼ିଥିବା ବେଳେ ହସି ଉଠୁଛି ସୁନ୍ଦରାଚଳ। ଜନକପୁରୀରେ ଲାଗିଛି ଗହଳଚହଳ । ବିଜେ କାହାଳି ବାଜିବା ପରେ ଘଣ୍ଟ ଘଣ୍ଟା ମର୍ଦ୍ଦଳ, ଛତ, ତରାସ, ବାଜ, ବୈଜୟନ୍ତୀର ରାଜକୀୟ ପଟୁଆରରେ ହଲିଝୁଲି ରଥରୁ ଓହ୍ଲାଇଥିଲେ ଓଡ଼ିଆ ଜାତିର ସମ୍ରାଟ କଳା ସାଆନ୍ତ ପ୍ରଭୁ ଜଗନ୍ନାଥ। ଏହି ଗୁଣ୍ଡିଚା ମନ୍ଦିରକୁ କେତେକ ଭକ୍ତ ଭୁଲ ବଶତଃ ମାଉସୀ ମା ମନ୍ଦିର ବୋଲି କହିଥାନ୍ତି। ବାସ୍ତବରେ ଏହା ହେଉଛି ପ୍ରଭୁଙ୍କ ଜନ୍ମସ୍ଥାନ। ସ୍କନ୍ଦ ପୁରାଣ ଓ ନୀଳାଦ୍ରୀ ମହୋଦୟ ଅନୁସାରେ ଏହାକୁ ନରସିଂହ କ୍ଷେତ୍ର ବୋଲି କୁହାଯାଇଥାଏ । ପ୍ରଭୁ ନୀଳକଣ୍ଠେଶ୍ୱର ମହାଦେବଙ୍କ ଦକ୍ଷିଣରେ ଅବସ୍ଥିତ ଏହି ପବିତ୍ର କ୍ଷେତ୍ରରେ ନାରଦଙ୍କ ପରାମର୍ଶ କ୍ରମେ ଶ୍ରୀମନ୍ଦିର ପ୍ରତିଷ୍ଠା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନ ଏହି ଠାରେ ହିଁ ଯଜ୍ଞଶାଳା ନିର୍ମାଣ କରିବା ସହ ଯଜ୍ଞ ନୃସିଂହଙ୍କୁ ପ୍ରତିଷ୍ଠା କରିଥିଲେ। ସେହି ଯଜ୍ଞବେଦୀରେ ଏବେ ଚତୁର୍ଦ୍ଧାମୂର୍ତ୍ତି ବିଦ୍ୟମାନ କରିଛନ୍ତି । ନୀଳାଦ୍ରୀ ମଣ୍ଡପରେ ବର୍ଷ ବର୍ଷ ଧରି ଦର୍ଶନ କଲେ ଯେତିକି ପୂର୍ଣ୍ଣ ଲାଭ ହୁଏ, ଆଡ଼ପ ମଣ୍ଡପରେ ଏହି ସାତ ଦିନ ଦର୍ଶନରେ ସେତିକି ପୂଣ୍ୟଲାଭ ହୋଇଥାଏ। ଆଡ଼ପ ମଣ୍ଡପରେ ବିଜେ କରିବାପରେ ପ୍ରଭୁଙ୍କୁ ପୁଣି ଅନ୍ନ ବ୍ୟଞ୍ଜନ ନୈବେଦ୍ୟ କରାଯାଉଛି । ଭୋଗ ପ୍ରସ୍ତୁତ ହୋଇ ସାରିବା ପରେ ନୀତି ଅନୁସାରେ ଶ୍ରୀଜୀଉମାନଙ୍କୁ ନୈବେଦ୍ୟ ଅର୍ପଣରେ ଗର୍ଭଗୃହ ବା ବିମାନଗୃହ ସଂଲଗ୍ନ ଜଗମୋହନରେ ବିମଳାଙ୍କ ସ୍ଥିତି କଳ୍ପନା କରାଯାଇଥିବାରୁ ସେଠାରେ ନୈବେଦ୍ୟ ସମର୍ପିତ ହୁଏ । ମାତ୍ର ଗୁଣ୍ଡିଚା ମନ୍ଦିର ଯଜ୍ଞବେଦୀ ହୋଇଥିବାରୁ ଏଠାରେ ବିମଳା ସମର୍ପଣ ସେତେଟା ପରିଗୃହିତ ହୋଇନଥାଏ । ଶ୍ରୀମନ୍ଦିରସ୍ଥିତ ବିମଳା ମନ୍ଦିରକୁ ଥାଳିଏ ଅନ୍ନ ଭୋଗ ପଠାଯାଇ ସାରିବାପରେ ପରିବେଷଣ ଇତ୍ୟାଦି ଆରମ୍ଭ ହୁଏ। ଏହି ପ୍ରସାଦକୁ ଭକ୍ତମାନେ ଆଡ଼ପ ଅଭଡ଼ା ବୋଲି କହିଥାନ୍ତି । ଶ୍ରୀକ୍ଷେତ୍ରର ଅନ୍ୟନାମ ମର୍ତ୍ତ୍ୟବୈକୁଣ୍ଠ। ମା'ଲକ୍ଷ୍ମୀ ନୈବେଦ୍ୟକୁ ରନ୍ଧନ କରିଥାନ୍ତି। ବିଷ୍ଣୁଙ୍କୁ ଅର୍ପିତ ନୈବେଦ୍ୟରୁ କଣିକାଏ ପ୍ରାପ୍ତ କରିବା ପାଇଁ ବିପ୍ର ଓ ଦେବତା ମାନଙ୍କ ପାଇଁ ଦୁର୍ଲ୍ଲଭ ଘଟିଥାଏ। ପଦ୍ମପୁରାଣରେ ଲେଖାଅଛି 'ତତ୍ରାନ୍ନ ପାଚିକା ଲକ୍ଷ୍ମୀଃ ସ୍ୱୟଂଭୋକ୍ତାଜନାର୍ଦ୍ଦନଃ, ତସ୍ମାଓଦନ୍ନଂ ବିପ୍ରର୍ଷେ ଦୈବତୈରପି ଦୁର୍ଲଭମ୍।' ମହାପ୍ରସାଦ, ମହାନନ୍ଦ, ମହାପ୍ରେମ, ମହାଭାବ, ମହାପବିତ୍ରତାର ମୂର୍ତ୍ତିମନ୍ତ ପ୍ରତୀକ, ସେଥିପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ମହାପ୍ରସାଦ। ଶ୍ରୀଚୈତନ୍ୟ ମହାପ୍ରଭୁ ମହାପ୍ରସାଦର ମାହାତ୍ମ୍ୟ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି - 'ଆଜିମୋର ପୂର୍ଣ୍ଣହୈଲ ସବ ଅଭିଳାଷ, ସାର୍ବଭୌମେର ହୈଲ ମହାପ୍ରସାଦ.. ବିଶ୍ୱାସ। ଆଜି ନିଷ୍କପଟେ ତୁମି ହେଲା କୃଷ୍ଣାଶ୍ରୟ, କୃଷ୍ଣ ନିଷ୍କପଟେ ହେଲା ତୋମାର ସଦୟ। ଆଜିସେ ଖଣ୍ଡିଲ ତୋମୋର ଦେହାଦି ବନ୍ଧନ, ଆଜି ଛିନ୍ନ କୈଲେତୁମି ମାୟାର ବନ୍ଧନ। ଆଜି କୃଷ୍ଣପ୍ରାପ୍ତି ଯୋଗ୍ୟ ହୈଲ ତୋମାରମନ, ବେଦ ଧର୍ମ ଲଙ୍ଘି କୈଲ ପ୍ରସାଦ ଭକ୍ଷଣ।' ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଅର୍ପିତ ନୈବେଦ୍ୟ ମହାପ୍ରସାଦର ଭୈରବୀଚକ୍ରର ମାହାତ୍ମ୍ୟ ହେତୁ ନଥାଏ ଶୋଚାଶୌଚ, ଭକ୍ଷାଭକ୍ଷ, ଛୁଆଁଅଛୁଆଁ ଭେଦଭାବ। ପ୍ରାଣତୋଷିଣି ତନ୍ତ୍ର ସ୍ୱୀକାରକରେ ଗଙ୍ଗାବାରି ପଛେ ଅପବିତ୍ର ହୋଇପାରେ, ଶିବଙ୍କୁ ଅର୍ପିତ ପ୍ରସାଦରେ ଛୁଆଁ ଦୋଷ ଲାଗିପାରେ ମାତ୍ର ପରଂବ୍ରହ୍ମ ନୀଳାଚଳ ନିବାସୀ ଶ୍ରୀଜଗନ୍ନାଥଙ୍କ ଠାରେ ଅର୍ପିତ ଦ୍ରବ୍ୟ ଛୁଆଁଅଛୁଆଁ ଦୋଷରେ ଦୂଷିତ ହେବନାହିଁ। ଶାସ୍ତ୍ରରେ ଉଲ୍ଲେଖ ରହିଛି - 'ଗଙ୍ଗାତୋୟେ ଶିବାଦୌଚ ସ୍ୱର୍ଶେ ଦୋଷାଙ୍କପି ବର୍ତ୍ତତେ। ପରଂବ୍ରହ୍ମାର୍ପିତେ ଦ୍ରବ୍ୟେ ସ୍ପୃଷ୍ଟାସ୍ପୃଷ୍ଟର୍ନ ଦୁଷ୍ୟତି, ନାତ୍ରବର୍ଣ୍ଣ ବିଚାରୋଙ୍କସ୍ତି ନୋଚ୍ଛିଷ୍ଟାଦି ବିଚାରଣମ୍। ନ କାଳ ନିୟମୋଙ୍କପ୍ୟତ୍ର ଶୌଚାଶୌଚଂ ତଥୈବଚ।' ଶୁଷ୍କ ଅର୍ନ୍ନ ମହାପ୍ରସାଦ ସର୍ବସାଧାରଣରେ ନିର୍ମାଲ୍ୟ ନାମରେ ସୁପରିଚିତ। ଶ୍ରୀମନ୍ଦିର ବାହାର ବେଢ଼ା ପରିସରସ୍ଥ ଦକ୍ଷିଣ-ପଶ୍ଚିମକୋଣରେ ନୀଳାଚଳ ଉପବନ ମଧ୍ୟରେ ନିର୍ମାଲ୍ୟ ମଣ୍ଡପ ବା ନିର୍ମାଲ୍ୟ ଖଳା ରହିଛି। ଶୁଷ୍କ ମହାପ୍ରସାଦର ନିର୍ମାଲ୍ୟ ନାମକରଣ ନେଇ ସ୍କନ୍ଧ ପୁରାଣରେ ଉଲ୍ଲେଖ ରହିଛି - 'ପୁଷ୍ପ ଚନ୍ଦନ ମାଲ୍ୟାଦି ଯଃ ଅର୍ଙ୍ଗୈରୁପଧାର୍ଯ୍ୟତେ, ଅପନୀତଂ ଯଥାକାଳେ ନିର୍ମାଲ୍ୟଂ ତତ୍ ପ୍ରକୀର୍ତ୍ତିତମ୍।'

ଶ୍ରୀକ୍ଷେତ୍ରରେ ଏବେ ଶହ ଶହ ଭକ୍ତ, ସାଧୁସନ୍ଥ ଓ ସନ୍ୟାସୀମାନେ ନବଦିନ ବ୍ରତ ପାଳନ କରୁଛନ୍ତି । ଏହି ବ୍ରତ ପାଳନକାରୀମାନେ ଆଡ଼ପ ଅଭଡ଼ା ସେବନ କରିବା ସହ ପ୍ରଭୁଙ୍କ ଦର୍ଶନ କରୁଛନ୍ତି । ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଭକ୍ତଗଣ ଆଡ଼ପ ଅଭଡ଼ା ଅର୍ପଣ ଚଳିତ ବର୍ଷ କରିପାରିବେନି। ଶ୍ରୀମନ୍ଦିର ପରି ଗୁଣ୍ଡିଚା ମନ୍ଦିରରେ ଥିବା ରୋଷଘରେ ଏହି ଅଭଡ଼ା କେବଳ ନୀତିକାନ୍ତି ପାଇଁ ଯାହା ପ୍ରସ୍ତୁତ ହେଉଛି। ମାତ୍ରାଧିକ ଦର ସତ୍ତ୍ୱେ ଭକ୍ତମାନେ ବହୁ ସଂଖ୍ୟାରେ ଆଡ଼ପ ଅଭଡ଼ା କିଣୁଥିଲେ ବି ଚଳିତବର୍ଷ ଏହା କିନ୍ତୁ ମିଳିବନାହିଁ। ମହାପ୍ରଭୁ ଅଗ୍ରଜ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ମାଉସୀ ଘରେ ଥିବା ସମୟରେ ଆଡ଼ପ ଅଭଡ଼ା ଭକ୍ତଜନଙ୍କ ପାଇଁ ଦୁର୍ମୂଲ୍ୟ ହୋଇଥାଏ । କେହି କେହି ଜଗନ୍ନାଥଙ୍କ ଶ୍ରଦ୍ଧାଳୁ ଏହି ଆଡ଼ପ ଅଭଡ଼ା ଅତିରିକ୍ତ ମୂଲ୍ୟ ହୋଇଥିଲେ ବି କିଣି ଗରିବ ଅସହାୟ ଲୋକମାନଙ୍କୁ ବାଣ୍ଟିଥାନ୍ତି ତ କେହି କେହି ବ୍ରାହ୍ମଣ ମାନଙ୍କୁ ଭୋଜନ ଦେଇ ଅଶେଷ ପୂଣ୍ୟ ଅର୍ଜନ କରିଥାନ୍ତି । ଶାସ୍ତ୍ରରେ କୁହାଯାଇଛି ଆଡ଼ପ ଅଭଡ଼ା ସ୍ୱୟଂ ନିର୍ମାଲ୍ୟତୁଲ୍ୟ। ଏହାକୁ ଟିକିଏ ପାଇବା ପାଇଁ ଲକ୍ଷ ଲକ୍ଷ ଜଗନ୍ନାଥପ୍ରେମୀ ବିଭିନ୍ନ ରାଜ୍ୟ, ବିଭିନ୍ନ ପ୍ରାନ୍ତରରୁ ଛୁଟି ଆସିଥାନ୍ତି। ଜୟ ଜଗନ୍ନାଥ ସ୍ୱାମୀ ନୟନପଥଗାମୀ ଭବତୁମେ।

♥ ସହ-ପ୍ରତିରଦ୍ୱିକ, ଶ୍ରୀଗୁରୁ ଅନୁକୂଳାଶ୍ରମ, କଟକ,
ମୋ : ୯୪୩୭୦୫୧୯୫୭

# ଭାରତ ସମସ୍ତଙ୍କର ଏବଂ ସମସ୍ତେ ଭାରତର



ଗୋପାଳ ମହାପାତ୍ର

ଲୋକସଭା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ଯେ ଭାରତର ସାଧାରଣ ଜନତାଙ୍କର ଏହା ହେଉଛି ଅଦ୍ଭୁତ ଦାର୍ଶନିକ ଅଭିବ୍ୟକ୍ତି । ଭାରତର ରାଜନୈତିକ ଦଳ ଏବଂ ଭାରତୀୟ ରାଜନୀତି ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଦିଶା ନିର୍ଦ୍ଦେଶ ମଧ୍ୟ ଏହି ଫଳାଫଳରୁ ଉଜାଗର ହୋଇଛି । ଏବେ ନରେନ୍ଦ୍ର ମୋଦୀଙ୍କନେତୃତ୍ୱରେ ଯେଉଁ ଏନ୍.ଡି.ଏ ସରକାର ଗଠନ ହୋଇଛି ସେହି ସରକାର ପାଇଁ ଏବଂ ଦେଶର ସବୁ ରାଜନୈତିକ ଦଳ ଓ ବିଚାର ଧାରା ପାଇଁ ଏହି ନିର୍ବାଚନ ଫଳାଫଳ ଏକ ସ୍ପଷ୍ଟ ସନ୍ଦେଶ ଦେଇଛି । ସନ୍ଦେଶ ହେଉଛି ଆମେ ସମସ୍ତଙ୍କ ପାଇଁ ସରକାର ଗଠନ କରିଥିବା ଏନ୍.ଡି.ଏ ପାଇଁ ଓ ବିରୋଧୀଙ୍କ ପାଇଁ । ଏହି ସନ୍ଦେଶ ଭାରତୀୟ ଦର୍ଶନ, ଜୀବନ ପଦ୍ଧତି ଏବଂ ସାମାଜିକ ଜୀବନର ସନାତନ ମର୍ଯ୍ୟାଦାରମୂଳ ବିନ୍ଦୁ "ଭାରତ ସମସ୍ତଙ୍କର ଏବଂ ସମସ୍ତେ ଭାରତର" । ଭାରତୀୟ ସ୍ୱାଧୀନତା ସଂଗ୍ରାମରୁ ସୃଷ୍ଟ ଭାରତୀୟ ସମ୍ବିଧାନର ପ୍ରସ୍ତାବନାରେ "ଆମେ ଭାରତର ଜନତା" ଶବ୍ଦର ସ୍ପଷ୍ଟ ସଙ୍କେତ ହେଉଛି ଭାରତୀୟ ଜନତାଙ୍କ ଜୀବନ ଶୈଳୀର ସାର ସମସ୍ତଙ୍କୁ ସାଥିରେ ନେଇ ପରସ୍ପର ମିଳିମିଶି ଶାନ୍ତିରେ ଜୀବନ ଜିଇଁବା ଭାରତୀୟ ଗଣତନ୍ତ୍ର ଏବଂ ସମ୍ବିଧାନର ମୂଳ ଭାବନା ଅଟେ । ଭାରତୀୟ ରାଜନୀତିରେ ଯେତେ ବି ବିଚାରଧାରା ରହିଛି ସେ ସବୁ ବା ସେ ସମସ୍ତେ ନିଜର ରାଜନୈତିକ, ସାମାଜିକ, ଧାର୍ମିକ, ଆଧ୍ୟାତ୍ମିକ ଏବଂ ଆର୍ଥିକ ବିଚାର ନିଜନିଜ ଭାଷାରେ ଭାରତୀୟ ଜନତାଙ୍କ ସମ୍ମୁଖରେ ଖୋଲାଖୋଲି ଭାବେ ରଖିବାର ଆବଶ୍ୟକତା ରହିଛି । ଭାରତୀୟ ରାଜନୀତିରେ ବିଶେଷକରି ସାଧାରଣ ନିର୍ବାଚନର ଫଳାଫଳରୁ ଭାରତୀୟ ରାଜନୀତିକୁ ମୌଳିକ ଦିଶା ନିର୍ଦ୍ଦେଶ ମିଳିଥାଏ। ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ ବେଳେ ଭୋଟରମାନେ ରାଜନୈତିକ ଦଳମାନଙ୍କୁ ଗଣତାନ୍ତ୍ରିକ ପ୍ରତିବଦ୍ଧତାର ସ୍ପଷ୍ଟ ସଙ୍କେତ ଦେଇଥାନ୍ତି । ଅନ୍ୟ ଅର୍ଥରେ କୁହାଯାଇପାରେ ଯେ ନିର୍ବାଚନରେ ଭୋଟରମାନେ ଏକଛତ୍ରବାଦୀଙ୍କୁ ଠିକ୍ ଭାବେ ନିର୍ବାଚନରେ ବୁଝାଇଦେଇଥାନ୍ତି ଯେ ସେମାନେ ହେଉଛନ୍ତି ଗଣତନ୍ତ୍ରର ପ୍ରକୃତ ମାଲିକ।

ଭାରତୀୟ ଗଣତନ୍ତ୍ରରେ ଲୋକେ ବୁଝିଛନ୍ତି ଯେ ସେମାନେ ଯାହାକୁ ଭୋଟ ଦେଇ ନେତା ନିର୍ବାଚିତ କରୁଛନ୍ତି ସେମାନେ ସମ୍ବିଧାନ ସମ୍ମତ କାର୍ଯ୍ୟକାଳ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହନ କରିବେ । ନିର୍ବାଚିତ ଜନ ପ୍ରତିନିଧି ଏବଂ ରାଜନୈତିକ ଦଳମାନେ ଭୋଟ ବା ମତର ସମର୍ଥନକୁ ନେଇ ସେମାନେ ସର୍ବଶକ୍ତିମାନ ଏବଂ ଅପରିହାର୍ଯ୍ୟବୋଲି ଭାବିବା ଭୁଲ। ଭାରତୀୟ ଭୋଟର ନିଜର ମତକୁ ନେଇ ସ୍ୱାଧୀନତା ପରଠାରୁ ପ୍ରତି ନିର୍ବାଚନରେ ସ୍ପଷ୍ଟ ସଂକେତ ଦେଉଛନ୍ତି । ରାଜନୈତିକ ଦଳର ସମର୍ଥକ, କାର୍ଯ୍ୟକର୍ତ୍ତା ଏବଂ କର୍ଣ୍ଣଧାର୍ତା ନିଜର ବିବେକଶୀଳତାକୁ ଅନେକ ସମୟରେ ତ୍ୟାଗ କରି ଦେଇଥାନ୍ତି। କିନ୍ତୁ ଭାରତୀୟ ମତଦାତା ଏକସମାନ ବିଚାର ଏବଂ ସାମାଜିକ, ଧାର୍ମିକ, ଆର୍ଥିକ ଏବଂ ରାଜନୈତିକ ପୃଷ୍ଠଭୂମିର ନ ହେଲେ ବି ଗଣତନ୍ତ୍ର ଏବଂ ସମ୍ବିଧାନର ତେଜସ୍ୱିତାକୁ ନେଇ ସଚେତନ ରହିଛନ୍ତି । ଏଥି ସହିତ ନିଜର ନିର୍ଭୀକ ଏବଂ ଗଣତାନ୍ତ୍ରିକ ଭୂମିକାକୁ କେବେ ଭୁଲି ନଥାନ୍ତି । ୨୦୧୯ର ଲୋକସଭା ନିର୍ବାଚନ ଫଳାଫଳ କାରଣରୁ ଯେଉଁ ରାଜନୈତିକ ଘଟଣାଚକ୍ର ଭାରତୀୟ ରାଜନୀତିରେ ଚାଲିଲା ତାର ପରିଣାମ ସ୍ୱରୂପ ଭାରତୀୟ ରାଜନୀତିରେ ଅସନ୍ତୁଳନ ସୃଷ୍ଟି ହେଲା । ତାର ଫଳ କ'ଣ ହେଲା ତାହା ୨୦୨୪ର ଫଳାଫଳରେ ସ୍ପଷ୍ଟ ଦେଖାଯାଉଛି । ୨୦୨୪ର ଲୋକସଭା ନିର୍ବାଚନ ଏକ ଅଜବ ଅସମଞ୍ଜସ, ଭୟଗ୍ରସ୍ତ ମାନସିକ ଚାପ ଏବଂ ଆଶା ନିରାଶାର ରାଜନୈତିକ ବାତାବରଣ ମଧ୍ୟରେ ହୋଇଥିଲା । ତେବେ ବି ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ଶେଷ ହୋଇଥିଲା । ଏହା ଭାରତୀୟ ଗଣତନ୍ତ୍ରର ଗଣତାନ୍ତ୍ରିକ ପ୍ରତିବଦ୍ଧତା ଏବଂ ପରିପକ୍ୱତାର ଜୀବନ୍ତ ଉଦାହରଣ ଅଟେ। ଭାରତୀୟ ରାଜନୀତି ଏବଂ ରାଜନେତା ନିରନ୍ତର ଅକାରଣରେ ଅଶାନ୍ତ ଅବସ୍ଥାରେ ରହିଥାନ୍ତି । କିନ୍ତୁ ଏହାର ଠିକ୍ ଓଲଟା ଭାରତର ଭୋଟର । ଭାରତୀୟ ଭୋଟର ଧୈର୍ଯ୍ୟର ସହିତ ସବୁକଥା ଦେଖନ୍ତି ଓ ଚୁପ୍ ରହନ୍ତି କିନ୍ତୁ ଭୋଟବେଳେ ଠିକ୍ ପଦକ୍ଷେପ ନିଅନ୍ତି । ଭାରତର ଜନସାଧାରଣ ବା ଭୋଟର ରାଜନୈତିକ ଦଳମାନଙ୍କୁ କେତେବେଳେ ଜିତାଇଥାନ୍ତି ତ କେତେବେଳେ ହରାଇଥାନ୍ତି । ଏହା ଏକ ବିଶେଷତା । ଭାରତୀୟ ରାଜନୀତିରେ ଜନସାଧାରଣଙ୍କ ଭୋଟ ବା ଜନାଦେଶରେ ଏକଥା ମଧ୍ୟ ରହିଛି ଯେ ନିର୍ବାଚନରେ ବିଜୟ ବା ପରାଜୟ ପ୍ରଥମ ଏବଂ ଶେଷ ବି ନୁହେଁ । ଗଣତନ୍ତ୍ର ତତ୍କାଳିକ ବିଜୟ ପରାଜୟର ଶେଷ ନୁହେଁ । ଅନ୍ତହୀନ ଲୋକ ଅଭିବ୍ୟକ୍ତିର ନିରନ୍ତର ଏବଂ ନୂତନ ପରିବର୍ତ୍ତନ ଧର୍ମୀ ବ୍ୟବସ୍ଥା ଅଟେ । ରାଜନୀତିରେ ରାଜନୈତିକ ଦଳ କେବଳ ନିଜର ଗୁଡିକୁ ସବୁବେଳେ ଅଧିକ ଉଚ୍ଚରେ ଉଡାଇବା ପାଇଁ ଆଶା ରଖିଥାନ୍ତି । ଅର୍ଥ ହେଉଛି ରାଜନୈତିକ ଦଳମାନେ ସବୁବେଳେ ଜିତିବା ପାଇଁ ଆଶା ରଖିଥାନ୍ତି । କିନ୍ତୁ ଭାରତୀୟ ଭୋଟର କାହାରିକୁ ଆଜୀବନ ଗାଦିରେ ବସିବାର ଏକାଧିକାର ଦେଇନଥାନ୍ତି । ଭାରତର ସାଧାରଣ ନିର୍ବାଚନର ଫଳାଫଳ ଆଞ୍ଚଳିକ ଦଳ ଓ ରାଷ୍ଟ୍ରୀୟ ଦଳମାନଙ୍କୁ ଏକ ସନ୍ଦେଶ ଦେଇଛି। ଯେଉଁମାନେ ନିଜକୁ ଅଜେୟ ଓ ଅପରିହାର୍ଯ୍ୟ ବୋଲି ଭାବୁଥିଲେସେହି ନେତା ଓ ଦଳ ନିର୍ବାଚନ ଫଳାଫଳ ପରେ ଶିକ୍ଷାଲାଭ କରିଛନ୍ତି। ଗଣତନ୍ତ୍ର ସେମାନଙ୍କର ରାଜନୈତିକ ହସ୍ତମୁଦି ମାହାଲ ନୁହେଁ କି ଏକାଧିକାରକୁ ଲୋକେ ଗ୍ରହଣ କରିବେ ନାହିଁ ବୋଲି ଜନତା ସୂଚାଇ ଦେଇଛନ୍ତି । ସମସ୍ତଙ୍କୁ ସମ୍ମାନସମସ୍ତଙ୍କୁ କାମ ଯୋଗାଇ ଦେବା ହେଉଛି ୨୦୨୪ର ସାଧାରଣ ନିର୍ବାଚନରେ ଭାରତୀୟ ଭୋଟରଙ୍କ ସ୍ପଷ୍ଟ ଜନାଦେଶ। ଜନାଦେଶର ଏହି ଅର୍ଥକୁ ବୁଝି ଶାସକ ଓ ବିରୋଧୀ ଉଭୟେ ନିଜ ନିଜର ରାଜନୈତିକ ଭୂମିକା ନିର୍ବାହ କରିବା ଆବଶ୍ୟକ। ଏହା ହିଁ ହେଉଛି ଗଣତନ୍ତ୍ରାତ୍ମକ ରାଜନୀତିର ମୂଳ ।

ଭାରତର ଜନସାଧାରଣ ବା ଭୋଟର ରାଜନୈତିକ ଦଳମାନଙ୍କୁ କେତେବେଳେ ଜିତାଇଥାନ୍ତି ତ କେତେବେଳେ ହରାଇଥାନ୍ତି । ଏହା ଏକ ବିଶେଷତା । ଭାରତୀୟ ରାଜନୀତିରେ ଜନସାଧାରଣଙ୍କ ଭୋଟ ବା ଜନାଦେଶରେ ଏକଥା ମଧ୍ୟ ରହିଛି ଯେ ନିର୍ବାଚନରେ ବିଜୟ ବା ପରାଜୟ ପ୍ରଥମ ଏବଂ ଶେଷ ବି ନୁହେଁ । ଗଣତନ୍ତ୍ର ତତ୍କାଳିକ ବିଜୟ ପରାଜୟର ଶେଷ ନୁହେଁ । ଅନ୍ତହୀନ ଲୋକ ଅଭିବ୍ୟକ୍ତିର ନିରନ୍ତର ଏବଂ ନୂତନ ପରିବର୍ତ୍ତନ ଧର୍ମୀ ବ୍ୟବସ୍ଥା ଅଟେ ।

♥ ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୪ ଜୁଲାଇ ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



ଚେତନାର ଦର୍ପଣ - ୩୫

# ଆସକ୍ତି ଓ ଅନାସକ୍ତି




♥ ଲଳିତ ମୋହନ ମିଶ୍ର

ଆସକ୍ତି ଓ ଅନାସକ୍ତି ମନୁଷ୍ୟ ଜୀବନର ଦୁଇଟି ମୁଖ୍ୟ ପ୍ରବୃତ୍ତି। ଆସକ୍ତି କ'ଣ ? ଏଥିପାଇଁ ଆମେ କହି ପାରିବା, ଯେତେବେଳେ କୌଣସି ବ୍ୟକ୍ତି... କୌଣସି ବସ୍ତୁର ସମ୍ପର୍କରେ ଆସିଲେ... ତାର ରୂପ ରଙ୍ଗ ଏବଂ ତାର ଆକର୍ଷଣ ସଂସ୍ପର୍ଶରେ ଆସିଥାଏ । ସେହି ଆକର୍ଷଣକୁ ଆମେ 'ଅନୁରାଗ' କହିଥାଉ । ମନୁଷ୍ୟ ଚାହାଁନ୍ତି ଯେ ସେହି ବସ୍ତୁ ବା ବ୍ୟକ୍ତି ନିଜ ଅକ୍ତିଆରରେ ରହୁ । କିନ୍ତୁ ଧୀରେ ଧୀରେ ଏହା 'ରାଗ'ର ରୂପ ଧାରଣ କରି ନେଇଥାଏ । ଆଉ ଏହି ରାଗକୁ 'ଆସକ୍ତି' କୁହାଯାଏ । ଅବିଦ୍ୟା, ସ୍ୱାର୍ଥପରତା ଓ କାମନାରୁ ଜନ୍ମ ନିଏ ମୋହ। ଆସକ୍ତି ଜନ୍ମମୃତ୍ୟୁ ଚକ୍ରରେ ଆବଦ୍ଧ ଓ ଅନାସକ୍ତି ଦିଏ ମୋକ୍ଷ । ମାତ୍ର ଏହି ମାୟାର ବିଚିତ୍ର ସଂସାରବୃକ୍ଷ ତଳେ ବାସକରି ଅନାସକ୍ତି ହୋଇ ରହିବା ଏକ କଷ୍ଟ ସାଧ୍ୟ ବ୍ୟାପାର। ଆସକ୍ତି କାରଣରୁ ଅନେକ ସମୟରେ ଆମେ ଜଣା ଅଜଣାରେ ଦୁନିଆର ମିଥ୍ୟା ଜିନିଷ ସହିତ ଜଡ଼ିତ ହୋଇଯାଉ। ନିଜକୁ ସମସ୍ୟା ଓ ଚିନ୍ତାର ଖାଇରେ ଠେଲି ଦେଇ ଦିଶାବିହୀନ ହୋଇଯାଉ। ସୁଖମୟ ଜୀବନ ଯାପନ କରିବାକୁ ହେଲେ ଜୀବନରେ ଅନାସକ୍ତ ମନୋଭାବକୁ ଗ୍ରହଣ କରିବା ଆବଶ୍ୟକ । ଅନାସକ୍ତ ହେବାର ଅର୍ଥ ଏହା ନୁହେଁ ଯେ, ଆମେ ଏହି ସଂସାରକୁ ତ୍ୟାଗ କରି ଅରଣ୍ୟରେ ବାସ କରିବା । ଆମେ ସମସ୍ତଙ୍କ ମଧ୍ୟରେ ରହି ନିଜର କର୍ତ୍ତବ୍ୟ ପାଳନ କରି... ନିଜ ଜୀବନ ବ୍ୟତୀତ କରିବାକୁ ପଡ଼ିବ। ବାସ୍ତବବାଦୀ ଚିନ୍ତାଧାରା ଆମ ଜୀବନକୁ ସୁଦୃଢ଼ କରିଥାଏ। ଫଳସ୍ୱରୂପ, ଆମ ଚାରିପାଖରେ ଘଟୁଥିବା ଭଲ ଖରାପଠାରୁ ଆମେ ଆଗକୁ ବଢ଼ିଥାଉ । ଆଉ ପରିବର୍ତ୍ତିତ ସ୍ଥିତିରେ ମନର ସ୍ଥିତିକୁ ନିୟନ୍ତ୍ରଣ କରି ଆଭ୍ୟନ୍ତରୀଣ ସୁଖ ଶାନ୍ତି ପ୍ରାପ୍ତି କରିଥାଉ । ଏଥିପାଇଁ ଆତ୍ମନିୟନ୍ତ୍ରଣ ଓ ଆତ୍ମାନୁଶାସନ ଆବଶ୍ୟକ । ବାସ୍ତବରେ ଅନାସକ୍ତ ବୃତ୍ତିର ଅଭାବକୁ ହିଁ ଆସକ୍ତି କୁହାଯାଏ । ଆସକ୍ତି କାରଣରୁ ଆମେ ଭୟଭୀତ ହୋଇ, ଜୀବନରେ ଆସୁଥିବା ପ୍ରତ୍ୟେକ ଚ୍ୟାଲେଞ୍ଜକୁ ଡରି ପଳାଇ ଯାଉ । ଅନାସକ୍ତ ହୋଇ ଆମେ ନିର୍ଭୀକ ଓ ଧୈର୍ଯ୍ୟର ସହିତ ପ୍ରତ୍ୟେକ ଆହ୍ୱାନର ମୁକାବିଲା କଲେ ଆଗକୁ ବଢ଼ିପାରିବା ଏବଂ ସଫଳତା ପ୍ରାପ୍ତ କରିପାରିବା ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ଯେଉଁଠି ଥିଲି ସେଇଠି

ଅନୀତା ପଟ୍ଟନାୟକ



ମୃଣାଳିନୀ ଓ ମୁଁ ଆମେ ଦୁହେଁ ପିଲାଦିନର ବନ୍ଧୁ। ମୃଣାଳିନୀ, ମନ୍ଦିର ସାଧୁସନ୍ଥ, ଅବତାରତ୍ୱ ଓ ଆତ୍ମଘୋଷିତ ବାବାମାନଙ୍କ ଉପରେ ଗବେଷଣା କରିବାକୁ ଭାରି ଭଲ ପାଉଥିଲା। ଦୁଇଦିନ ତଳେ ମତେ ଉତ୍ତରପ୍ରଦେଶରୁ ଫୋନ ଯୋଗେ କହିଲା 'ମୀରା ତୁମେ ଟିଭି ଦେଖୁଛ, ଜଣେ ଆତ୍ମଘୋଷିତ ବାବାଙ୍କର ପଦରଜ ନେବାକୁ ଯାଇ ଲକ୍ଷ ଲକ୍ଷ ଲୋକଙ୍କ ଭିଡ଼ ମଧ୍ୟରେ ଠେଲାପେଲାରେ ୧୨୨ ଜଣଙ୍କର ମୃତ୍ୟୁ ଘଟିଛି' । ମୁଁ କହିଲି ହଁ ଦେଖିଛି। ଏହା ଏକ ଅତ୍ୟନ୍ତ ଦୁଃଖଦ ଖବର। ସେ ମତେ କହିଲା ଆମେ ଅନେକଥର ମିଶି ପୁରୀ ରଥଯାତ୍ରା ବୁଲି ଯାଇଛେ। ଯଦି ସୁଯୋଗ ମିଳେ ମୁଁ ତତେ ନେଇ ପୁରୀ ରଥଯାତ୍ରା ଦେଖିବାକୁ ଯିବି। ମୁଁ କହିଲି ଭାରତର ରାଷ୍ଟ୍ରପତି ଏଥର ରଥଯାତ୍ରାକୁ ଆସୁଥିବାରୁ ଶାନ୍ତି ଶୃଙ୍ଖଳାର କଡ଼ା ବ୍ୟବସ୍ଥା କରାଯାଇଛି। ମୃଣାଳିନୀ କହିଲା, ମୁଁ ଖବର ରଖିଛି, ଶ୍ରୀ ମନ୍ଦିରର ଚାରିଦ୍ୱାର ଖୋଲିଦେବା ପରେ ଭିତରେ ଦଳଚକଟା ହୋଇଥିଲା କେତେ ଲୋକ ଆଘାତପ୍ରାପ୍ତ ହୋଇଥିଲେ ବା ମୃତ୍ୟୁ ବରଣ କରିଥିଲେ ମତେ ଜଣାଇବୁ।

ମୃଣାଳିନୀର କଥା ଶୁଣି ମୋର ଠାକୁରଘରେ ଥିବା ଜଗନ୍ନାଥଙ୍କ ଫଟୋକୁ ଚାହିଁଲି କ୍ଷଣିକ ପାଇଁ ଭାବିଲି ଏପରି କାହିଁକି ଘଟୁଛି ? ଅନ୍ତରରୁ କେହି ଜଣେ ଉତ୍ତର ଦେବା ପରି କହିଲେ 'ମୀରା ତୁମେ ଭାବିଦେଖ ତୁମେ କଣ ଥିଲ, କଣ ବର୍ତ୍ତମାନ ହୋଇଛ ଓ ଭବିଷ୍ୟତରେ କଣ ହେବ।' ହଠାତ୍ ମୋର ମନେପଡ଼ିଲା ମୋର ବାପା କିପରି ମତେ ଜଣେ ଗଣିତଜ୍ଞ କରିବାକୁ ଚାହୁଁଥିଲେ। ଏପରିକି ସେ ଜଣେ ଗଣିତ ଶିକ୍ଷକଙ୍କୁ ମୋର ଗଣିତ ଶିକ୍ଷା ପାଇଁ ପାଞ୍ଚ ହଜାର ଟଙ୍କା ଅଗ୍ରୀମ ଦେଇଥିଲେ। ମୁଁ କହିଲି ବାପା ମତେ ସାମାନ୍ୟ ହିସାବ ଆସୁନାହିଁ। ବଜାରକୁ ପଠାଇଲେ ଠିକ ଭାବରେ ହିସାବ କରି ତୁମକୁ ମୁଁ ସଠିକ ପଇସା ଫେରାଇ ପାରୁନାହିଁ। ମୋର ଦେଢ଼ଟଙ୍କା, ଅଢ଼େଇଟଙ୍କା ମଧ୍ୟରେ ଭ୍ରମ ସୃଷ୍ଟି ହେଉଛି। ଶୂନ ବସାଇବା ସମୟରେ ଆଗରେ ବସାଇବି ବା ପଛରେ ବସାଇବି ମୁଁ ଜାଣିପାରୁନାହିଁ। ଏପରି ଅବସ୍ଥାରେ ମୁଁ ଗଣିତଜ୍ଞ ହେବ କିପରି ? ବାପା କଣ ଭାବିଲେ କେଜାଣି କହିଲେ ହେଉ ତୋର ଯାହା ଇଚ୍ଛା ତାହା କର। ଓ ଗଣିତ ଶିକ୍ଷକଙ୍କ ଠାରୁ ଅଗ୍ରୀମ ପାଞ୍ଚହଜାର ଟଙ୍କା ଫେରାଇ ଆଣିଥିଲେ। ମୁଁ ଏବେ ବି ଦେଖୁଛି ମୁଁ ଗଣିତରେ ଆଗରୁ ଯାହାଥିଲି ଏବେ ବି ତାହା ଅଛି।

ଭଗବାନ ସର୍ବତ୍ର ବିଦ୍ୟମାନ, ସେ ସମସ୍ତଙ୍କ ହୃଦୟରେ ବାସ କରନ୍ତି। ସମସ୍ତଙ୍କୁ ଭଲପାଅ, ସମସ୍ତଙ୍କର ସେବା କର, କାହାର ଅନିଷ୍ଟ କରନାହିଁ, ମଧୁର ସ୍ୱରରେ ବାକ୍ୟାଳପ କର। ଏ ସବୁ ଜଗନ୍ନାଥ ସଂସ୍କୃତିରୁ ଆମେ ଶିଖିଥିଲେ ମଧ୍ୟ ମୁଁ ଦେଖୁଛି ମୋର ଯେପରି ଗଣିତଜ୍ଞ ହେବା ନୋହିଲା ଓ ମୁଁ ଯେଉଁଠାରେ ଥିଲି ସେହିପରି ଅଛି। ଠିକ ସେହିପରି ପ୍ରଭୁ ଜଗନ୍ନାଥଙ୍କର ସଂସ୍କୃତି ବିଷୟରେ ଜାଣିବା ପରେ ମଧ୍ୟ ଆମେ ପରସ୍ପରକୁ ଭଲପାଇ ପାରୁନୁ। ସମସ୍ତଙ୍କ ମଧ୍ୟରେ ଭଗବାନଙ୍କୁ ଦେଖି ପାରୁନୁ କର୍କଶ ସ୍ୱରରେ ବାକ୍ୟାଳାପ କରୁଛୁ। ପରର ସେବାତ ଦୂରର କଥା ମୁଁ ଓ ମୋର କୁ ନେଇ ଜୀବନ ଅତିବାହିତ କରୁଛୁ। ତେଣୁ ମୁଁ ଯେଉଁଠି ଥିଲି ବର୍ତ୍ତମାନ ଯାହା ଅଛି ଓ ଭବିଷ୍ୟତରେ ଯେ ମୋର ପରିବର୍ତ୍ତନ ହେବ ତାହା ବିଶ୍ୱାସ କରିପାରୁନାହିଁ। ମୋର ଜଗନ୍ନାଥଙ୍କ ଫଟୋରୁ ସତେ ଯେପରି ମତେ କେହି କହିବାକୁ ଲାଗିଲା, ମୀରା ତୁମେ ଭଗବାନଙ୍କର ଦୁଃଖ କ'ଣ ଜାଣିଚ ? ମୁଁ କହିଲି ନା, ଦେବ ସର୍ବଦା ଆନନ୍ଦମୟ। ସେ ଦୁଃଖି ହୋଇନପାରନ୍ତି। ଏ ବିଷୟରେ ମନେ ପଡ଼େ ସିନା ଜଗନ୍ନାଥ ପ୍ରକୃତରେ କିପରି ଆମର ଆଚରଣ ଦ୍ୱାରା ଆନନ୍ଦିତ ହେବେ ତାହା ମୋର ମନେ ରହେ ନାହିଁ। ସମସ୍ତଙ୍କ ଭିତରେ ଭଗବାନ ଅଛନ୍ତି ଏହା ଆମେ ଭୁଲିଯାଇଥାଉ। ନିଜ ନିଜ ଭିତରେ ପ୍ରତିଯୋଗୀତା କରି ଶୃଙ୍ଖଳା ଭାଙ୍ଗି, ଦଳା ଚକଟା ହେଉ ଓ ମୃତ୍ୟୁ ବରଣ କରୁ ଓ ଶେଷରେ ମୋ ପ୍ରଭୁ ଜଗନ୍ନାଥଙ୍କୁ ଦୋଷାରୋପ କରୁ। ମୁଁ ଭଗବାନଙ୍କୁ ପ୍ରଶ୍ନ କଲି ଯଦି ମୁଁ ଯେଉଁଠି ଥିଲି, ତାହା ଅଛି ଓ ଭବିଷ୍ୟତରେ ତାହା ରହିବି, ଏତେ ମନ୍ଦିର, ମଠ, ସାଧୁସନ୍ଥଙ୍କ ଆଗମନ ଓ ଦଶବତାରଙ୍କ ଆଗମନ ଓ ମୋର ବନ୍ଧୁର ଏତେ ଗବେଷଣା ଏ ସବୁ କାହିଁକି ? ଜଗନ୍ନାଥ ଉତ୍ତର ରଖି କହିଲେ, ମୋର ଦୁଃଖ କଣ ଜାଣ ଜନ୍ମ ଜନ୍ମାନ୍ତରରେ ମନୁଷ୍ୟ ଜିତିଯାଏ ଓ ଖେଳରେ ମୁଁ ହିଁ ପରାଜୟ ବରଣ କରିଥାଏ। ତୋ ଜଗନ୍ନାଥ ଖେଳରେ କେବେ ବି ଜିତି ନାହାଁନ୍ତି ସବୁବେଳେ ହାରିଯାଇଛନ୍ତି। ତୁ କ'ଣ ଦେଖୁ ନାହୁଁ ମତେ ସୁଧାରିବାକୁ ଦଶ ଅବତାର ନେବାକୁ ପଡ଼ିଲା। ମନ୍ଦିର ସଦଗୁରୁ, ସାଧୁସନ୍ଥଙ୍କୁ ମଝିରେ ମଝିରେ ପ୍ରେରଣ କରିବାକୁ ପଡ଼ିଲା। ଲୋକେ ତୋର ବନ୍ଧୁ ମୃଣାଳିନୀ ପରି ଗବେଷଣା ଜାରି ରଖିଛନ୍ତି ଓ ରଖିବେ ମଧ୍ୟ। ମୁଁ ଗୀତାରେ କହିଛି ଯୁଗେ ଯୁଗେ ଧର୍ମର ରକ୍ଷା ପାଇଁ ଅବତାର ଗ୍ରହଣ କରିବି ହେଲେ ମୀରା ମୁଁ ହାରି ଯାଉଛି। ଲୋକେ ଯେପରି ଥିଲେ ସେପରି ଅଛନ୍ତି। ତେଣୁ ଏ ଦଳା ଚକଟା ଆଜି ନୂଆ ନୁହେଁ ଏ ମୃତ୍ୟୁ ବରଣ କରିବା କିଛି ନୂଆ ନୁହେଁ। ମତେ ଥରେ ଖେଳରେ ଜିତାଇଦେ ଲୋକଙ୍କୁ ହୃଦୟଙ୍ଗମ କରାଇଦେ ଯେ ମୁଁ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ, ସମସ୍ତଙ୍କୁ ପ୍ରେମ କର, ସମସ୍ତଙ୍କର ସେବାକର ଓ କାହାରି ଅନିଷ୍ଟ କରନାହିଁ।

ଦେଖିଲି ମୁଁ ଫୁଲ ଜରିଆରେ ଫିଙ୍ଗିଥିବା ପାଣି ଜଗନ୍ନାଥଙ୍କ ଆଖିରୁ ଦି ଟୋପା ଲୁହ ଝରୁଥିବା ପରି ଦେଖାଗଲା।

♥ ସିଡିଏ, କଟକ,
ମୋ : ୯୬୯୨୮୦୦୨୬

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

(୩୩)
ଦୀନକୃଷ୍ଣ ମହାବିଦ୍ୟାଳୟ ଓ ମୁଁ (୧୯୬୭-- ୧୯୬୯)...ପ୍ରଥମ ଭାଗ

> ଉତ୍ତର ବାଲେଶ୍ୱରର ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷାର ସୁବିଧା ପ୍ରଦାନ ନିମନ୍ତେ ଏକ ମହାବିଦ୍ୟାଳୟ ପ୍ରତିଷ୍ଠାପାଇଁ ଏ ଅଞ୍ଚଳର ସମାଜର ବିଶିଷ୍ଟ ବର୍ଗର ଲୋକମାନେ ଉଦ୍ୟମ ଜାରି ରଖିଥାନ୍ତି । ସେଥିପାଇଁ ବାଲେଶ୍ୱର ଓ ଜଳେଶ୍ୱରରେ ବାରମ୍ବାର ଆଲୋଚନା ସଭା ଅନୁଷ୍ଠିତ ହେଉଥିଲା। ବାଲେଶ୍ୱରରେ ସାଧାରଣତଃ ଟାଉନହଲରେହିଁ ସଭା ହୁଏ । ବନ୍ଧୁ ଗିରିଜା କିଙ୍କର ମହାନ୍ତି, ମୁଁ ଏବଂ ଉମେଶ ଚନ୍ଦ୍ର ଦେ ପ୍ରଭୃତି ଅନେକ ଉତ୍ତର ବାଲେଶ୍ୱରର ଛାତ୍ର ଫକୀର ମୋହନ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲୁ । ଆମ ଉପରେ ଦାୟିତ୍ୱଥାଏ ସଭା ପୂର୍ବରୁ ବସିବାପାଇଁ ଦରି ବିଛାଇବା ଓ ସଭାପରେ ଦରି ଗୋଛାଇବା ଏବଂ ଲୋକଙ୍କୁ ପାନୀୟ ଜଳ ଯୋଗାଇବା।

ବିଂଶ ଶତାବ୍ଦୀର ଷଷ୍ଠ ଦଶକର କଥା। ସେତେବେଳେବି ଉଚ୍ଚଶିକ୍ଷାର ପ୍ରସାର ପାଇଁ ସରକାରୀ ସ୍ତରରେ କୌଣସି ପ୍ରଚେଷ୍ଟା ହେଉନଥାଏ । ଅବିଭକ୍ତ ବାଲେଶ୍ୱର ଜିଲ୍ଲାରେ 'ଫକୀର ମୋହନ ମହାବିଦ୍ୟାଳୟ ଥିଲା ଏକମାତ୍ର ସରକାରୀ ମହାବିଦ୍ୟାଳୟ ଓ ଭଦ୍ରକ ମହାବିଦ୍ୟାଳୟ ଥିଲା ବେସରକାରୀ ଉଦ୍ୟମରେ ପ୍ରତିଷ୍ଠିତ ଏକମାତ୍ର ଶିକ୍ଷାନୁଷ୍ଠାନ । ଦୂର ଦୂରାନ୍ତରୁ ଯାଇ ବାଲେଶ୍ୱର ଓ ଭଦ୍ରକରେ ରହି ଶିକ୍ଷାଲାଭ କରିବା ଥିଲା ବ୍ୟୟବହୁଳ । ତେଣୁ, ଅନେକେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ। ଉତ୍ତର ବାଲେଶ୍ୱରର ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷାର ସୁବିଧା ପ୍ରଦାନ ନିମନ୍ତେ ଏକ ମହାବିଦ୍ୟାଳୟ ପ୍ରତିଷ୍ଠାପାଇଁ ଏ ଅଞ୍ଚଳର ସମାଜର ବିଶିଷ୍ଟ ବର୍ଗର ଲୋକମାନେ ଉଦ୍ୟମ ଜାରି ରଖିଥାନ୍ତି । ସେଥିପାଇଁ ବାଲେଶ୍ୱର ଓ ଜଳେଶ୍ୱରରେ ବାରମ୍ବାର ଆଲୋଚନା ସଭା ଅନୁଷ୍ଠିତ ହେଉଥିଲା। ବାଲେଶ୍ୱରରେ ସାଧାରଣତଃ ଟାଉନହଲରେହିଁ ସଭା ହୁଏ । ବନ୍ଧୁ ଗିରିଜା କିଙ୍କର ମହାନ୍ତି, ମୁଁ ଏବଂ ଉମେଶ ଚନ୍ଦ୍ର ଦେ ପ୍ରଭୃତି ଅନେକ ଉତ୍ତର ବାଲେଶ୍ୱରର ଛାତ୍ର ଫକୀର ମୋହନ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲୁ । ଆମ ଉପରେ ଦାୟିତ୍ୱଥାଏ ସଭା ପୂର୍ବରୁ ବସିବାପାଇଁ ଦରି ବିଛାଇବା ଓ ସଭାପରେ ଦରି ଗୋଛାଇବା ଏବଂ ଲୋକଙ୍କୁ ପାନୀୟ ଜଳ ଯୋଗାଇବା। ମୁଁ ଚିହ୍ନିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଥିଲେ ଗଣେଶକିଙ୍କର ମହାନ୍ତି, ଚିତ୍ତରଞ୍ଜନ ସାହୁ, ଯୋଗେଶ ଚନ୍ଦ୍ର ଜେନା, ଏଡ.ରାଜକିଶୋର ମହାନ୍ତି , ଡା.ଅତୁଲ ଚନ୍ଦ୍ର ପାତ୍ର , ଶ୍ରୀନାଥ ଚନ୍ଦ୍ର କର, କାମଦେବ ପ୍ରଧାନ ଏବଂ ଅନ୍ୟମାନେ ।

ସେମାନଙ୍କ ଉଦ୍ୟମର ଫଳଶ୍ରୁତି ହେଲା 'ନର୍ଥ ବାଲେଶ୍ୱର କଲେଜ', ଜଳେଶ୍ୱର । ଜଳେଶ୍ୱରର ବିଶିଷ୍ଟବ୍ୟକ୍ତି ଅନନ୍ତ ସାହୁଙ୍କ ନବନିର୍ମିତ ପକ୍କାଗୃହରେ ଶିକ୍ଷାଦାନ କାର୍ଯ୍ୟ ଆରମ୍ଭହୁଏ ୧୯୬୪ ମସିହାରେ । ପରିଚାଳନା ସମିତି (ଗଭର୍ଣ୍ଣ ବଡି) ଗଠନ କରାହୁଏ । ଏଥିରେ ସଭାପତି ଓ ସଂପାଦକ ଭାବରେ କାର୍ଯ୍ୟ ନିର୍ବାହ କରନ୍ତି ଯଥାକ୍ରମେ ଗୌରୀଶଙ୍କର ଦାସ ମହାପାତ୍ର ଓ ଯୋଗେଶ ଚନ୍ଦ୍ର ଜେନା । ସେହିପରି, ସଭ୍ୟଭାବରେ ଶ୍ରୀନାଥ କର, ଡା.ଅତୁଲ ଚନ୍ଦ୍ର ପାତ୍ର , କାମଦେବ ପ୍ରଧାନ, ଏଡ.ରାଜକିଶୋର ମହାନ୍ତି, ଗଣେଶ କିଙ୍କର ମହାନ୍ତି ଏବଂ ପ୍ରଫୁଲ୍ଲ କୁମାର ଗାନ୍ଧୀ ପ୍ରଭୃତି । ଶ୍ରୀ ଚିତ୍ତରଞ୍ଜନ ସାହୁ ଅସ୍ଥାୟୀ ଅଧ୍ୟକ୍ଷ ଭାବରେ କାର୍ଯ୍ୟଭାର ସମ୍ଭାଳନ୍ତି ।

ପରେ ସୁଗୋ ନିକଟବର୍ତ୍ତୀ ଧାନସିମୁଳିଆ ପଦାରେ ଗୃହ ନିର୍ମାଣ ହେବାପରେ ସେଠାକୁ କଲେଜ ସ୍ଥାନାନ୍ତରିତ ହୁଏ ଓ କିଛିବର୍ଷପରେ ଏ ଅଞ୍ଚଳରେ ଜନ୍ମଲାଭ କରିଥିବା ଓ ରସକଲ୍ଲୋଳ ଓ ରସବିନୋଦ ଆଦି ଅନେକ କାବ୍ୟ, ଜଣାଣ ଓ ଭଜନର ସ୍ରଷ୍ଟା ଭକ୍ତକବି ଦୀନକୃଷ୍ଣ ଦାସଙ୍କ ନାମରେ ତାହା ପୁନଃ ନାମିତ ହୋଇ ପରିଣତ ହୁଏ 'ଦୀନକୃଷ୍ଣ ମହାବିଦ୍ୟାଳୟ'ରେ । ପ୍ରତିଷ୍ଠା ହୁଏ ସମଗ୍ର ଉତ୍ତର ବାଲେଶ୍ୱରର ଏକମାତ୍ର ଓ ପ୍ରଥମ ବେସରକାରୀ ମହାବିଦ୍ୟାଳୟ ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ଛାଇ ଆଲୁଅରେ ଜୀବନ



ଡକ୍ଟର ଲକ୍ଷ୍ମଣ ସାହୁ


ସୁଖ ଓ ଦୁଃଖ ସମାନ ମାପର ଦୁଇଟି ମାପକାଠି। ଜୀବନରେ ଉଭୟଙ୍କର ସମାନ ମହତ୍ତ୍ୱ ରହିଛି। ଗୋଟିଏ ଅନୁଭବ କରିବାର ଅନୁପସ୍ଥିତିରେ । ଅନ୍ୟଟି ଅନୁଭବ ହୋଇପାରିବ ନାହିଁ ଓ ଏହାର ଗୁରୁତ୍ୱ ବୁଝି ହେବ ନାହିଁ । ବର୍ତ୍ତମାନ ଏହା ଅନୁକୂଳ କିମ୍ବା ପ୍ରତିକୂଳ ଯାହା କିଛି ବି ହେଉ, ଏହାର ପ୍ରଭାବ ମଧ୍ୟ ଆମ ଅନୁଭବ ଉପରେ ନିର୍ଭର କରେ । ଅନେକ ଥର ଆମେ ଖୁସି ଅନୁଭବ କରି ଅତ୍ୟଧିକ ଆନନ୍ଦିତ ହୋଇ ପଡୁ । ଦୁଃଖ ସମୟରେ ଗଭୀର ଅବସାଦରେ ବୁଡ଼ିଯାଉ। ସୁଖରେ ଖୁସି ହେବା ଓ ଦୁଃଖରେ ଯନ୍ତ୍ରଣା ଅନୁଭବ କରିବା ସ୍ୱାଭାବିକ ହୋଇପାରେ । କିନ୍ତୁ ସେ ସମୟରେ ବୁଝିବାର ଯଥେଷ୍ଟ ଆବଶ୍ୟକତା ଅଛି ଯେ ସୁଖ ଓ ଦୁଃଖ କେବେ ସ୍ଥାୟୀ ନୁହେଁ ।

ତେଣୁ ପରିସ୍ଥିତି ହୁଏତ ଅଳ୍ପ ସମୟ ପାଇଁ ସୁଖ କିମ୍ବା ନିର୍ଯାତନାର କାରଣ ସୃଷ୍ଟି କରନ୍ତି। ସମୟ ଏହା ବ୍ୟତୀତ ସୁଖ ଓ ଦୁଃଖର ମାପ ମଧ୍ୟ ପରିବର୍ତ୍ତିତ ସମୟ ସହିତ ବଦଳିବାରେ ଲାଗେ। ଏଭଳି ଗୋଟିଏ ସମୟ ଥିଲା ଯେତେବେଳେ ଜୀବନର ଆବଶ୍ୟକତା ସୁଖର ଅନୁଭବ ଥିଲା। ସେହିଭଳି ଆଜି କେହି କେହି ସେମାନଙ୍କୁ ଅଭାବର ସଙ୍କେତ ଭାବରେ ବିବେଚନା କରିପାରନ୍ତି । ଯାହା ହୁଏତ ଥରେ ଯନ୍ତ୍ରଣା ଦେଇଥାଇପାରେ। ଲୋକମାନେ ପରେ ଏହାକୁ ଭୁଲିପାରନ୍ତି କିମ୍ବା ଏହାକୁ ବାଦଦେଇ ଆଗକୁ ବଢ଼ିପାରନ୍ତି କିମ୍ବା ଗୋଟିଏ ପାଦ ପଛକୁ ଯାଇ ତାର ସୁଖ ପାଇବା ପାଇଁ ଏକ ମାଧ୍ୟମ ଭାବରେ ବିବେଚନା କରିପାରନ୍ତି। କିନ୍ତୁ ଅନେକ ସମୟରେ ଏହା ଟିକିଏ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ ।

ଯଦି ଆମେ ପରିସ୍ଥିତି ମଧ୍ୟରେ ଏକ ଶାନ୍ତ ସ୍ଥିତିକୁ ଗ୍ରହଣ କରୁ, ତେବେ ନିଶ୍ଚିତ ଭାବରେ ବିଷୟଗୁଡ଼ିକ ପ୍ରତି

> ଏକଥା ସତ୍ୟ ଯେ ଏ ଦୁନିଆକୁ ଯାହା ଆସେ ତାହା ପୁଣି ଯିବାକୁ ପଡିବ ସେହିଭଳି, ସୁଖ ଓ ଦୁଃଖର ପ୍ରକୃତି କଦାପି ସ୍ଥାୟୀ ନୁହେଁ। ଏହାର ଆଗମନ ଓ ପ୍ରସ୍ଥାନ ସାରା ଜୀବନ ତମାମ ଜାରି ରହିଛି । ଯେଉଁମାନଙ୍କର ହୃଦୟ ଦୁର୍ବଳ, ସେମାନେ ସୁଖ କିମ୍ବା ଦୁଃଖକୁ ସହ୍ୟ କରିବାକୁ ସକ୍ଷମ ନୁହଁନ୍ତି ।

ସଂଲଗ୍ନର ଭାବନା ବହୁ ଦୂରରେ ରହିଥାଏ। ଏକାସାଙ୍ଗରେ, ଆତ୍ମାରେ ଅପାର ଆନନ୍ଦର ଏକ ଈଶ୍ୱରୀୟ ଅନୁଭବ ଅଛି। ବାସ୍ତବରେ,



ଆମର ମାନସିକ ସ୍ଥିତି ସୁଖ ଏବଂ ଦୁଃଖ ଅନୁଭବ କରିବାରେ ଦୃଢଭାବରେ ସାହାଯ୍ୟ କରେ । ସମସ୍ତଙ୍କର ସୁଖ ଓ ଦୁଃଖର ମାନଦଣ୍ଡ ଭିନ୍ନ ହୋଇପାରେ। କିଛି ଲୋକ ଛୋଟ ସଫଳତା ଉପରେ ମଧ୍ୟ ସୁଖର ଆନନ୍ଦରେ ବୁଡି ଯାଆନ୍ତି, ଯେତେବେଳେ ସାମାନ୍ୟ ବିପର୍ଯ୍ୟୟ ଘଟେ ଅନେକେ ଖରାପ ବ୍ୟାକୁଳ ହୁଅନ୍ତି । ତଥାପି ଆଉ କିଛି ଲୋକ ଅଛନ୍ତି ଯେଉଁମାନେ ଧୈର୍ଯ୍ୟ ସହିତ ସୁଖ ଓ ଦୁଃଖରୁ ଉତ୍ପନ୍ନ ପରିସ୍ଥିତିର ସାମ୍ନା କରନ୍ତି । ସେତେବେଳେ ଧୈର୍ଯ୍ୟବାନ ହୁଅନ୍ତି , ତେବେ ସମୟ ବଦଳିବା ସହିତ ସୁଖ ଓ ଦୁଃଖର ରୂପ ମଧ୍ୟ ବଦଳିଯିବ ।

ଆମ ଜୀବନରେ ସମୟ ସମୟରେ ସୁଖ ଓ ଦୁଃଖର ଅନେକ ଘଟଣା ସାମ୍ନାକୁ ଆସେ ।

ସମାନ ଅବସ୍ଥାରେ ଥାଇ ଅତ୍ୟଧିକ ଜଟିଳ ପରିସ୍ଥିତିକୁ ମଧ୍ୟ ସହଜରେ ସାମ୍ନା କରାଯାଇପାରେ । କିନ୍ତୁ ଏପରି ବହୁ ଅଭିଜ୍ଞତା ସହିତ ଉପସ୍ଥିତ ଥାଇ ସୁଖ ବା ଉଦାସୀନତାର ମୁହୂର୍ତ୍ତରେ ମନର ସ୍ଥିରତା ଜଣକୁ ଆନନ୍ଦରେ ଈଶ୍ୱରୀୟ ଅନୁଭବ କରିଥାଏ । ଏପରି ପରିସ୍ଥିତିରେ ଯଦି ଆମେ ନିରପେକ୍ଷ ଭାବରେ କାର୍ଯ୍ୟ କରିବା ଜୀବନର ଅନୁକୂଳ ଦିଗଗୁଡିକ ପ୍ରତି ଦୃଷ୍ଟିଦେଇ ଚାଲିବାକୁ ହେବ ।

ଯାହାର ସାଂସାରିକ ବିଷୟ ମୋହ ପ୍ରତି କୌଣସି କାମନା ନାହିଁ, ସେ ପାସ୍ କରିପାରେ । ଅଭ୍ୟାସରେ ଦେଖାଯାଏ ଯେ ଯେଉଁମାନେ ସର୍ବଦା ଖୁସି ହୁଅନ୍ତି ସେମାନେ ଛୋଟ ଛୋଟ ଜିନିଷରେ ମଧ୍ୟ ବହୁତ ସୁଖ ଅନୁଭବ କରନ୍ତି । ସେହିପରି ଦୁଃଖ ସମୟରେ ମଧ୍ୟ ନିଜ ମନରେ ଅପାର ଶାନ୍ତି ଅନୁଭବ କରିପାରନ୍ତି । ତଥାପି ବିଭିନ୍ନ ଧର୍ମ ଓ ଦାର୍ଶନିକତାରେ ଅନନ୍ତ ବିଶ୍ୱାସ ଅନୁଯାୟୀ, ବସ୍ତୁ ଜିନିଷଗୁଡ଼ିକରେ ସୁଖ ମିଳିପାରିବ ନାହିଁ। ସତ୍ୟ ହେଉଛି ଜୀବନର ପ୍ରକୃତ ଆନନ୍ଦ ନିରପେକ୍ଷତା ମଧ୍ୟରେ ଅଛି।

ନିଜେ ବଞ୍ଚିବାରେ ଆବିର୍ଭୂତ ଜୀବନ ଜ୍ଞାନ ଅଛି । ସେହି ଅନୁଭୂତି ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୁଏ । ତାପରେ ସ୍ୱାଭାବିକ ଭାବରେ ତାଙ୍କର ଭ୍ରମ, ସ୍ନେହ, ସଂଲଗ୍ନତା ଓ ଲୋଭ ପ୍ରତି ତାଙ୍କର ଭାବନା ଶୂନ୍ୟ ହୋଇଯାଏ ।? ଏପରି ପରିସ୍ଥିତିରେ ତାଙ୍କ ମନ କୌଣସି ପରିସ୍ଥିତିରେ ଅସ୍ଥିର ହୋଇଯାଏ ନାହିଁ । କେବଳ ଜ୍ଞାନୀ-ଦର୍ଶକଙ୍କ ଭାବନାକୁ ଜାଗ୍ରତ କରି, ଜଟିଳ ପରିସ୍ଥିତିରେ ମଧ୍ୟ ବିଚଳିତ ରହିପାରିବେ। ଅଭ୍ୟାସ ଦ୍ୱାରା ଏହାକୁ ନିଜ ମନ କିମ୍ବା ଚିନ୍ତା ପ୍ରକ୍ରିୟାରେ ସନ୍ତୁଳନ ଓ ଧୈର୍ଯ୍ୟ ବଜାୟ ରଖିବା କୁହାଯାଇପାରେ । ପରିସ୍ଥିତି କେବେବି ସମାନ ରହେ ନାହିଁ। ନିୟତର ନିର୍ଦ୍ଦେଶନାରେ ସମସ୍ତଙ୍କ ଜୀବନରେ ଉତ୍ଥାନ-ପତନର କ୍ରମ ଜାରି ରହିଛି । ଏକଥା ସତ୍ୟ ଯେ ଏହି ଦୁନିଆକୁ ଯାହା ଆସେ ତାହା ଯିବାକୁ ପଡିବ । ସେହିଭଳି ସୁଖ ଓ ଦୁଃଖର ପ୍ରକୃତି କଦାପି ସ୍ଥାୟୀ ନୁହେଁ । ଏହାର ଆଗମନ ଓ ପ୍ରସ୍ଥାନ ସାରା ଜୀବନ ତମାମ ଜାରି ରହିଛି ।

ଯେଉଁମାନଙ୍କର ହୃଦୟ ଦୁର୍ବଳ, ସେମାନେ ସୁଖ କିମ୍ବା ଦୁଃଖକୁ ସହ୍ୟ କରିବାକୁ ସକ୍ଷମ ନୁହଁନ୍ତି । ଖୋଲାଖୋଲି ଭାବେ କହିବାକୁ ଗଲେ ସେମାନେ ପରିସ୍ଥିତିର ଦାସ ହୁଅନ୍ତି । କିନ୍ତୁ ଯେଉଁମାନେ ଅସାଧାରଣ ଲୋକ ସେମାନଙ୍କ ସକରାତ୍ମକ ଚିନ୍ତାଧାରା ଆଧାରରେ ଅତ୍ୟଧିକ ପ୍ରତିକୂଳ ପରିସ୍ଥିତିକୁ ମଧ୍ୟ ଅନୁକୂଳ ପରିସ୍ଥିତିରେ ପରିଣତ କରନ୍ତି। ଏହା କୌଣସି ପ୍ରକାରର ସଫଳତା ଆବଶ୍ୟକ କରେ ନାହିଁ । ବାସ୍ତବରେ, ମନର ଅସ୍ଥିରତାକୁ ଦୂର କରି ଏକ ସମାନ ସ୍ଥିତି ହାସଲ କରି ପରିସ୍ଥିତିକୁ ସାମ୍ନା କରି ଜୀବନର ସୂର୍ଯ୍ୟକିରଣ ଓ ଛାଇ ମଧ୍ୟ ସମାନ ଆନନ୍ଦଦାୟକ ମନେହୁଏ।

ସୁଖ ଓ ଦୁଃଖ ସହିତ ସାମଗ୍ରୀର ଆରାମର ସଂପୂର୍ଣ୍ଣ କିଛି ନାହିଁ । ସୁଖର ଆଭ୍ୟନ୍ତରୀଣ ଅନୁଭବ ନହେବା ପର୍ଯ୍ୟନ୍ତ, ବାହ୍ୟ ସମ୍ବଳର ପ୍ରଚୁରତା ମଧ୍ୟ ମନକୁ ଶାନ୍ତି ଦେଇପାରେ ନାହିଁ । ତେଣୁ କେବଳ ତାହା କରିବା ପାଇଁ ଆମେ ସମସ୍ତ ସମ୍ଭାବ୍ୟ ପ୍ରୟାସ କରିବା ଉଚିତ୍। ଯେଉଁ କାରଣରୁ ମନରେ ସୁଖର ପ୍ରବାହ ସ୍ୱାଭାବିକ ଭାବରେ ବୃଦ୍ଧି ପାଇପାରେ। ଅନ୍ୟଥା, ଯଦି ତୁମର ଦୁନିଆରେ ସମସ୍ତ ଧନ ଅଛି କିନ୍ତୁ ମାନସିକ ଶାନ୍ତି ନାହିଁ । ତେବେ ଧନର ବ୍ୟବହାର କ'ଣ ? ଜଣେ ଆସି ଏହି ଦୁନିଆରେ ଖାଲି ହାତରେ ଯାଏ । ଜୀବନର ବିଭିନ୍ନ ସମୟରେ, ବିଭିନ୍ନ ଅନୁଭୂତି ଆମକୁ ସୂର୍ଯ୍ୟକିରଣ ଏବଂ ଜୀବନର ଛାଇ ସହିତ ପରିଚିତ କରାଏ। ଏପରି ପରିସ୍ଥିତିରେ ଆମେ ସଠିକ୍ ମନୋଭାବ ବଜାୟ ରଖିବା ଉଚିତ୍ । କେବଳ ସେତେବେଳେ ଆମେ ଏକ ଦୀର୍ଘ ନିଶ୍ୱାସ ନେଇପାରିବା...!!!

♥ ଅଧ୍ୟକ୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ,
ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪ ,
ମୋ : ୯୦୪୦ ୧୫୧୪୭୫

# ଆଇରନ୍ ଟ୍ରକ୍ ଓଭରଟେକିଙ୍ଗ କରି ଚଢି ଗଲା: ଚାଲିଗଲା ହୋମ୍‌ଗାର୍ଡଙ୍କ ଜୀବନ



ପାରାଦୀପ, ୧୩/୭ (ନି.ପ୍ର): ପାରାଦୀପ ଉପକଣ୍ଠ ଦୋଛକି ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ପାରାଦୀପ ଲକ୍ ଥାନାରେ କାର୍ଯ୍ୟରତ ହୋମଗାର୍ଡ ରାଜେନ୍ଦ୍ର ପ୍ରଧାନଙ୍କ ଉପରେ ଆଇରନ୍ ବୋଝେଇ ଟ୍ରକ୍ ଚଢି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶଯେ, ଶୁକ୍ରବାର ରାତିରେ ପାରାଦୀପ ଲକ୍ ଥାନାରେ କାର୍ଯ୍ୟରତ ନିକଟସ୍ଥ ବାଲିଡିଆ ଗ୍ରାମର ରାଜେନ୍ଦ୍ର ପ୍ରଧାନ ଏବଂ ତାଙ୍କ ସହିତ ତିନି ଜଣ ହୋମଗାର୍ଡ ଦୋଛକି ନିକଟରେ ଡ୍ୟୁଟି କରୁଥିଲେ । ଆଇରନ୍ ବୋଝେଇ ଟ୍ରକ୍ ଗୁଡ଼ିକ ଧାଡି ଭାଙ୍ଗି ଦୃତଗତିରେ ରାସ୍ତାର ଡାହାଣ ପଟେ ଯିବା ଆସିବା କରୁଥିବାରୁ ସେମାନଙ୍କୁ ରୋକିବା ପାଇଁ ଏମାନଙ୍କୁ ସେଠାରେ ଡ୍ୟୁଟି ଦିଆ ଯାଇଥିଲା । ଶୁକ୍ରବାର ବିଳମ୍ବିତ ରାତିରେ ଧାଡି ଭାଙ୍ଗି ଯାଉଥିବା ଏକ ଆଇରନ୍ ଟ୍ରକ୍‌କୁ ରାଜେନ୍ଦ୍ର ଓ ତାଙ୍କ ସହକର୍ମୀ ଅଟକାଇବା ବେଳେ ଆଇରନ୍ ଟ୍ରକ୍‌ଟି ରାଜେନ୍ଦ୍ରଙ୍କ ଉପରେ ଚଢି ଯାଇଥିଲା । ଦୁର୍ଘଟନା ଘଟାଇବା ପରେ ଟ୍ରକ୍ ଚାଳକ ଟ୍ରକ୍ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଖବର ପାଇ ରାଜେନ୍ଦ୍ରଙ୍କ ପରିବାର ଓ ବାଲିଡିଆ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଂଚି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଦୁର୍ଘଟଣା ଘଟିଥିବା ସ୍ଥାନରୁ ମାତ୍ର ଦୁଇ-ତିନି କିଲୋମିଟର ମୃତ ରାଜେନ୍ଦ୍ରଙ୍କ ଘର ହୋଇଥିବା ବେଳେ ପୋଲିସ୍ ପରିବାରକୁ ସୂଚନା ନଦେଇ ତରବରିଆ ଭାବେ ଅଠରବାଙ୍କ ମେଡିକାଲକୁ ନେଇ ଯାଇଥିବାରୁ ପରିବାର ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଫଳରେ ପ୍ରାୟ ୭ ଘା ଧରି କଟକ-ପାରାଦୀପ ଓ ଚଣ୍ଡିଖୋଲ-ପାରାଦୀପ ରାସ୍ତା ବନ୍ଦ ରହିଥିଲା । ଯାହା ଫଳରେ ହଜାର ହଜାର ଗାଡି ମଟର ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲେ । ଖବର ପାଇ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ପହଂଚି ଆଲୋଚନା କରିବା ପରେ ଗ୍ରାମବାସୀ ଓ ମୃତ ରାଜେନ୍ଦ୍ରଙ୍କ ପରିବାର ରାସ୍ତାରୁ ଉଠିଥିଲେ । ପ୍ରଶାସନ ପକ୍ଷରୁ ଦଶ ହଜାର ଟଙ୍କା ଓ ରୋଡକ୍ରସ୍ ପାଣ୍ଠିରୁ ତିରିଶ ହଜାର ଟଙ୍କା ମୃତ ରାଜେନ୍ଦ୍ରଙ୍କ ପରିବାରକୁ ଦିଆଯିବା ସହ ଡ୍ୟୁଟିରେ ଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିବାରୁ ସମସ୍ତ ସରକାରୀ ସହାୟତା ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଥିଲା । ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ଇନସ୍ୟୁରାନ୍ସ ବାବଦକୁ ଟଙ୍କା ସହିତ ସ୍ୱତନ୍ତ୍ର ସହାୟତା ପାଇଁ ହୋମଗାର୍ଡ ମହା ନିର୍ଦ୍ଦେଶକଙ୍କୁ ଚୋଠେ କରିବ ପୋଲିସ୍ । ଏହି ସମସ୍ତ ଘଟଣା ନିରପେକ୍ଷ ତଦନ୍ତ ପାଇଁ ଶିଳ୍ପମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି । ତାଙ୍କ ପରିବାରରୁ ଜଣକୁ ନିଯୁକ୍ତି ଦେବା ପାଇଁ ପ୍ରୟାସ କରିବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଦୁର୍ଘଟଣା ଘଟାଇବା ଟ୍ରକ୍ ଓ ଡ୍ରାଇଭରକୁ ଅଟକ ରଖି ଲକ୍ ଥାନା ପୋଲିସ୍ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।

# ରୂପସା ସ୍ୱାସ୍ଥ୍ୟକେନ୍ଦ୍ରରେ ଗଡ଼ିଲା ପରିବାର ନିୟୋଜନ ସଚେତନତା ରଥ



ରୂପସା , ୧୩/୭ (ନି.ପ୍ର): ବିଶ୍ୱ ଜନସଂଖ୍ୟା ଦିବସ - ୨୦୨୪ ପାଳନ ଅବସରରେ ବାଲେଶ୍ୱର ଜିଲା ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ପରିବାର ନିୟୋଜନ ନିମନ୍ତେ ସଚେତନତା ରଥର ଶୁଭାରମ୍ଭ ହୋଇଛି । ମେଡିକାଲ ଅଫିସର ଡ଼ା. ବିନୟ କୁମାର ଦାସ ମହାପାତ୍ର ଓ ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଅଞ୍ଜନ କୁମାର ନାୟକ ପତାକା ଦେଖାଇ ଏହି ରଥକୁ ଉଦଘାଟନ କରିଥିଲେ । ଆୟୁଷ ମେଡିକାଲ ଅଫିସର ଡ଼ା. ଅସୀତ କୁମାର ପ୍ରଧାନ,ପିଏଚଇଓ ପ୍ରଦୀପ କୁମାର ସାହୁ, ବିପିଏମ ସତ୍ୟସୁନ୍ଦର ଗୋସ୍ୱାମୀ, ସୁପରଭାଇଜର ସୁଶାନ୍ତ କୁମାର ମାଝୀ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଅନୁଷ୍ଠିତ ବିଶ୍ୱ ଜନସଂଖ୍ୟା ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ପରିବାର ନିୟୋଜନ ବିକଶିତ ଭାରତର ନୂତନ ପରିଚୟ । ଏହା ଦମ୍ପତିଙ୍କର ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଆୟୋଜିତ ସଭାରେ ସଚେତନ କରାଯାଇଥିଲା । ସଚେତନତା ପକ୍ଷ ଓ ସ୍ଥିରତା ପକ୍ଷ ଅବସରରେ ଏହି ରଥ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ କସିପଦା, ହଳଦୀପଦା, ଫୁଲକ୍ଷଡ଼ି, ଓଡିଙ୍ଗୀ, ପଳାସପୁର ଆଦି ବିଭିନ୍ନ ଗ୍ରାମ ପରିକ୍ରମା କରି ଅଡିଓ, ଭିଜୁଆଲ ମାଧ୍ୟମରେ ପରିବାର ନିୟୋଜନ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲା । ପରିବାର ନିୟୋଜନର ସ୍ଥାୟୀ ପଦ୍ଧତି ଯଥା..ପୁରୁଷ ଓ ମହିଳା ବନ୍ଧ୍ୟାକରଣ ଏବଂ ଗର୍ଭ ନିରୋଧକ ବଟିକା , କପର-ଟି ଅନ୍ତରା ଇଞ୍ଜେକସନ , କଣ୍ଡୋମ୍ ଆଦି ଅସ୍ଥାୟୀ ପଦ୍ଧତି ବିଷୟରେ ଅବଗତ କରାଯାଇଥିଲା । ଆକାଉଣ୍ଟସ ମ୍ୟାନେଜର ହରିଶ୍ଚନ୍ଦ୍ର ପରିଡା, ବିଡ଼ିଏମ ଅର୍ଚ୍ଚନା ଦତ୍ତଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟକର୍ମୀ ଓ ଆଶା କର୍ମୀ ଉପସ୍ଥିତ ଥିଲେ । ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭଜନ ସନ୍ଧ୍ୟା ଓ ପ୍ରତିଭା ଅନ୍ୱେଷଣରେ ଜମୁଛି ଦୁଇ ମାଉସୀ ବାଡ଼ି

ବାଲିଆପାଳ, ୧୩/୭ (ନି.ପ୍ର): ଭଜନ ସନ୍ଧ୍ୟା ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟ କ୍ରମରେ ଏବେ ବାଲିଆପାଳ ଶ୍ରଦ୍ଧା କ୍ଷେତ୍ର ଓ ମାନ୍ଧାତା ଭକ୍ତି କ୍ଷେତ୍ରର ମାଉସୀ ବାଡ଼ି ଏବେ ଜମି ବାରେ ଲାଗିଛି । ଶ୍ରଦ୍ଧା କ୍ଷେତ୍ର ମାଉସୀ ବାଡ଼ି ବାଲିଆପାଳ ପୁରୁଣା ବସ୍ ଷ୍ଟାଣ୍ଡ ରେ ରଥ ଯାତ୍ରା ପର ଠୁ ପ୍ରତି ଦିନ ସନ୍ଧ୍ୟା ରେ ଆରତୀ ଓ ଭକ୍ତି ସଙ୍ଗୀତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟ କ୍ରମ ହେଉ ଥିବା ବେଳେ ମାନ୍ଧାତା ଭକ୍ତି କ୍ଷେତ୍ର ଦକ୍ଷିଣ ମହାବଳା ଠାରେ ଭକ୍ତି ରସାତ୍ମକ୍ କାର୍ଯ୍ୟ କ୍ରମ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଛି । ଶ୍ରଦ୍ଧା କ୍ଷେତ୍ର ଟ୍ରଷ୍ଟ ବୋର୍ଡ ସଭାପତି ଜଗନ୍ନାଥ ମହାନ୍ତି, ସମ୍ପାଦକ ବ୍ରଜ କିଶୋର ଭୂୟାଁ,ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ମଧୁ ସୂଦନ ବାରିକ୍, ପ୍ରିୟ ନାଥ ସେଠୀ , କାଳି ଚରଣ ଦେ, ସଞ୍ଜୟ କୁମାର ଦେ ପ୍ରମୁଖ ପରି ଚାଳନା କରୁ ଥିବା ବେଳେ ଭକ୍ତି କ୍ଷେତ୍ର ଟ୍ରଷ୍ଟ ବୋର୍ଡ ସଭାପତି ଗୋପାଳ କୃଷ୍ଣ ପାତ୍ର, ସମ୍ପାଦକ ସନାତନ ପାତ୍ର, କୃଷ୍ଣା ନନ୍ଦ ପାତ୍ର ପ୍ରମୁଖ ପରି ଚାଳନା କରୁଛନ୍ତି । ଉଭୟେ କ୍ଷେତ୍ର ରେ ପ୍ରବଳ ଭକ୍ତ ସମାଗମ ପରି ଲକ୍ଷିତ ହୋଇଛି ।

# ଜନ୍ମବେଦିରେ ଶ୍ରୀବିଗ୍ରହ ମାନଙ୍କର ରାମ ପର୍ଶୁରାମ ବେଶ



ନୀଳଗିରି, ୧୩/୭ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ମହାପ୍ରଭୁଙ୍କୁ ପ୍ରତିଦିନ ନୂଆ ନୂଆ ବେଶ କରୁଥିବା ବେଳେ ଶନିବାର ସନ୍ଧ୍ୟାରେ ଜନ୍ମବେଦିରେ ଶ୍ରୀବିଗ୍ରହ ମାନଙ୍କର ରାମ ପର୍ଶୁରାମ ବେଶ ହୋଇଥିବା ଦେଖିବାକୁ ମିଳିଛି । ବଡ଼ଠାକୁର ବଳଭଦ୍ରଙ୍କୁ ପର୍ଶୁରାମ ବେଶରେ ଦେଖିବାକୁ ମିଳିଥିବା ବେଳେ ଜଗନ୍ନାଥ ମହାପ୍ରଭୁଙ୍କୁ ରାମ ଅବତାର ବେଶରେ ଦେଖିବାକୁ ମିଳିଥିଲା । ସନ୍ଧ୍ୟା ୭.୩୦ ସମୟରେ ଠାକୁରଙ୍କ ନୀତି ସମାପନ ପରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ କରିବାର ସୁଯୋଗ ମିଳିଥିଲା । ଆଜି ମହାପ୍ରଭୁ କଳ୍କୀ ଅବତାରରେ ଦର୍ଶନ ଦେବେ ।

# ଟାଟା ଷ୍ଟିଲ ଆଣ୍ଡ ପାଓ୍ୱାର କମ୍ପାନୀର ମନମାନି: ବଢୁଛି ଅସନ୍ତୋଷ

ଲଙ୍ଗଳେଶ୍ୱର , ୧୩/୭ (ନି.ପ୍ର): ଟାଟା ଷ୍ଟିଲ ଆଣ୍ଡ ପାଓ୍ୱାର କମ୍ପାନୀ ବାଲିଆପାଳ ଅଞ୍ଚଳରେ ଲୋକଙ୍କୁ ଭୁଆ ବୋଲାଉଛି ବୋଲି ସର୍ବତ୍ର ଚର୍ଚ୍ଚା ହେଉଛି । ବିଦ୍ୟୁତ୍ ବଣ୍ଟନ ଓ ଉପଭୋକ୍ତା ସେବା ଦେବାରେ ଏହି କମ୍ପାନୀ ବ୍ୟର୍ଥ ହୋଇଥିବାବେଳେ ଅତ୍ୟଧିକ ବିଦ୍ୟୁତ୍ ଦେୟ ଲୋକଙ୍କୁ ଅତିଷ୍ଠ କଲାଣି । ମରାମତି ନାମରେ ବର୍ଷ ତମାମ ବିଦ୍ୟୁତ୍ କାଟ କୁ ଲୋକେ ଆଉ ସହ୍ୟ କରିପାରୁ ନାହାଁନ୍ତି । ସେବା ନାମରେ ଦାତବ୍ୟ ସ୍ୱାସ୍ଥ୍ୟ ଶିବିର ଦ୍ୱାରା ଲୋକଙ୍କର କୌଣସି ଫାଇଦା ହେଉ ନାହିଁ । ସ୍ଥାୟୀ ଚିକିତ୍ସା ନେଇ ଏହି କମ୍ପାନୀର କୌଣସି ପ୍ରାବଧାନ ନାହିଁ କହିଲେ ଚଳେ । ଯେଉଁ କମ୍ପାନୀ ଲୋକଙ୍କୁ ଉତ୍ତମ୍ ବିଦ୍ୟୁତ୍ ସେବା ଅଦ୍ୟାବଧି ଯୋଗାଇ ଦେଇ ପାରୁ ନାହିଁ ସେହି କମ୍ପାନୀ ବନ୍ଦର କଲେ ସ୍ଥାନୀୟ ଲୋକ କେତେ ମାତ୍ରାରେ ଉପକୃତ ହେବେ ତାହା ସହଜରେ ଅନୁମେୟ । ପର୍ବ ପର୍ବାଣୀରେ କମ୍ପାନୀ ଆୟୋଜକଙ୍କୁ ଅଳ୍ପ କିଛି ସହାୟତା ଦେଇ ଲୋକଙ୍କ ମନୋରଞ୍ଜନ କରୁଛି ସିନା ତାର ଉଦ୍ଦେଶ୍ୟ କଣ ଅନେକ ଙ୍କୁ ଅଜଣା । ପ୍ରଶାସନ ଅଥବା କମ୍ପାନୀ ଏହାକୁ ସ୍ପଷ୍ଟ କରନ୍ତୁ ବୋଲି ଲୋକେ ଦୃଢ଼ ଦାବି କରିଛନ୍ତି । କମ୍ପାନୀ ର ମନମାନି ପାଇଁ ଅଞ୍ଚଳରେ ଅସନ୍ତୋଷ ଦାନା ବାନ୍ଧୁଛି କମ୍ପାନୀ ବିରୋଧରେ ଲୋକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମତପ୍ରକାଶ ପାଉଛନ୍ତି । ଟାଟା କମ୍ପାନୀ ନିଜର ପ୍ରଚାର ପ୍ରସାର ନିମନ୍ତେ କେତେକ ଗଣମାଧ୍ୟମରେ ଭୁଲ୍ ତଥ୍ୟ ଦେଇ ଲୋକଙ୍କ ଭ୍ରମିତ କରୁଛି ।

# ଇଣ୍ଡିଆନ୍ ଅଏଲ ପାରାଦୀପ ରିଫାଇନାରୀ ପକ୍ଷରୁ ଷ୍ଟର୍ମ-ଏକ୍ସ ରେସିଙ୍ଗ ଇନ୍ଧନ ବିତରଣ ଆରମ୍ଭ



ପାରାଦୀପ, ୧୩/୭ (ନି.ପ୍ର): ମୋଟର କାର ରେସିଙ୍ଗ ପାଇଁ ବିଶେଷ ରୂପରେ ଇଣ୍ଡିଆନ୍ ଅଏଲ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି ହାଇ-ଅକ୍ଟେନ୍ ଗ୍ୟାସୋଲିନ୍ ଷ୍ଟର୍ମ-ଏକ୍ସ । ଏହାର ପ୍ରଥମ ବିତରଣକୁ ପାଇପ୍ ଲାଇନ୍ ନିର୍ଦ୍ଦେଶକ ଏନ୍.ସେନ୍ଥିଲ କୁମାର, ନିର୍ଦ୍ଦେଶକ ଆଲୋକ ଶର୍ମାଙ୍କ ଉପସ୍ଥିତିରେ ନିର୍ଦ୍ଦେଶକ(ମାର୍କେଟିଂ) ସତୀଶ କୁମାର ଆଭାସି ମାଧ୍ୟମରେ ଉନ୍ମୋଚନ କରିଥିଲେ । ଇଣ୍ଡିଆନ୍ ଅଏଲ୍‌ର ନିର୍ଦ୍ଦେଶକ ଶ୍ରୀକାନ୍ତ ମାଧକ ବୈଦ୍ୟଙ୍କ ଦ୍ୱାରା ପରିକଳ୍ପିତ ଏବଂ ଅନୁପ୍ରେରିତ ପ୍ରିମିୟମ୍ ରେସିଂ ଇନ୍ଧନ ଇଣ୍ଡିଆନ୍ ଅଏଲ୍ ମୋଟର ରେସିଂ ଇଭେ ପାଇଁ ଉନ୍ମୋଚନ କରିଛି । ଏହିନ ପ୍ରିମିୟମ୍ ରେସ୍ ଇନ୍ଧନକୁ ଫରିଦାବାଦସ୍ଥିତ ଇଣ୍ଡିଆନ୍ ଅଏଲ୍ ରିସର୍ଚ୍ଚ ଆଣ୍ଡ ଡେଭଲପମେ ସେର ଦ୍ୱାରା ବିକଶିତ ହୋଇଥିଲା ଏବଂ ପାରାଦିପ ରିଫାଇନାରୀରେ ଉତ୍ପାଦିତ ହୋଇଥିଲା । ଏହା ପାନିପଥ ରିଫାଇନାରୀର ୨ଜି ଇଥାନଲ୍ ଭଳି ସ୍ଥାୟି ଉପାଦାନ ସହିତ ହାଇ-ଅକ୍ସିଡେନ୍ ରେଟିଂ ଗ୍ୟାସୋଲିନ୍ ଷ୍ଟ୍ରମ୍‌କୁ ମିଶ୍ରଣ କରେ । ଚଳିତ ବର୍ଷ ମାଡ୍ରାସ ଇରନ୍ୟାସନାଲ ସର୍କିଟ୍‌ରେ ହେବାକୁ ଥିବା ଭାରତୀୟ ଜାତୀୟ ରେସିଂ ଚମ୍ପିୟାନସିପ୍‌ର ତୃତୀୟ ଏବଂ ଚତୁର୍ଥ ରାଉଣ୍ଡ ପାଇଁ ଷ୍ଟର୍ମ-ଏକ୍ସର ଯୋଗାଣ ପାଇଁ ଇଣ୍ଡିଆନ୍ ଅଏଲ୍ ମାଡ୍ରାସ ମୋଟର ସ୍ପୋର୍ଟସ୍ କ୍ଲବ ସହିତ ସହଭାଗୀ ହୋଇଛି । ପ୍ରଥମ ପର୍ଯ୍ୟାୟରେ ତୃତୀୟ ରାଉଣ୍ଡ ପାଇଁ ଷ୍ଟର୍ମ-ଏକ୍ସର ୫୫ଟି ବ୍ୟାରେଲ୍ ପଠାଯାଇଥିବା ପାରାଦୀପ ରିଫାଇନାରୀ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଦେଶତ ତୈଳ ଉତ୍ପାଦନ ଓ ବିତରଣରେ ଇଣ୍ଡିଆନ୍ ଅଏଲ୍ ତାର ଶ୍ରେଷ୍ଠତ୍ୱ ବଜାୟ ରଖିଛି ।

# ମା’ ମାହେଶ୍ୱରୀ ସେନା ପକ୍ଷରୁ ବୃକ୍ଷରୋପଣ

ବଲାଙ୍ଗିର, ୧୩/୭ (ନି.ପ୍ର): ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ମାନବ ସମାଜର ଅଗ୍ରଗତି ଅସମ୍ଭବ । ସୁନ୍ଦର ପରିବେଶ ଏବଂ ସବୁଜ ପରିବେଶ ସୃଷ୍ଟି ଲକ୍ଷ୍ୟ ନେଇ ମାଁ ମାହେଶ୍ୱରୀ ସେନା ପକ୍ଷରୁ ଆଜି ବଲାଙ୍ଗିର ଜିଲ୍ଲା ଖଲିଆପାଲି ଗ୍ରାମ ପଂଚାୟତ ଅନ୍ତର୍ଗତ ବଂଶୀଧର ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ର ଛାତ୍ରୀମାନଙ୍କ ସହଯୋଗ ରେ ବିଦ୍ୟାଳୟ ପରିସର ତଥା ଖେଳ ପଡିଆର ଚାରି ପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଇଥିଲା । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ ରଂଜନ ତ୍ରିପାଠୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥଲା । ପରିଶେଷରେ ମାଁ ମାହେଶ୍ୱରୀ ସେନା ଦ୍ୱାରା ଛାତ୍ର ଛାତ୍ରୀମାନଙ୍କୁ ବୃକ୍ଷର ଉପକାରିତା ଏବଂ ବୃକ୍ଷ କିଭଳି ମାନବ ସମାଜ ର ଉପକାର ସାଧନ କରୁଛି ତାହାର ସମ୍ୟକ ଧାରଣା ଦିଆଗଲା ।

## ଭଜନ ସନ୍ଧ୍ୟା ଓ ପ୍ରତିଭା ଅନ୍ୱେଷଣରେ ଜମୁଛି ଦୁଇ ମାଉସୀ ବାଡ଼ି

ଲଙ୍ଗଳେଶ୍ୱର , ୧୩/୭ (ନି.ପ୍ର): ଭଜନ ସନ୍ଧ୍ୟା ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟ କ୍ରମ ରେ ଏବେ ବାଲିଆପାଳ ଶ୍ରଦ୍ଧା କ୍ଷେତ୍ର ଓ ମାନ୍ଧାତା ଭକ୍ତି କ୍ଷେତ୍ର ର ମାଉସୀ ବାଡ଼ି ଏବେ ଜମି ବାରେ ଲାଗିଛି । ଶ୍ରଦ୍ଧା କ୍ଷେତ୍ର ମାଉସୀ ବାଡ଼ି ବାଲିଆପାଳ ପୁରୁଣା ବସ୍ ଷ୍ଟାଣ୍ଡ ରେ ରଥ ଯାତ୍ରା ପର ଠୁ ପ୍ରତି ଦିନ ସନ୍ଧ୍ୟା ରେ ଆରତୀ ଓ ଭକ୍ତି ସଙ୍ଗୀତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟ କ୍ରମ ହେଉ ଥିବା ବେଳେ ମାନ୍ଧାତା ଭକ୍ତି କ୍ଷେତ୍ର ଦକ୍ଷିଣ ମହାବଳା ଠାରେ ଭକ୍ତି ରସାତ୍ମକ୍ କାର୍ଯ୍ୟ କ୍ରମ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଛି । ଶ୍ରଦ୍ଧା କ୍ଷେତ୍ର ଟ୍ରଷ୍ଟ ବୋର୍ଡ ସଭାପତି ଜଗନ୍ନାଥ ମହାନ୍ତି, ସମ୍ପାଦକ ବ୍ରଜ କିଶୋର ଭୂୟାଁ,ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ମଧୁ ସୂଦନ ବାରିକ୍, ପ୍ରିୟ ନାଥ ସେଠୀ , କାଳି ଚରଣ ଦେ, ସଞ୍ଜୟ କୁମାର ଦେ ପ୍ରମୁଖ ପରି ଚାଳନା କରୁ ଥିବା ବେଳେ ଭକ୍ତି କ୍ଷେତ୍ର ଟ୍ରଷ୍ଟ ବୋର୍ଡ ସଭାପତି ଗୋପାଳ କୃଷ୍ଣ ପାତ୍ର, ସମ୍ପାଦକ ସନାତନ ପାତ୍ର, କୃଷ୍ଣା ନନ୍ଦ ପାତ୍ର ପ୍ରମୁଖ ପରି ଚାଳନା କରୁଛନ୍ତି । ଉଭୟେ କ୍ଷେତ୍ର ରେ ପ୍ରବଳ ଭକ୍ତ ସମାଗମ ପରି ଲକ୍ଷିତ ହୋଇଛି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଆଜି ଖୋଲିବ....

ଯୋଗୁ ମହାପ୍ରଭୁଙ୍କ ଦର୍ଶନ କିମ୍ବା ନୀତିକାନ୍ତିରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସ୍ପଷ୍ଟ କରିଛନ୍ତି । ତେବେ ରତ୍ନଭଣ୍ଡାର ଖୋଲିବା ଓ ଗଣତିମଣତି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଓ ମହାପ୍ରଭୁଙ୍କ ନୀତି ତଥା ଧାର୍ମିକ ଭାବନା ସହ ଜଡ଼ିତ ଥିବାରୁ କିଛି କଥା ଲୁକାୟିତ ରହିବା ଜରୁରୀ ବୋଲି ସେ କହିଛନ୍ତି । ସେ ପୂର୍ବର ବିଜେଡି ସରକାରକୁ କଟାକ୍ଷ କରି କହିଛନ୍ତି ଯେ, ଗୋଟିଏ ସରକାର ୨୪ବର୍ଷ ଶାସନରେ ରହି ମଧ୍ୟ ରତ୍ନଭଣ୍ଡାର ଖୋଲିପାରିଲେ ନାହିଁ । ଏବେ ବିଜେପି ସରକାର ମାତ୍ର ମାସକ ମଧ୍ୟରେ ମହାପ୍ରଭୁଙ୍କ ଆଶୀର୍ବାଦରେ ରତ୍ନଭଣ୍ଡାର ଖୋଲିବାକୁ ଯାଉଛନ୍ତି । ଶ୍ରୀମନ୍ଦିର ସହ ଜଡ଼ିତ ବିଭିନ୍ନ ରିପୋର୍ଟକୁ ତାଙ୍କ ସରକାର ସାର୍ବଜନୀନ କରିବେ । ଏହାସହିତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେବେ ବୋଲି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସ୍ପଷ୍ଟ କରିଛନ୍ତି । ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି, ରତ୍ନଭଣ୍ଡାର ଖୋଲିବା ନେଇ ଏବେ ଆମର ଏକ ବୈଠକ ବସିବ । ସେଠାରେ ସବୁ ଆବଶ୍ୟକତା ସଂପର୍କରେ ଆଲୋଚନା ହେବ । ଦିନ ୧ଟା ପରେ ଶୁଭ ସମୟ ଆସୁଛି, ୧ଟା ପରେ ଖୋଲାଯିବ । ଯାହା ଆଶା କରୁଛୁ ଗୋଟାଏରୁ ସାଢ଼େ ଗୋଟାଏରେ ଖୋଲାଯିବ । ଚାବିରେ ଯଦି ତାଲା ନଖୋଲେ, ତା’ହେଲେ ତାଲା ଭଙ୍ଗାଯାଇ ଖୋଲାଯିବ । ତାଲା ଭାଙ୍ଗିବା ପାଇଁ ତାଲା ଭଙ୍ଗା ଟିମ୍‌କୁ ଡକାଯାଇଛି । ସ୍ନେକ ହେଲପଲାଇନ ଓ ମେଡିକାଲ ଟିମ୍ ମଧ୍ୟ ଷ୍ଟାଣ୍ଡ ବାଇ ରହିବେ । ଆବଶ୍ୟକ ପଡ଼ିଲେ ସେମାନଙ୍କୁ ଭିତରକୁ ଯିବାକୁ ପଡ଼ିପାରେ । କେଉଁମାନେ ଭିତରକୁ ଯିବେ ସେନେଇ ମଧ୍ୟ ଏସ୍‌ଓପି ହୋଇଛି । ତଦାରଖ କମିଟିର ୨ ଜଣ, ଜିଲ୍ଲାପାଳ, ତାଲା ଭଙ୍ଗା ଟିମ୍ ଯିବେ । ଏଏସ୍‌ଆଇ ଟିମ୍, ଭଣ୍ଡାର ମେକାପ, ତଡ଼ଉ କରଣ ମଧ୍ୟ ଯିବେ । ରତ୍ନ ଅଳଙ୍କାର ରଖିବା ପାଇଁ ମନ୍ଦିର ଭିତରେ ସ୍ଥାନ ଚିହ୍ନଟ ହୋଇସାରିଛି । ସୂଚନାଯୋଗ୍ୟ, ରାଜ୍ୟର ବିଜେପି ସରକାର କ୍ଷମତାକୁ ଆସିବା ପରେ ରତ୍ନଭଣ୍ଡାର ଯାଂଚ ପାଇଁ ଗଠିତ ଜଷ୍ଟିସ ଅରଜିତ୍ ପଶାୟତ କମିଟିକୁ ଭାଙ୍ଗି ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । ଜଷ୍ଟିସ ରଥଙ୍କ କମିଟି ସରକାରଙ୍କୁ ରତ୍ନଭଣ୍ଡାର ଖୋଲିବା ପାଇଁ ସୁପାରିଶ କରିଥିଲେ ଓ ଉକ୍ତ କମିଟିର ତଦାରଖରେ ରତ୍ନଭଣ୍ଡାର ଖୋଲା ଓ ମଣତିଗଣତି କାର୍ଯ୍ୟ ସମ୍ପାଦନ ହେବ । ରାଜ୍ୟ ସରକାର ଏହି ପ୍ରକ୍ରିୟା ପୂର୍ବରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପଦବୀରୁ ମଧ୍ୟ ବରିଷ୍ଠ ଆଇଏଏସ୍ ବୀରବିକ୍ରମ ଯାଦବଙ୍କୁ ହଟାଇ ଅରବିନ୍ଦ ପାଢ଼ୀଙ୍କୁ ନିଯୁକ୍ତି ଦେଇଛନ୍ତି ।

### ନର୍ସିଂହୋମ୍‌ରେ ଲାଗିଲା ...

ଭେଣ୍ଟିଲେଟରରେ ଥିବା ରୋଗୀଙ୍କୁ ଉଦ୍ଧାର କରାଯାଇ କଟକ ଏସ୍‌ସିବି ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି । ସେମାନଙ୍କୁ ସେଠାରେ ଚିକିତ୍ସା ଚାଲିଛି । ସେହିପରି ୧୫ ନବଜାତ ଶିଶୁଙ୍କୁ ଉଦ୍ଧାର କରାଯାଇ ଶିଶୁ ଭବନରେ ଭର୍ତ୍ତି କରାଯାଇଛି । ଧୂଆଁ ଭିତରେ ଗୁରୁତର ରୋଗୀଙ୍କୁ ଉଦ୍ଧାର କରିବା ଅଗ୍ନିଶମ ବିଭାଗ ପାଇଁ କାଠିକର ପାଠ ଥିଲା । ସବୁଠାରୁ ଦୁଃଖର ବିଷୟ ନର୍ସିଂହୋମ୍‌ରୁ ଉଦ୍ଧାର ହୋଇଥିବା ରୋଗୀଙ୍କୁ ମେଡ଼ିକାଲ୍ ନେବା ପାଇଁ ପର୍ଯ୍ୟାପ୍ତ ପରିମାଣର ଆମ୍ବୁଲାନ୍ସ ଆସି ପାରିନଥିଲା । ଯେଉଁଥିପାଇଁ ରୋଗୀମାନେ ରାସ୍ତାରେ କଲବଲ ହୋଇଥିଲେ । ମୁହଁରେ ଲାଗିଥିଲା ଅକ୍ସିଜେନ୍ ପାଇପ୍ ଓ ହାତରେ ସାଲାଇନ୍ ଛୁଞ୍ଚି । ସେଇଥିରେ ରାସ୍ତାରେ ଗଡୁଥିଲେ ରୋଗୀ । ଦୀର୍ଘ ସମୟର ଅପେକ୍ଷା ପରେ ଗୋଟିଏ ପରେ ଗୋଟିଏ ଆମ୍ବୁଲାନ୍ସ ଆସିଥିଲା । ଆଉ ତା’ପରେ ଉଦ୍ଧାର ହୋଇଥିବା ରୋଗୀଙ୍କୁ ଏସ୍‌ସିବି ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା । ଦୀର୍ଘ ସମୟର ଅପରେସନ୍ ପରେ ସମସ୍ତ ରୋଗୀଙ୍କୁ ଉଦ୍ଧାର କରାଯାଇଥିଲା । ଏଥିସହ ନିଆଁ ଆୟତ୍ତ କରାଯାଇଥିଲା । ଏନେଇ ଅଗ୍ନିଶମ ଡିଜି ସୁଧାଂଶ ଷଡଙ୍ଗୀ କହିଛନ୍ତି, ନିଆଁ ଆୟତ୍ତ ପାଇଁ ୩ ୟୁନିଟ ଫାୟାର ଟିମ୍ ନିୟୋଜିତ ହୋଇଥିଲେ । ନିଆଁ ଲିଭା ସାରିଛି । ଧୂଆଁ ନିଷ୍କାସନ କାମ ଶେଷ ହୋଇଛି । ଭେଣ୍ଟିଲେସନ ମେସିନ ଲଗାଯାଇ ଧୂଆଁ କଢ଼ାଯାଇଛି । ଆଇସିୟୁର ସମସ୍ତ ରୋଗୀଙ୍କୁ ଉଦ୍ଧାର କାମ ସରିଛି । ସମ୍ପୃକ୍ତ ହସ୍ପିଟାଲ୍‌ରେ ଫାୟାର ସେଫ୍ଟି ବ୍ୟବସ୍ଥା ଥିଲା । ବର୍ଷେ ତଳେ ଫାୟାର ସେଫ୍ଟି ରିନ୍ୟୁ କରାଯାଇଥିଲା ବୋଲି ଡିଜି କହିଛନ୍ତି । ନର୍ସିଂହୋମ୍‌ରେ ଅଗ୍ନିକାଣ୍ଡକୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ସୂଚନା ପାଇବା ମାତ୍ରେ ଉଦ୍ଧାର କାର୍ଯ୍ୟ ହୋଇଥିଲା । ସ୍ୱାସ୍ଥ୍ୟ ସଚିବ, ଅଗ୍ନିଶମ ଡିଜି, ଜିଲ୍ଲାପାଳଙ୍କ ସହ କଥା ହୋଇଛି । ଭେଣ୍ଟିଲେଟରରେ ଥିବା ଶିଶୁମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ବଡ଼ ମେଡିକାଲ, ଶିଶୁ ଭବନରେ ରୋଗୀଙ୍କୁ ଭର୍ତ୍ତି କରାଯାଇଛି ବୋଲି ସେ କହିଛନ୍ତି । ତ୍ରୀଶା ନର୍ସିଂହୋମ୍‌ରେ ନିଆଁ ଲାଗିବା ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ରୋଗୀଙ୍କୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସଚିବ ଓ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

### ୨୦୦ ମିଟରରେ ...

ସାଲେୟା ଖାତୁନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା । ସାଲେୟା ଗର୍ଭବତୀ ଥିଲେ । ମେଡ଼ିକାଲ୍ ଚେକ୍‌ଅପ୍ ପରେ ଘରକୁ ଫେରୁଥିବା ବେଳେ ରାସ୍ତାରେ ଶୋଷ ଲାଗିଥିଲା । ତେଣୁ ସେ ରାସ୍ତା ପାର୍ଶ୍ୱରେ କାର ଛିଡ଼ା କରି ପାଣି ପିଉଥିଲେ । ସେହି ସମୟରେ ସେ ଦୁର୍ଘଟଣାରେ ଶିକାର ହୋଇଥିଲେ । ସାଲେୟାଙ୍କୁ ସଙ୍ଗେ ସଙ୍ଗେ ରାଇରଙ୍ଗପୁର ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାକୁ ନେଇ ଖେରଣା ଛକରେ ଉତ୍ତେଜନା ପ୍ରକାଶ ପାଇଛି । ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକ କରିଛନ୍ତି । ଦୁର୍ଘଟଣା ଘଟାଇଥିବା କାର ମାଲିକ ନଆସିଲା ପର୍ଯ୍ୟନ୍ତ ରାସ୍ତାରୋକ ଚାଲିବ ବୋଲି ଉତ୍ତ୍ୟକ୍ତ ଲୋକେ ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି ।

### ଆଜିଠୁ ପ୍ରବଳ...

ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସୂଚନାଯୋଗ୍ୟ, ରାଜ୍ୟରେ ସକ୍ରିୟ ରହିଛି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ । ଏହା ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ହେଲେ ଆଜିଠୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର ।

### ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ...

ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ ଏବଂ ଶ୍ରଦ୍ଧାଳୁ ତଥା ଭକ୍ତମାନଙ୍କର କୌଣସି ଅସୁବିଧା ବା ନହେବ ତାହା ସୁନିଶ୍ଚିତ କରିବାକୁ ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପରାମର୍ଶ ଦେଇଛନ୍ତି ।

### ବିଜେପିକୁ ଜୋରଦାର...

ଏବେ ବଦ୍ରିନାଥ ବିଧାନସଭା ଆସନରେ ବି ବିଜେପି ହାରିଛି । ବେଙ୍ଗଲର ୪ଟି ବିଧାନସଭା ଆସନରେ ଉପ ନିର୍ବାଚନ ହୋଇଥିବା ବେଳେ କ୍ଷମତାସୀନ ଟିଏମସି କ୍ଲିନସୁଇପ କରିଛି । ହିମାଚଳର ୩ଟି ଆସନ ମଧ୍ୟରୁ କଂଗ୍ରେସ ୨ଟି ଓ ବିଜେପି କେବଳ ଗୋଟିଏ ଆସନ ବହୁ ସଂଘର୍ଷ ପରେ ପାଇଛି । ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁଙ୍କ ପତ୍ନୀ କମଲେଶ ଠାକୁର ପ୍ରଥମଥର ପାଇଁ ଦେହରା ଆସନରୁ ନିର୍ବାଚନ ଲଢ଼ି ଜିତିଛନ୍ତି । ଉତ୍ତରାଖଣ୍ଡର ବଦ୍ରିନାଥ ଓ ମାଙ୍ଗଲୌର ଆସନ କଂଗ୍ରେସ ପାଖକୁ ଯାଇଛି । ପଞ୍ଜାବର ଜଲନ୍ଧରରେ ଆପ୍ ଜିତିଛି । ତାମିଲନାଡୁର ବିକ୍ରବନ୍ଦି ଆସନ ଡିଏମକେ ଖାତାକୁ ଯାଇଛି । ପଞ୍ଜାବର ପଶ୍ଚିମ ଜଲନ୍ଧର ଆସରେ ଆପର ମୋହିନ୍ଦର ଭଗତ କଂଗ୍ରେସର ସୁରିନ୍ଦର କୌରଙ୍କୁ ୩୭,୩୨୫ ଖଣ୍ଡ ଭୋଟରେ ହରାଇଛନ୍ତି । ଏଠାରେ ପୂର୍ବରୁ ଜିତିଥିବା ଆପ୍ ନେତା ଶୀତଲ ଅଙ୍ଗୁରାଲ ବିଜେପିକୁ ଚାଲିଯିବାରୁ ଉପ ନିର୍ବାଚନ ହୋଇଥିଲା । ବର୍ତ୍ତମାନ କଂଗ୍ରେସ ହିମାଚଳ ପ୍ରଦେଶରେ କ୍ଷମତାରେ ରହିଛି । ଏଠାକାର ୩ଟି ଆସନରେ ଅନୁଷ୍ଠିତ ଉପ ନିର୍ବାଚନରେ କଂଗ୍ରେସ ୨ଟି ଓ ବିଜେପି ଗୋଟିଏରେ ଜିତିଛି । କମଲେ ଠାକୁର ଦେହରା ଆସନରେ ବିଜେପିର ହୋଶିୟାର ସିଂହଙ୍କୁ ୯,୩୯୯ ଖଣ୍ଡ ଭୋଟରେ ହରାଇଛନ୍ତି । ହରଦୀପ ସିଂହ ବାୱା ବିଜେପିର କେଏଲ ଠାକୁରଙ୍କୁ ନଲାଗଡ଼ ଆସନରେ ୮,୯୯୦ ଖଣ୍ଡ ଭୋଟରେ ମାତ ଦେଇଛନ୍ତି । କିନ୍ତୁ ହମିରପୁର ଆସନରେ ବିଜେପିର ଆଶୀଷ ଶର୍ମା ମାତ୍ର ୧୫୭୧ ଖଣ୍ଡ ଭୋଟରେ କଂଗ୍ରେସର ପୁଷ୍ପିନ୍ଦର ବର୍ମାଙ୍କ ଠାରୁ ଜିତିଛନ୍ତି । ଏହି ୩ ଆସନରେ ପ୍ରାର୍ଥୀ ହୋଇଥିବା ନେତାମାନେ ୨୦୨୨ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନରେ ସ୍ୱାଧୀନ ଭାବେ ଜିତିଥିଲେ । କିନ୍ତୁ ରାଜ୍ୟସଭା ନିର୍ବାଚନରେ ଏମାନେ ବିଜେପି ପ୍ରାର୍ଥୀଙ୍କୁ ସମର୍ଥନ କରିବା ପରେ ପଦ୍ମ ଧରିଥିଲେ । ବିଧାୟକ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ । ଏବେ ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଉପ ନିର୍ବାଚନରେ ହାରିବାକୁ ପଡ଼ିଛି । ପଶ୍ଚିମବଙ୍ଗର ସମସ୍ତ ୪ଟି ଯାକ ଆସନ ଦିଦିଙ୍କ ଟିଏମସି ପାଖକୁ ଯାଇଛି । ମଧୁପର୍ଣ୍ଣା ଠାକୁର, ମକୁଟ ମଣି ଅଧିକାରୀ, କ୍ରିଷ୍ଣା କଲ୍ୟାଣୀ ଓ ସୁପ୍ତି ପାଣ୍ଡେ ଯଥାକ୍ରମେ ବଗଡା, ରଣଘାଟ, ରାଏଗଞ୍ଜ ଓ ମଣିକତାଲା ଆସନରୁ ଏକତରଫା ବିଜୟ ହାସଲ କରିଛନ୍ତି । ୨୫ ବର୍ଷୀୟ ମଧୁପର୍ଣ୍ଣା ହେଉଛନ୍ତି ଟିଏମସିର ରାଜ୍ୟସଭା ସାଂସଦ ମମତାବାଳା ଠାକୁରଙ୍କ ଝିଅ । ସେ ବେଙ୍ଗଲ ବିଧାନସଭାର ସର୍ବକନିଷ୍ଠ ବିଧାୟିକା ହେବାର ରେକର୍ଡ କରିଛନ୍ତି । ଉତ୍ତରାଖଣ୍ଡର ମାଙ୍ଗଲୌର ଆସନରେ କଂଗ୍ରେସର କାଜି ନିଜାମୁଦ୍ଦିନ ବିଜେପିର କର୍ତାର ସିଂ ଭଡାନାଙ୍କୁ ୪୨୨ ଖଣ୍ଡ ଭୋଟରେ ହରାଇଛନ୍ତି । ଏଠାରେ ଭୋଟ ଦିନ ପ୍ରବଳ ହିଂସା ଦେଖିବାକୁ ମିଳିଥିଲା । ବଦ୍ରିନାଥରେ କଂଗ୍ରେସକୁ ନୂଆ କରି ଆସିଥିବା ଲକ୍ଷପତ ସିଂହ ଭୁଟୋଲା ୫,୨୨୪ ଖଣ୍ଡ ଭୋଟରେ ବିଜେପିର ରାଜେନ୍ଦ୍ର ଭଣ୍ଡାରୀଙ୍କୁ ପରାସ୍ତ କରିଛନ୍ତି । ତାମିଲନାଡୁର ବିକ୍ରବନ୍ଦି ଆସନରେ ଡିଏମକେର ଅନ୍ନିୟୁର ଶିବା ୧,୨୪,୦୫୩ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି । ବିହାରର ରୂପାଉଲି ଆସନରେ ଜେଡିୟୁର କଳାଧର ପ୍ରସାଦ ମଣ୍ଡଳଙ୍କୁ ସ୍ୱାଧୀନ ପ୍ରାର୍ଥୀ ଶଙ୍କ ସିଂହଙ୍କ ଠାରୁ ୮,୨୪୬ ଖଣ୍ଡ ଭୋଟରେ ହାରିବାକୁ ପଡ଼ିଛି । ଏଠାକାର ଜେଡିୟୁ ବିଧାୟକ ବୀମା ଭାରତୀୟ ଆରଜେଡି ସହ ମିଶି ଲୋକସଭା ନିର୍ବାଚନ ଲଢ଼ିବାରୁ ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ମଧ୍ୟପ୍ରଦେଶର ଅମରୱାଡାରେ ବିଜେପିର କମଲେଶ ପ୍ରତାପ ଶାହ କଂଗ୍ରେଦସ ଧୀରନ ଶାହ ଇନବାତିଙ୍କୁ ୩,୦୨୭ ଖଣ୍ଡ ଭୋଟରେ ହରାଇଛନ୍ତି । କମଲେଶ ଏଠାରୁ କଂଗ୍ରେସ ଟିକେଟରେ ୩ଥର ବିଧାୟକ ହୋଇଥିଲେ । କିନ୍ତୁ ମାର୍ଚ୍ଚ ମାସରେ ସେ ବିଜେପିକୁ ଚାଲି ଯାଇଥିଲେ । ଫଳରେ ଏଠାରେ ଉପ ନିର୍ବାଚନ ହୋଇଥିଲା । କମଲେଶ ପୁଣି ବିଜେପି ଟିକେଟରୁ ଏଠାରେ ଲଢ଼ି ବିଜୟୀ ହୋଇଛନ୍ତି ।

## AFFIDAVIT

An affidavit before the executive Magistrate & Tahasildar Ouapada Balasore, I, Smt. Manjulata Barik aged about 40 years W/o- Debendra Barik poi, of Vill- Kamarpal, P.O.- Dagarpada, P.S.- Oupada, Dist- Balasore do hereby declare that my actually correct name is Smt. Manjulata Barik, W/o- Debendra Barik, which has been mentioned in my Aadhar card bearing No- 536426273286 and My bank passbook A/C no- 1008311020356 (UCO Bank Oupada) but unfortunately my name has been mentioned as Ranjulata Barik W/o- Debendra Barik in my LIC police bearing no- 598670437. That, Smt. Manjulata Barik & Ranjulata Barik W/o- Debendra Barik is one and same person. Henceforth I will be known as Manjulata Barik in all purpose.

**Manjulata Barik**

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପ୍ରେସ କ୍ଲବ ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା ସଭା

ବଡ଼ସାହି, ୧୩/୭ (ନି.ପ୍ର): ଗୋପବନ୍ଧୁ ନଗର ପ୍ରେସ କ୍ଲବ ତଥା ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ୭୫ ତମ ବନ ମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ସ୍ଥାନୀୟ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ଉଦଳା ବନଖଣ୍ଡ ରେଞ୍ଜ ଅଧିକାରୀ ଜଗଦୀଶ କୁମାର ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କମଳ ଲୋଚନ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପରିବେଶ ବିତ୍ ଗୋକୁଳ ଚନ୍ଦ୍ର ଦାସ, ବରିଷ୍ଠ ସାମ୍ବାଦିକ ହିରେନ ରାୟ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନରେନ୍ଦ୍ର ପାତ୍ର, ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମହଲା ପ୍ରମୁଖ ଯୋଗ ଦେଇ ବୃକ୍ଷ ହିଁ ମଣିଷର ପ୍ରକୃତ ବନ୍ଧୁ ବୋଲି ସଚେତନତା ବୈଠକ ରେ ମତବ୍ୟକ୍ତ କରିଥିଲେ। ପ୍ରେସ କ୍ଲବର ଉପ ସଭାପତି ଚିତ୍ତରଞ୍ଜନ ଦଳେଇ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅତିଥି ମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରେସ କ୍ଲବର ସଦସ୍ୟ ଶାନ୍ତନୁ କୁମାର ମଢୁଆଳ, ଦୀପକ କୁମାର ଚୌଧୁରୀ, ରଞ୍ଜନ କୁମାର ମଢୁଆଳ, ସମ୍ବିତ ରାଉତ, ଜୟନ୍ତ କୁମାର ସ, ବିଶ୍ୱଜିତ ଦାଶ, ଯୋଗେଶ୍ୱର ସାହୁ, ଡକ୍ଟର କୁମାର ବାବୁଲି, ସୂର୍ଯ୍ୟକାନ୍ତି ପୁହାଣ, ମାଣିକ ହେମ୍ବ୍ରମ, ଫରେଷ୍ଟ ଗାର୍ଡ କବିତା ଗିରି, ଶିକ୍ଷକ ସୁକାନ୍ତ କୁମାର ବିନ୍ଧାଣୀ, ଅଜୟ କୁମାର ଦାସ, ରାଜେଶ ମହାନ୍ତି, ହାଡିବନ୍ଧୁ ସାହୁ, ସମୀର କୁମାର ମହାପାତ୍ର, ସନ୍ତୋଷ କୁମାର ସିଂ, ତପନ କୁମାର ବାରିକ, ଦିନେଶ ସିଂ ପ୍ରମୁଖ ବୃକ୍ଷରୋପଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ନଗଦ ଏକ ଲକ୍ଷ ତେଇଶ ହଜାର ପାଞ୍ଚ ଶହ ଟଙ୍କା ସହିତ ଚାରି ଡକାୟତ ଓ ଜଣେ ମହିଳାଙ୍କୁ ବାନ୍ଧିଲା ପୋଲିସ



ବସ୍ତା, ୧୩/୭ (ନି.ପ୍ର): ଏକ ଡକାୟତି ମାମଲାରେ ବସ୍ତା ପୋଲିସ ଆଜି ଜଣେ ମହିଳାଙ୍କ ସମେତ ଚାରି ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି ଏସ ଡି ପି ଓ ଅରୁଣ କୁମାର ସାହୁ ଏବଂ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା। ଏହି ଡକାୟତି ଗ୍ୟାଙ୍ଗଙ୍କ ନିକଟରୁ ନଗଦ ଏକ ଲକ୍ଷ ଚଉରାଳିସ ହଜାର ପାଞ୍ଚ ଶହ ଟଙ୍କା,ଚାରିଟି ମୋବାଇଲ ଫୋନ୍ ସହିତ ଗୋଟିଏ ସ୍କୁଟି ଦୁଇଟି ବାଇକ୍ କୁ ଜବତ କରାଯାଇଥିବା ସାମ୍ବାଦିକ ସମ୍ମିଳନୀ ରେ ଏସଡିପିଓ ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ଗତ ଦଶ ତାରିଖ ରାତି ଦଶଟା ସମୟରେ ସ୍ପନ୍ଦନା ନାମକ ଏକ ଘିରୋଇ ଫାଇନାନ୍ସ କମ୍ପନୀ ର ଏଯେଣ୍ଟ ନିଜର ଓଡ଼ି ୦୧ ଏପି ୮୬୦୭ ସ୍କୁଟିରେ ଶ୍ରୀରାମପୁର ଅଞ୍ଚଳରୁ ଆଦାୟ ଋଣ ଟଙ୍କା ଏକଲକ୍ଷ ଶତସ୍ତରି ହଜାର ଆଠ ଶହ ନେଇ ଅଫିସ କୁ ଫେରୁଥିବା ବେଳେ ମଛଡ଼ିହା ନିକଟରେ ଦୁଇଟି ବାଇକ୍ ରେ ତିନିଜଣ ଅଜଣା ଯୁବକ ଆସି ଡକାୟତି କରିବା ନେଇ ଗତ ୧୨ ତାରିଖ ରେ ସ୍ପନ୍ଦନା ପକ୍ଷରୁ ଶାଖା ପରିଚାଳକ ଶ୍ରୀବତ୍ସ ବେହେରା ବସ୍ତା ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବସ୍ତା ଥାନା ରେ ୧୩୬/୨୪ ରେ ମାମଲା ରୁଜୁ କରି ଥାନା ଅଧିକାରୀ ଗୋବିନ୍ଦ ବେହେରା ତଦନ୍ତକାରୀ ଅଧିକାରୀ ଏସ ଆଇ ବିଜୟ ବାରିକ୍ ଏହି ଘଟଣାର ସଂପୃକ୍ତ ଛତରା ଅଞ୍ଚଳର ତିନି ବଳବୁଧି ଅଞ୍ଚଳର ଜଣେ ଏବଂ ସିମୁଳିଆ ଥାନା ନୂଆ ଅଞ୍ଚଳର ମହିଳାଙ୍କ ସମେତ ପାଞ୍ଚ ଜଣଙ୍କୁ ଗିରଫ କରିଥିବା ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି।

# ଡାକ୍ତର ନବକିଶୋର ପ୍ରଧାନଙ୍କ ଦୁଇଟି ପୁସ୍ତକ ଉନ୍ମୋଚିତ



ବାଲେଶ୍ୱର: ୧୩/୭: ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଅକ୍ଷାଂଶ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଡାକ୍ତର ନବକିଶୋର ପ୍ରଧାନଙ୍କ କବିତା ସଂକଳନ 'ଛୋଟ ଛୋଟ ଖୁସି' ଓ ଗଳ୍ପ ସଂକଳନ 'ଅବଶିଷ୍ଟ ଆୟୁଷ' ଶାନ୍ତିକାନନ ଠାରେ ଲୋକାର୍ପଣ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଉନ୍ମୋଚକ ଭାବରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଏବଂ ସାହିତ୍ୟିକ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ବରେଣ୍ୟ ଆଲୋଚକ ଭାବରେ 'ଅକ୍ଷାଂଶ' ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ ଡ. ହରିଶ୍ଚନ୍ଦ୍ର ବେହେରା ଏବଂ 'ପ୍ରତିଭାଶ୍ରୀ' ମୁଖ୍ୟ କବି ପ୍ରଶାନ୍ତ ଦାସ ଯୋଗ ଦେଇ ଡା. ପ୍ରଧାନଙ୍କ ପୁସ୍ତକ ଦ୍ୱୟର ଆଲୋଚନା କରିବା ସଙ୍ଗେ ସଙ୍ଗେ ତାଙ୍କର ସର୍ଜନ ପ୍ରତିଭାର ବିଭିନ୍ନ ଦିଗଦିଗନ୍ତ ସମ୍ପର୍କରେ ନିଜର ମତ ରଖିଥିଲେ। ପରିଷଦର ସମ୍ପାଦକ କବି ଦୀପକ ବୋଷ ପ୍ରାକ୍‌ଭାଷ ରଖିଥିଲେ ଓ ଡ. ସାରଙ୍ଗଧର ତ୍ରିପାଠୀ ପ୍ରକାଶକୀୟ ମନ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ରାଜେଶ କୁମାର ଗିରି ଅତିଥିମାନଙ୍କୁ ମଞ୍ଚାହ୍ୱାନ କରିଥିବା ବେଳେ ଅନ୍ୟତମ ସଦସ୍ୟା ଗାଳ୍ପିକ ସ୍ମୃତି ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଡାକ୍ତର ନବକିଶୋର ପ୍ରଧାନଙ୍କ ରଚିତ ଏକ କବିତାକୁ ସହ-ସମ୍ପାଦିକା କଲ୍ୟାଣୀ ନନ୍ଦ ଗାନ କରିଥିଲେ। ଡାକ୍ତର ଶ୍ରାବଣୀ, ସୌମ୍ୟା ସୁଚରିତା, ଓମ୍ ଓ ସୋମ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ଏହି ଉତ୍ସବରେ ବହୁ ସାହିତ୍ୟିକ ତଥା ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ଦଳବିରୋଧୀ କାର୍ଯ୍ୟ କାରଣରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୩/୭ (ନି.ପ୍ର): ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ଦଳବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ବାଲେଶ୍ୱର ଜିଲ୍ଲା ସୋର ବିଧାନସଭା ନିର୍ବାଚନ ମଣ୍ଡଳୀର ମାଟିଆମଙ୍ଗଳା ମଣ୍ଡଳ ସଭାପତି ସନାତନ ଦାସ, ଦାଣ୍ଡକାଳୀ ମଣ୍ଡଳ କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର ମହାଳିକ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରାଜାରାମ ମହାପାତ୍ର, ସୋର ଗଣମାଧ୍ୟମ ସଂଯୋଜକ ପ୍ରକାଶ ମାଝୀ, ବାସୁଳି ମଣ୍ଡଳ ପୂର୍ବତନ ସାଧାରଣ ସମ୍ପାଦକ ଶରତ ନାୟକ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମୁକ୍ତିକାନ୍ତ ମହାପାତ୍ର, କେଶରୀପୁର ଗ୍ରାମ ପଂଚାୟତ ସରପଂଚ ନରେନ୍ଦ୍ର ବିଶ୍ୱାଳ, କେଶରୀପୁର ଗ୍ରାମ ପଂଚାୟତ ସମିତି ସଭ୍ୟ ମୁକେଶ ମଲ୍ଲିକଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଗଲା ବୋଲି ରାଜ୍ୟ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

# ପଶ୍ଚିମ ମେଦିନପୁର ଜିଲ୍ଲାରେ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ : ୬ ମୃତ

କୋଲକାତା, ୧୩/୭ (ନି.ପ୍ର): ପଶ୍ଚିମବଙ୍ଗର ପଶ୍ଚିମ ମେଦିନପୁର ଜିଲ୍ଲାରେ ଏକ ଆମ୍ବୁଲାନ୍ସ ଏବଂ ଟ୍ରକ୍ ମଧ୍ୟରେ ଧକ୍କା ହେବା ଫଳରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ତନ୍ମଧ୍ୟରୁ ୪ ଜଣ ଗୋଟିଏ ପରିବାରର ବୋଲି ଜଣାପଡିଛି । ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ମୁତାବକ, ୫ ନଂ ରାଜ୍ୟ ରାଜପଥର କେଶପୁର ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଛନ୍ତି । ସେମାନେ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସାଧିନ ଅଛନ୍ତି । ଜଣେ ଆହତଙ୍କ ପରିଚୟ ମିଳିଛି ତାଙ୍କ ନାମ ଅପର୍ଣ୍ଣା ବାଗ୍ । ମୃତକ ମାନଙ୍କ ମଧ୍ୟରେ ରହିଛନ୍ତି ଅପର୍ଣ୍ଣାଙ୍କ ମାଆ ଅନିମା ମଲ୍ଲିକ, ତାଙ୍କ ସ୍ୱାମୀ ଶ୍ୟାମାପଦା ବାଗ, ଏବଂ ତାଙ୍କର ଦାଦା ଶ୍ୟାମଳ ଏବଂ ଖୁଡ଼ୀ ଚନ୍ଦନା ଭୂନିୟା । କିଛି ମାସ ତଳେ ଅପର୍ଣ୍ଣା ଓ ଶ୍ୟାମାପଦାଙ୍କ ବିବାହ ଅନୁଷ୍ଠିତ ହୋଇଥିଲା । ତେବେ ଅପର୍ଣ୍ଣା ଓ ଆମ୍ବୁଲାନ୍ସ ଚାଳକ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ରହିଛି । ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

# ବାଲେଶ୍ୱର ସଂସଦୀୟ କ୍ଷେତ୍ରର ମତଦାତାମାନଙ୍କ ଅଭିନନ୍ଦନ ସମାବେଶ

## କାର୍ଯ୍ୟକର୍ତ୍ତା ଓ ମତଦାତାଙ୍କୁ ମୋର ପ୍ରଣାମ: ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ




ବାଲେଶ୍ୱର, ୧୩/୭ (ନି.ପ୍ର): ଭାରତ ସହିତ ଓଡ଼ିଶାରେ ଭାରତୀୟ ଜନତା ପାର୍ଟି ସରକାର ଗଠନ କରିଥିବାରୁ ଆଜି ବାଲେଶ୍ୱର ଜିଲ୍ଲା କାର୍ଯ୍ୟାଳୟରେ ସାଂସଦୀୟ କ୍ଷେତ୍ରରେ ସାତ ବିଧାନସଭାରେ ଥିବା ମୁଖ୍ୟ କାର୍ଯ୍ୟକର୍ତ୍ତା ମାନଙ୍କୁ ଭାରତୀୟ ଜନତା ପାର୍ଟିକୁ ବହୁ ମାତ୍ରାରେ ମତଦାନ ମିଳିଥିବାରୁ ମତଦାତାଙ୍କୁ ସାଂସଦ, ବିଧାୟକ ଓ ବିଧାୟକ ପ୍ରାର୍ଥୀମାନେ ଅଭିନନ୍ଦନ କରିଥିଲେ । ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଧନା ସଭାକାର୍ଯ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା ମଞ୍ଚ ପରିଚାଳନା କରିଥିଲେ। ମଞ୍ଚ ଆହ୍ୱାନ ଓ ପ୍ରଦୀପ ପ୍ରଜ୍ୱଳନ ପରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ସ୍ୱାଗତ ଭାଷଣ ରଖି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କହିଥିଲେ। ରାଜ୍ୟରେ ବିଜେଡ଼ିର କୁଶାସନ ବିରୁଦ୍ଧରେ ଜନମତ ପ୍ରତିଫଳନ ହୋଇଥିବାରୁ ସେ ସମସ୍ତ ମତଦାତାଙ୍କୁ ଧନ୍ୟବାଦ ଜଣାଇଥିଲେ। ସଭାପତିଙ୍କ ସ୍ୱାଗତ ଭାଷଣ ଉପରାନ୍ତେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନିଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ କୁମାର ଦତ୍ତ, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ଜଳେଶ୍ୱର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଶୋଭନା ମହାନ୍ତି, ଶୁଭଙ୍କର ମହାପାତ୍ର ଓ ପର୍ଶୁରାମ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା, ଭୋଗରାଇର ପୂର୍ବତନ ବିଧାୟକ ପ୍ରାର୍ଥୀ ଅଂଶୁମାନ ମହାନ୍ତି ପ୍ରମୁଖ ଉପସ୍ଥିତ ସମସ୍ତ ମତଦାତାଙ୍କ ଉପରେ ପୁଷ୍ପ ବୃଷ୍ଟି କରି ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ସାଂସଦ, ବିଧାୟକ ଓ ବିଧାୟକ ପ୍ରାର୍ଥୀମାନେ ସମବେତ ଜନତାଙ୍କୁ ସମ୍ବୋଧିତ କରି ନିର୍ବାଚନରେ ଅଂଶଗ୍ରହଣ କରିଥିବା ମତଦାତା ଓ ସମସ୍ତ କାର୍ଯ୍ୟକର୍ତ୍ତାଙ୍କର ଭୂୟସୀ ପ୍ରଶଂସା କରିଥିଲେ। ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ସମ୍ମାନ ଜଣାଇ ସେମାନେ ଅଞ୍ଚଳର ଉନ୍ନତି କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ଭୟ ଓ ଦୁର୍ନୀତିମୁକ୍ତ ବାତାବରଣ ମଧ୍ୟରେ ନାଗରିକଙ୍କୁ ମୌଳିକ ସୁବିଧା ସୁଯୋଗର ବନ୍ଦୋବସ୍ତ କରିବାପାଇଁ ପ୍ରତିଶୃତି ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଚାର ପରିବାର, ଆଧ୍ୟାତ୍ମିକ ସଂଗଠନ, ଲାଭାର୍ଥୀ, ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ, କ୍ଲବ୍, ସାମାଜିକ ସଂଗଠନର ପ୍ରତିନିଧି ମାନେ ଯୋଗଦାନ କରିଥିଲେ। ସମ୍ବର୍ଦ୍ଧନା ପର୍ବ ପରେ ଏକ ମିଶ୍ରଣ ପର୍ବରେ ପୂର୍ବତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେଣୁଧର ସାହୁ, ଯୁବ ବ୍ୟବସାୟୀ ସନ୍ଦିପ ପାଣ୍ଡେ, ପ୍ଲାବନ ନାୟକ, ବିକାଶ ଖଣ୍ଡେଲୱାଲ ଓ ପ୍ରିୟବ୍ରତ ସାହୁ ବିଜେପିରେ ଯୋଗଦାନ କରିଥିଲେ, ନବାଗତ ମାନଙ୍କୁ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଓ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଦଳିୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ସର୍ବଶେଷରେ ମିଡ଼ିଆ ସେଲର ମୁଖ୍ୟ ଶ୍ରୀନିବାସ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଟ୍ରକକୁ ପଛରୁ ପିଟିଲା ଯାତ୍ରୀବାହୀ ବସ୍ : ୩ ମୃତ, ୨୦ ଗୁରୁତର



ବେତନଟୀ , ୧୩/୭ (ନି.ପ୍ର): ବେତନଟୀ ୧୮ ନଂ ଜାତୀୟ ରାଜପଥର ବୁଢୀଖମାରୀ ଛକ ନିକଟରେ ଶନିବାର ଭୋର ୫ଟା ସମୟରେ ଟ୍ରକ ପଛରେ ପିଟିଲା ଯାତ୍ରୀବାହୀ ବସ୍। ଦୁର୍ଘଟଣାରେ ତିନି ଜଣ ଗୁରୁତର ଆହତଙ୍କ ମୃତ୍ୟୁ ହୋଇ ଯାଇଥିବା ବେଳେ ୨୦ ଜଣ ଯାତ୍ରୀ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ତୀର୍ଥଯାତ୍ରୀଙ୍କୁ ନେଇ ହାଇଦ୍ରାବାଦରୁ ବାହାରି ଥିବା ଏକ ଘରୋଇ ବସ ନଂ ଏପି ୨୯ ଭି ୯୨୭୭ କାଲି ପୁରୀ ଓ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ସହିତ ଅନ୍ୟାନ୍ୟ ତୀର୍ଥ ସ୍ଥାନ ପରିଦର୍ଶନ କରି ଗୟା ଅଭିମୁଖେ ଯାଉଥିବାବେଳେ ବୁଢ଼ୀଖମାରୀ ଛକ ନିକଟରେ ରାସ୍ତା ପାର୍ଶ୍ୱରେ ବେଆଇନ ଭାବେ ଛିଡା ହୋଇଥିବା ଏକ ଟ୍ରକକୁ ଆଜି ଭୋର ସମୟରେ ପଛ ପଟୁ ଧକ୍କା ଦେଇଥିଲା। ବସର ସମ୍ମୁଖ ଭାଗ ସମ୍ପୂର୍ଣ ଭାଙ୍ଗିରୁଜି ଯାଇଥିବାବେଳେ ଟ୍ରକଟି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ଫଳରେ ବସର ସମ୍ମୁଖ ଭାଗରେ ଥିବା ଏକାଧିକ ଯାତ୍ରୀ ଗୁରୁତର ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକ ଆମ୍ବୁଲାନ୍ସ ସାହାଯ୍ୟରେ ସେମାନଙ୍କୁ ନେଇ ବାରିପଦା ଡାକ୍ତରଖାନା ପହଞ୍ଚାଇଥିଲେ। ସେଥି ମଧ୍ୟରୁ ଡ୍ରାଇଭର ସମେତ ୨ ପୁରୁଷ ଓ ଜଣେ ମହିଳା ଗୁରୁତର ଆହତଙ୍କର ମୃତ୍ୟୁ ହୋଇଯାଇଥିବାର ସୂଚନା ମିଳିଛି। ଏପଟେ ଖବର ପାଇ ବେତନଟୀ ପୋଲିସ ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ ମୃତକ ଡ୍ରାଇଭର ଟି. ଉଦୟ ୪୫ ବର୍ଷ , ଚାରମିନାର ଓଲ୍ଡ ସିଟି, ହାଇଦ୍ରାବାଦ ଓ ମୃତକ ମହିଳା ହେଲେ ବି. କ୍ରାନ୍ତି, ୬୪ ବର୍ଷ , ରଙ୍ଗାରେଡ୍ଡୀ ଜିଲ୍ଲା , ତେଲେଙ୍ଗାନାର। ଅନ୍ୟ ଜଣେ ମହିଳା ମୃତକଙ୍କ ପରିଚୟ ଏ ପର୍ଯ୍ୟନ୍ତ ମିଳିପାରିନଥିବା ବେତନଟୀ ପୋଲିସ ଏସ୍ ଡି ପି ଓ ସୁଦର୍ଶନ ଦାଶଙ୍କ ସୂତ୍ରରୁ ପ୍ରକାଶ।

# ଆଧାର ନାହିଁ ବୋଲି ନେଲେ ନାହିଁ ଆଡ଼ମିସନ: ବିଦ୍ୟାଳୟର ମାଟି ମାଡ଼ି ପାରିଲେ ନାହିଁ 'ରାମ', ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ 'ଦିପା'





ଉଦଳା , ୧୩/୭ (ନି.ପ୍ର): ଆଧାର କାର୍ଡ଼ ନଥିବା ଯୋଗୁଁ ସମଗ୍ର ଓଡ଼ିଶାରେ ବହୁ ସଂଖ୍ୟାରେ ପିଲା ପାଠ ପଢ଼ା ଛାଡ଼ିବାକୁ ବାଧ ହେଉଥିବାର ଖବର ପ୍ରତିଦିନ ଆମର ହସ୍ତଗତ ହେବାରେ ଲାଗିଛି । ଏହିଭଳି କେବଳ ମୟୂରଭଂଜରେ ଶତାଧିକ ପିଲାଙ୍କ ଖବର ସମ୍ବାଦ ପରିବେଷଣ ମାଧ୍ୟମରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଯାଇପାରିଛି । ସେହିପରି ଯେ ହେଉଛି ବଲାଙ୍ଗିର ଜିଲ୍ଲାର ବଲାଙ୍ଗିର ବ୍ଲକ ଅନ୍ତର୍ଗତ ବିଡ଼ିଘାଟ ପଂଚାୟତର ପ୍ରାଧିଆପାଲି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସୁଦର୍ଶନ ଭୋଇ ଓ ମାତା ସୁଜାମା ଭୋଇଙ୍କ କନ୍ୟା 'ଦିପା' ଆଜକୁ ୪ ବର୍ଷ ହେବ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଛି । ଖବର ନେବାରୁ ଜଣାଯାଇଛି 'ଦିପା' ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣି ପର୍ଯ୍ୟନ୍ତ ପଢ଼ିଛନ୍ତି । ପରେ ସେ ଅଷ୍ଟମ ଶ୍ରେଣିରେ ନାମ ଲେଖାଇବା ପାଇଁ ନିକଟସ୍ଥ ଚଣ୍ଡି ମୁଣ୍ଡସ୍ଥିତ ପୁରୁଷୋତମ ହାଇସ୍କୁଲକୁ ଯାଇଥିଲେ । ସେଠାରେ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ନହେଲେ ଆଡ଼ମିସନ କରାଯାଇପାରିବ ନାହିଁ ବୋଲି ରୋକ ଠୋକ ମନା କରି ବିଦା କରିଦେଲେ । ଫଳରେ 'ଦୀପା' ଅନ୍ୟ କୌଣସି ଉପାୟ ନପାଇ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହେଲେ । ଦୀପାକୁ ବର୍ତ୍ତମାନ ବୟସ ୧୬ ବର୍ଷ ଛୁଇଁଲା । ସେହିପରି ମୟୂରଭଂଜ ଜିଲ୍ଲାର ଉଦଳା ବ୍ଲକ ଅନ୍ତର୍ଗତ ଶ୍ରୀଦାମଚନ୍ଦ୍ରପୁର ପଂଚାୟତର ବାଲିଛତ୍ରା ଗ୍ରାମର ବାସିନ୍ଦା ମାଧ ସିଂଙ୍କର ପୁତ୍ର 'ରାମ' ଆଦୌ ବିଦ୍ୟାଳୟର ମାଟି ମାଡ଼ିପାରି ନାହାଁନ୍ତି । 'ରାମ'ଙ୍କର ବର୍ତ୍ତମାନ ବୟସ ୧୦ ବର୍ଷ ହୋଇଥିବା ବେଳେ ଆଜକୁ ୫ ବର୍ଷ ପୁର୍ବେ ତାଙ୍କର ମା' ଚାନ୍ଦ ସିଂଙ୍କର ଦେହାନ୍ତ ହୋଇ ଯାଇଛି । ଖବର ନେବାରୁ ଜଣାଯାଇଛି 'ରାମ' ପିଲାଦିନେ ଅଙ୍ଗନୱାଡ଼ି ଯାଇଥିଲେ । ପରେ ବୟସ ହୋଇଯିବାରୁ ବିଦ୍ୟାଳୟକୁ ନାମ ଲେଖାଇବାକୁ ଯାଇଥିଲେ । କିନ୍ତୁ ସରକାରୀ ବିଦ୍ୟାଳୟର କତୃପକ୍ଷ ଆଧାର କାର୍ଡ଼ ନଥିଲେ ନାମ ଲେଖାଯାଇପାରିବ ନାହିଁ ବୋଲି ରୋକ ଠୋକ ମନା କରି ବିଦା କରିଦେଲେ । ଫଳରେ 'ରାମ' ଆଜି ପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ଆଦୌ ମାଡ଼ି ନଥିବାର ଜଣାଯାଇଛି । ସେହିପରି ଆଧାର କାର୍ଡ଼ ନଥିବାରୁ ଉଭୟ 'ରାମ' ଓ 'ଦିପା' ସରକାର ଯୋଗାଇ ଦେଉଥିବା ମୁଣ୍ଡ ପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ସାଂଗଠନିକ ବୈଠକ



ବାଲେଶ୍ୱର, ୧୩/୭ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱର ବୈଠକ ଗୃହରେ ସଂଘର ସଭାପତି ଇଂ. ବନମାଳୀ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ବହୁ ସଭ୍ୟ ସଭ୍ୟା ଉପସ୍ଥିତ ହୋଇ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ସଂଗଠନକୁ ସକ୍ରିୟ ରଖିବା ପାଇଁ ପ୍ରସ୍ତାବ ରଖିଥିଲେ। ବିଶେଷ କରି ଅନ୍ୟମାନଙ୍କ ଭଳି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା କ୍ଷେତ୍ରରେ ସୁବିଧା ଓ ଚିକିତ୍ସା ଭତ୍ତା ପ୍ରଦାନ ନିମନ୍ତେ ଆଲୋଚନା ହୋଇଥିଲା। ସମ୍ପାଦକ ଶ୍ରୀ ବସନ୍ତ କୁମାର ନାୟକ ଗତ ବୈଠକର ବିବରଣୀ ପାଠ କରିଥିଲେ। ଅର୍ଥ ସମ୍ପାଦକ ଶ୍ରୀ ଦାମୋଦର ନାୟକ ଆୟ ଓ ବ୍ୟୟର ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ଶ୍ରୀ ସୁଦର୍ଶନ ଦାସ ବକ୍ତବ୍ୟ ସହିତ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ରମାକାନ୍ତ ବେହେରା, ଲୋକନାଥ ମିଶ୍ରଙ୍କ ସୁରେନ୍ଦ୍ର ନାଥ ଦାସ, ଇଂ. ଗୌରାଙ୍ଗ ଚରଣ ସାହୁ, କୁମୁଦ ରଞ୍ଜନ ଗିରି, ଯୋଗେନ୍ଦ୍ର ସିଂ ବକ୍ତବ୍ୟ ରଖିଥିଲେ। ନୂତନ ସଦସ୍ୟା ଉର୍ମିଳାବାଳା ଦାଶଙ୍କୁ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଜିତ୍ କୁମାର ଜେନା, ଦେବେନ୍ଦ୍ର ଚୌଧୁରୀ, ଭବେଶ ଚନ୍ଦ୍ର ପଣ୍ଡା, ରୀତା ରାୟ, ଜ୍ୟୋତ୍ସ୍ନା ରାୟ, ଅରୁଣା ରାୟ, ଜ୍ଞାନେନ୍ଦ୍ର ନାଥ ସାହୁ, ବେଣୁଧର ପାଳ, ପୂର୍ଣ୍ଣଚନ୍ଦ୍ର ସିଂ, ମନୋଜ ବେହେରା, ଉମେଶ ଚନ୍ଦ୍ର ଗୋଚ୍ଛାୟତ, ପୂର୍ଣ୍ଣଚନ୍ଦ୍ର ନାୟକ, ସଞ୍ଜୟ କୁମାର ପଣ୍ଡା, ସାବିତ୍ରୀ ଦାସ, ଇଂ. ଶ୍ରୀରାମ ଚନ୍ଦ୍ର ଦାଶ, ଡ. ତାରାକାନ୍ତ ନନ୍ଦ, କେଶବ ଚନ୍ଦ୍ର ମହାନ୍ତି, ଗୁଣାକର ଦେ, ଅଜୟ ନାୟକ, ପ୍ରଣିତା ମିଶ୍ର, ସ୍ୱର୍ଣ୍ଣଲତା ସ୍ୱାଇଁ, ଇଂ. ହୃଷିକେଶ ସାହୁ, ପଦ୍ମଲୋଚନ ଦତ୍ତ, ଅରୁଣା ରାୟ, କ୍ଷେତ୍ରମୋହନ ନାୟକ ଉପସ୍ଥିତ ଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo